

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୬ ଅକ୍ଟୋବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 16 OCTOBER 2023

Vol.No. 34 ■ No. 273■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ବିଗାଡ଼ିପାରେ 'ସୁପର ଏଲ୍ ନିନୋ': ଭାରତ ଉପରେ ପଡ଼ିପାରେ ପ୍ରଭାବ

ନୂଆଦିଲ୍ଲୀ,୧୫/୧୦ : ଆଗକୁ ଭୟଙ୍କର ବିଗିଡ଼ିବ କି ବିଶ୍ୱର ପାଣିପାଗ? ଆସନ୍ତା ବର୍ଷ ସାରା ବିଶ୍ୱର ପାଣିପାଗ ବିଗାଡ଼ିପାରେ 'ସୁପର ଏଲ୍ ନିନୋ'। ଭାରତର ମୌସୁମୀ ବର୍ଷା ଉପରେ ମଧ ପଡ଼ିପାରେ ଗଭୀର ପ୍ରଭାବ। ଏନେଇ ଆମେରିକୀୟ ପାଣିପାଗ ପୂର୍ବାନୁମାନ ସଂସ୍ଥା ନୋଆ। ଆକଳନ କରାଯାଇଛି ଯେ, ୨୦୨୪ ମାର୍ଚ୍ଚରୁ ମେ' ଭିତରେ ଉତ୍ତର ଗୋଲାର୍ଦ୍ଧରେ ଶକ୍ତିଶାଳୀ ଏଲ୍ ନିନୋ ସୃଷ୍ଟି ହୋଇପାରେ। ଏଲ୍ ନିନୋର ଅର୍ଥ, ଦକ୍ଷିଣ ଆମେରିକା ନିକଟରେ ପ୍ରଶାନ୍ତ ମହାସାଗରରେ ଜଳର ତାପମାତ୍ରା ଅତ୍ୟଧିକ ବୃଦ୍ଧି ପାଇବ। ସଂସ୍ଥା ପକ୍ଷରୁ ଆକଳନ କରାଯାଇଛି ଯେ, ସେଠାରେ ସମୁଦ୍ର ଜଳ ତାପମାତ୍ରା ସ୍ୱାଭାବିକଠାରୁ ୧.୫ ଡିଗ୍ରୀ ସେଲ୍ସିୟସ୍ ବଢ଼ିବାର ସମ୍ଭାବନା ୭୫ରୁ ୮୦ ପ୍ରତିଶତ ରହିଛି। ତେବେ ୩୦ ପ୍ରତିଶତ ସମ୍ଭାବନା ଅଛି ଯେ, ଏହା ହୁଏତ ୨ ଡିଗ୍ରୀ ମଧ ବଢ଼ିଯାଇପାରେ। ଯାହାକି ଇତିହାସରେ ବିରଳ । ୧୯୯୭-୯୮ ଓ ୨୦୧୫-୧୬ ମସିହାରେ ଏଭଳି ସ୍ଥିତି ଉପୁଜିଥିଲା। ବିଶ୍ୱସ୍ତରରେ ବନ୍ୟା ଓ ମରୁଡ଼ି ବିପତ୍ତି ଆସିଥିଲା। ତେବେ ଚିନ୍ତାର ବିଷୟ ହେଉଛି ଯେ, ଭାରତରେ ମଧ ଏହା ଗୁରୁତର ସଂକଟ ସୃଷ୍ଟି କରିପାରେ। ସୁପର ଏଲ୍ ନିନୋ ଯୋଗୁ ଆସନ୍ତାବର୍ଷ ମୌସୁମୀ ବାୟୁ ଦୁର୍ବଳ ହେବାର ଆଶଙ୍କା ରହିଛି। ଏହାଦ୍ୱାରା ମୌସୁମୀ ବର୍ଷା ପରିମାଣ ହ୍ରାସ ପାଇପାରେ ଓ କୃଷିକାର୍ଯ୍ୟ ପ୍ରଭାବିତ ହୋଇପାରେ। ସୁପର ଏଲ୍ ନିନୋ ପ୍ରଭାବରେ ଭାରତର ସ୍ୱାଭାବିକ ପାଣିପାଗ ବିଗିଡ଼ିଯାଇ ଅତ୍ୟଧିକ ବର୍ଷା, ଭୀଷଣ ବନ୍ୟା ଓ କିଛି ସ୍ଥାନରେ ମରୁଡ଼ି ସ୍ଥିତି ମଧ ଦେଖାଦେବାର ଆଶଙ୍କା କରାଯାଉଛି। ଦକ୍ଷିଣ ଭାରତ ତୁଳନାରେ ଉତ୍ତରରେ ଏହାର ଅଧିକ ପ୍ରଭାବ ପଡ଼ିପାରେ। ପୂର୍ବରୁ ଯେତେଥର ଏଲ୍ ନିନୋ ସୃଷ୍ଟି ହୋଇଛି, ଅଧା ଥର ଭାରତରେ ୯୦ ପ୍ରତିଶତରୁ କମ୍ ବର୍ଷା ହୋଇ ମୌସୁମୀ ଋତୁରେ ମରୁଡ଼ି ସ୍ଥିତି ଦେଖାଦେଇଥିବାର ନଜିର ରହିଛି। ତେବେ ୨୦୨୪ ସୁପର ଏଲ୍ ନିନୋ ସଂପର୍କରେ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ କୌଣସି ସୂଚନା ଦିଆଯାଇନି।



## ପ୍ରମାଣ ମିଳିଲା: ଉଡୁଥିଲା ଟଙ୍କା, ୫ ବାରକୁ ନୋଟିସ୍



ଭୁବନେଶ୍ୱର, ୧୫/୧୦ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲୁଛି ବାର। ଆଉ ପୂଳା ପୂଳା ଟଙ୍କା ଉଡୁଥିବା ଅଭିଯୋଗ ହେଉଥିଲା। ଏପରିକି କେତେକ ସ୍ଥାନରେ ରାତି ସାରା ବାର ଖୋଲା ରହୁଥିବା ଓ ନଗ୍ନ ନୃତ୍ୟ ପରିବେଷଣ କରାଯାଉଥିବା ନେଇ କିଛି ବାର ଡ୍ୟାନ୍ସର ଅଭିଯୋଗ କରିଥିଲେ। ଯାହାକୁ ନେଇ ତତ୍ପର ହୋଇଛି କମିଶନରେଟ୍ ପୁଲିସ ଓ ଅବକାରୀ ବିଭାଗ। ରାତି ଅଧିଆ ଯାଞ୍ଚ ପରେ ଆଜି ଭୁବନେଶ୍ୱରରେ ୫ ଡ୍ୟାନ୍ସ ବାରକୁ କାରଣ ଦର୍ଶାଅ ନୋଟିସ କରାଯାଇଛି। କଟକ ରୋଡ୍‌ରେ ଥିବା ୫ଟି ବାରକୁ ଅବକାରୀ ବିଭାଗର ନୋଟିସ୍ କରିଛି। ବାରରେ ଟଙ୍କା ଉଡ଼ାଉଥିବା ପ୍ରମାଣ ପରେ ସୋ' କଜ୍ ନୋଟିସ୍ କରାଯାଇଛି। ରବିବାର ବିଳମ୍ବିତ ରାତିରେ ରାଜଧାନୀରେ ୧୪ଟି ବାର, ପବ୍ ଓ ନାଇଟ୍ କ୍ଲବ୍‌ରେ ଚଢ଼ଉ କରିଥିଲା କମିଶନରେଟ୍ ପୁଲିସର ୨ଟି ସ୍ପେଶାଲ ସ୍କ୍ୱାର୍ଡ। ସେତେବେଳେ ସମୟ ପ୍ରାୟ ୨ଟା ହେବ। ସେହି ସମୟରେ କିଛି ପବ୍ ଓ ନାଇଟ୍ କ୍ଲବ୍‌ରେ କଷ୍ଟମର ବାହାରୁଥିବା ଦେଖା ଯାଇଥିଲା। ଏ ନେଇ ଆମେ ଉପରିସ୍ଥ ଅଫିସରଙ୍କୁ ଜଣାଇବୁ। ଅବକାରୀ ବିଭାଗ ଓ ପୁଲିସ ମଧ୍ୟରେ ଉତ୍ତମ ସମନ୍ୱୟ ରହୁନଥିବା ଯୋଗୁ ବାର ଗୁଡ଼ିକ ବନ୍ଦ ହେବାର ସମୟ ଜାଣିବା ସ୍ପଷ୍ଟ ହୋଇପାରୁ ନାହିଁ। ଆଗାମୀ ଦିନରେ ବାର ଗୁଡ଼ିକ ଉପରେ ଜୋରଦାର ଚଢଉ କରାଯିବ ବୋଲି ଅତିରିକ୍ତ ଡିସିପି କହିଛନ୍ତି। ସୂଚନାରୁ ପ୍ରକାଶ, ରାଜଧାନୀରେ ବାର ଗୁଡ଼ିକରେ ରାତି ସାରା ଖୋଲା ରହୁଛି ଓ ବାର ଗର୍ଲ ନଗ୍ନ ନୃତ୍ୟ ପରିବେଷଣ କରୁଥିବା ଅଭିଯୋଗ ହୋଇଛି। କିଛି ଦିନ ତଳେ ଦୁଇ ଜଣ ବାର ଗର୍ଲ ଏନେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହା ପରେ ଜଣେ ବାର ଗର୍ଲ ଜଣେ ଗ୍ରାହକଙ୍କ ସହିତ ଡିଲ୍ କରୁଥିବାର ଭିଡିଓ ଭାଇରାଲ୍ ହୋଇଥିଲା।

## ଦନ୍ତା ହାତୀର ମୃତଦେହ ଠାବ



ସୁନ୍ଦରଗଡ଼, ୧୫/୧୦ (ନି.ପ୍ର): ଯାଇଛି ଆଉ ଏକ ହାତୀର ଜୀବନ। ସୁନ୍ଦରଗଡ଼ ଜିଲ୍ଲା କୋଇଡା ରେଞ୍ଜ ଓରାଘାଟ ଗାଁର ପାରମସାହିରେ ଏକ ଦନ୍ତା ହାତୀର ମୃତଦେହ ଠାବ କରାଯାଇଛି। ହାତୀଟିର କେମିତି ମୃତ୍ୟୁ ହେଲା, ତାହା ଜଣାପଡ଼ିନି। ଶବ ବ୍ୟବଚ୍ଛେଦ ପରେ ତା'ର ମୃତ୍ୟୁର କାରଣ ସଂପର୍କରେ ଜଣାପଡ଼ିବ। ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ ଜାରି ରଖିଛନ୍ତି। ୨୦୨୧ ମସିହାରେ ଏହି ସମାନ ସ୍ଥାନରେ ଠାବ ହୋଇଥିଲା ଏକ ଦନ୍ତା ହାତୀର ମୃତଦେହ। ନିକଟରେ ବିଧାନସଭାର ମୌସୁମୀ ଅଧିବେଶନ ଚାଲିଥିବା ବେଳେ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତ କହିଥିଲେ ଯେ, ୨୦୧୫-୧୬ରୁ ୨୦୨୩-୨୪ (୨୫.୦୯.୨୦୨୩) ମସିହା ସୁଦ୍ଧା ରାଜ୍ୟରେ ୬୯୮ଟି ହାତୀଙ୍କର ମୃତ୍ୟୁ ଘଟିଛି। ବିଭିନ୍ନ ରୋଗ, ବିଦ୍ୟୁତ୍ ଆଘାତ, ରେଳ ଦୁର୍ଘଟଣା, ଶିକାର ଓ ବିଷ ପ୍ରୟୋଗ ଇତ୍ୟାଦି ବିଭିନ୍ନ କାରଣ ଯୋଗୁ ଏହି ହାତୀମାନଙ୍କର ମୃତ୍ୟୁ ଘଟିଛି। ସେହିଭଳି ଗତ ୫ ବର୍ଷରେ ହାତୀ ଆକ୍ରମଣରେ ୬୦୨ ଜଣଙ୍କ ଜୀବନ ଯାଇଛି। ହାତୀ ୧୨୭ଟି ଗୃହପାଳିତ ପ୍ରାଣୀଙ୍କୁ ମାରିଥିବା ବେଳେ ୯୬୧୧ଟି ଘର ଭାଙ୍ଗିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ଅମାତ ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ଗୃହରେ ଏହି ତଥ୍ୟ ଦେଇଥିଲେ।

## ଭୂମିକମ୍ପରେ ଥରିଲା ରାଜଧାନୀ



ନୂଆଦିଲ୍ଲୀ,୧୫/୧୦ : ଭୟଙ୍କର ଭୂମିକମ୍ପରେ ଥରିଲା ଦେଶର ରାଜଧାନୀ ଦିଲ୍ଲୀ। ଆଜି ମଧାହ୍ନ ୪ଟା ୮ ମିନିଟ୍‌ରେ ଦିଲ୍ଲୀ ଏନ୍‌ସିଆରରେ ପୁଣି ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଛି। ରିକ୍ଟର ସ୍କେଲରେ ଏହାର ତୀବ୍ରତା ୩.୧ ରେକର୍ଡ କରାଯାଇଛି। ଫଳରେ ଲୋକେ ଭୟଭୀତ ହୋଇପଡିଛନ୍ତି। ଦିଲ୍ଲୀ ସମେତ ନଏଡା ଓ ଗାଜିଆବାଦରେ ମଧ ଭୂମିକମ୍ପ ଝଟ୍‌କା ଅନୁଭୂତ ହୋଇଛି। ହରିୟାଣର ଅନେକ ଅଞ୍ଚଳ ମଧ ଦୋହଲିଛି। ସୂଚନା ମୁତାବକ, ଏହି ଭୂମିକମ୍ପର କେନ୍ଦ୍ରସ୍ଥଳ ହରିୟାଣାର ଫରିଦାବାଦଠାରୁ ୯ କିଲୋମିଟର ଗଭୀରତାରେ ଥିବା ଜଣାପଡିଛି। ତେବେ ଏଥିରେ କାହାର କୌଣସି କ୍ଷୟକ୍ଷତି ଘଟିନଥିବା କୁହାଯାଉଛି। ଗତ ୧୫ ଦିନ ମଧ୍ୟରେ ଦ୍ୱିତୀୟ ଥର ପାଇଁ ଦିଲ୍ଲୀରେ ଭୂକମ୍ପର କମ୍ପନ ଅନୁଭୂତ ହୋଇଛି। ଏହା ପୂର୍ବରୁ ଅକ୍ଟୋବର ୩ ତାରିଖରେ ରାଜଧାନୀ ଦିଲ୍ଲୀ ଓ ଏନ୍‌ସିଆରରେ ଭୂମିକମ୍ପ ହୋଇଥିଲା। ଏହି ଭୂକମ୍ପର ଝଟ୍‌କା ଏତେ ତୀବ୍ର ଥିଲା ଯେ, ଲୋକେ ଭୟରେ ଘରୁ ବାହାରି ରାସ୍ତା ଉପରକୁ ଚାଲି ଆସିଥିଲେ। ଏହାର କେନ୍ଦ୍ର ସ୍ଥଳ ନେପାଳ ଥିବା କୁହାଯାଇଥିଲା। ନେପାଳରେ ଗୋଟିଏ ପରେ ଗୋଟିଏ ୪ଟି କମ୍ପନ ଅନୁଭୂତ ହୋଇଥିଲା।

▶▶ପୃଷ୍ଠା ୭

## ସହରାଞ୍ଚଳରେ ଆପାର୍ଟମେଣ୍ଟ କିଣିବାପାଇଁ ବାଟ ଫିଟିଲା

ଭୁବନେଶ୍ୱର, ୧୫/୧୦ (ନି.ପ୍ର): ଆପାର୍ଟମେଣ୍ଟ କିଣାବିକା ନେଇ ବାଟ ଖୋଲିବା ଦିଗରେ ଆଉ ପାଦେ ଆଗେଇଲେ ରାଜ୍ୟ ସରକାର। ଆଣିଲେ ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନାସତ୍ତ୍ୱ ଓ ପରିଚାଳନା ଚିଠା ନିୟମ-୨୦୨୩। ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନାସତ୍ତ୍ୱ ଓ ପରିଚାଳନା ଆଇନ-୨୦୨୩ ଅଧୀନରେ ଆସିଛି ଏହି ନିୟମ। ଏନେଇ ବିଜ୍ଞପ୍ତି ଜାରି କରିଛି ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ। ଚିଠା ନିୟମରେ ଆପାର୍ଟମେଣ୍ଟ କ୍ରେତାଙ୍କ ଆସୋସିଏସନ୍ ଗଠନ ନେଇ ବାଇ ଲ' ବି ଅଣାଯାଇଛି। ଏହାସହ ଏହି ନିୟମ ନେଇ ମତାମତ ଦେବାକୁ ସର୍ବସାଧାରଣଙ୍କୁ ୩୦ ଦିନର ସମୟ ଦେଇଛନ୍ତି ରାଜ୍ୟ ସରକାର। ଆପାର୍ଟମେଣ୍ଟ କିଣାବିକା ନେଇ ବାଟ ଫିଟାଇବାକୁ ଗତ ଜୁଲାଇରେ ଅଧାଦେଶ ଆଣିଥିଲେ ରାଜ୍ୟ ସରକାର। ତେବେ ରୁଲ୍ ଆସି ନପାରିବାରୁ କାର୍ଯ୍ୟକାରୀ ହୋଇପାରୁନଥିଲା ଓଡ଼ିଶା ଆପାଟର୍ମେଣ୍ଟ ମାଲିକାନା ଓ ପରିଚାଳନା ଅଧାଦେଶ। ଫଳରେ ରାଜ୍ୟରେ ସମ୍ପୂର୍ଣ୍ଣ ବନ୍ଦ ରହିଛି ଆପାର୍ଟମେଣ୍ଟ କିଣାବିକା। ଏସବୁ ଭିତରେ ଅକ୍ଟୋବର ୧୦ ସୁଦ୍ଧା ଆପାର୍ଟମେଣ୍ଟ ରୁଲ୍ ଆଣିବାକୁ ସରକାରଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ ହାଇକୋର୍ଟ। ହାଇକୋର୍ଟଙ୍କ ଛାଟ ପରେ ଗତ ବିଧାନସଭା ଅଧିବେଶନରେ ବିଲ୍ ଆଗତ କରି ଏହାକୁ ପାରିତ କରାଯାଇଥିଲା।

## ଜବତ ବାଣ ଓ ମଦ ଚୋରାଚାଲାଣ: ହୋମଗାର୍ଡ ସମେତ ୨ ଗିରଫ

ଖୋର୍ଦ୍ଧା, ୧୫/୧୦ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଥାନାରୁ ଜବତ ବାଣ ଓ ମଦକୁ ଚୋରାଚାଲାଣ କରୁଥିବା ଅଭିଯୋଗରେ ଜଣେ ହୋମଗାର୍ଡଙ୍କ ସମେତ ୨ ଜଣ ଗିରଫ ହୋଇଛନ୍ତି। ଗିରଫ ହୋମଗାର୍ଡଙ୍କ ନାଁ ପ୍ରକାଶ ମୁଦୁଲି। ଅନ୍ୟ ଜଣଙ୍କ ହେଉଛନ୍ତି କାର ଡ୍ରାଇଭର, ଯେଉଁଥିରେ ବାଣ ଓ ମଦ ଚୋରାଚାଲାଣ ହେଉଥିଲା। ଖୋର୍ଦ୍ଧା ଏସ୍‌ଡିପିଓ ଦିଲ୍ଲୀପ ଦାସ ଏହି ସୂଚନା ଦେଇଛନ୍ତି। ଏହି ଘଟଣାରେ ବେଗୁନିଆ ଥାନାର କନଷ୍ଟେବଲ ସିଦ୍ଧେଶ୍ୱର ମହାପାତ୍ର ଓ ହୋମଗାର୍ଡ ସରୋଜ ମହାରଣାଙ୍କର ସଂପୃକ୍ତି ଥିବା ନେଇ ପ୍ରକାଶ କହିଥିଲେ ହେଁ, ସେମାନଙ୍କ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ସେ ସଂପର୍କରେ କିଛି ସୂଚନା ମିଳିପାରି ନାହିଁ। ଶନିବାର ବେଗୁନିଆ ଥାନା ପୁଲିସ କଣ୍ଟାବାଡ଼ ଗାଁରେ ଏକ ବେଆଇ ବାଣ କାରଖାନାରେ ଚଢ଼ାଉ କରି ବିପୁଳ ପରିମାଣରେ ବାଣ ଜବତ କରିବା




ସହିତ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସେହିପରି ବେଗୁନିଆ ଷ୍ଟାଡିୟମ ନିକଟରୁ ଏକ ମଦ ବୋଝେଇ କାରକୁ ଜବତ କରିଥିଲା। ଏହି କାରଟି ସିରିଜ୍ ଦୁର୍ଘଟଣା

▶▶ପୃଷ୍ଠା ୭

## ୨୦୨୪ରେ ନିର୍ବାଚନ ଲଢ଼ିବି ନାହିଁ: ନରସିଂହ ମିଶ୍ର

ଭୁବନେଶ୍ୱର, ୧୫/୧୦ (ନି.ପ୍ର): କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର ଆସନ୍ତା ୨୦୨୪ ନିର୍ବାଚନ ଲଢିବେ ନାହିଁ ବୋଲି କହିଛନ୍ତି। ସେ କହିଛନ୍ତି ଯେ ତାଙ୍କୁ ୮୩ ବର୍ଷ ହେଲାଣି । ତେଣୁ ସେ ଆଉ ନିର୍ବାଚନ ଲଢ଼ିବେ ନାହିଁ । ସେ କହିଛନ୍ତି ଯେ ମାନସିକ ସ୍ତରରେ ନିଷ୍ପତ୍ତି ନେଇଛି ଓ ମୋ ଉପରେ ଦଳ ରହିଛି । ଫାଇନାଲ ନିଷ୍ପତ୍ତି ଦଳ ନେବ ବୋଲି ଆଶା ରହିଥିବା ସେ ପ୍ରକରାଶ କରିଛନିତି । ସେ କହିଛନ୍ତି, ତାଙ୍କ ସାନ ପୁଅ ସମରେନ୍ଦ୍ର ମିଶ୍ର ବଲାଙ୍ଗିରରୁ ପ୍ରାର୍ଥୀ ହେବେ । ସେ କହିଛନ୍ତି ଯେ ସମରେନ୍ଦ୍ର ପ୍ରାର୍ଥୀ ହେବା ଆପାତତଃ ସ୍ଥିର ହେଲେ ଫାଇନାଲ ନୁହେଁ । ସେ ଯଦି ପ୍ରାର୍ଥୀ ହୁଅନ୍ତି ସେ କେବଳ କଂଗ୍ରେସରୁ ହିଁ ଲଢ଼ିବେ ବୋଲି ସେ କହିଛନ୍ତି ।

## ମଧ ପ୍ରଦେଶ, ଛତିଶଗଡ଼ ଓ ତେଲେଙ୍ଗାନା ପାଇଁ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କଲା କଂଗ୍ରେସ

ନୂଆଦିଲ୍ଲୀ,୧୫/୧୦ : ମଧ ପ୍ରଦେଶ, ଛତିଶଗଡ଼ ଓ ତେଲେଙ୍ଗାନା ବିଧାନସଭା ନିର୍ବାଚନ ପାଇଁ ରବିବାର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି କଂଗ୍ରେସ। ଦଳ ମଧ ପ୍ରଦେଶ ପାଇଁ ଏହି ପର୍ଯ୍ୟାୟରେ ୧୪୪ ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଥିବା ବେଳେ ଛତିଶଗଡ଼ ପାଇଁ ୩୦ ଓ ତେଲେଙ୍ଗାନା ପାଇଁ ୫୫ ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି। ମଧ ପ୍ରଦେଶରେ ପୂର୍ବତନ ମୁଖ୍ୟମନ୍ତ୍ରୀ କମଲ ନାଥଙ୍କୁ ଦଳ ଛିନ୍ଦୱାଡ଼ାରୁ ପ୍ରାର୍ଥୀ କରିଛି। ୨୦୧୯ ଉପନିର୍ବାଚନରେ କମଲ ନାଥ ଏହି



ଆସନରୁ ବିଜୟୀ ହୋଇଥିଲେ। ସେହିଭଳି ବରିଷ୍ଠ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗବିଜୟ ସିଂହଙ୍କ ଭାଇ ଲକ୍ଷ୍ମଣ ସିଂହଙ୍କୁ ଚାଚୌଡ଼ା ଆସନରୁ ପୁଣି ପ୍ରାର୍ଥୀ କରିଛି ଦଳ। ୨୦୧୮ ବିଧାନସଭା ନିର୍ବାଚନରେ ଲକ୍ଷ୍ମଣ ସିଂହ ଏହି ଆସନରୁ ବିଜୟୀ ହୋଇଥିଲେ। ଦିଗବିଜୟ ସିଂହଙ୍କ ପୁଅ ଜୟବର୍ଦ୍ଧନ ସିଂହଙ୍କୁ ରାଘୋଗଡ଼ ଆସନରୁ ପ୍ରାର୍ଥୀ କରିଛି କଂଗ୍ରେସ।

▶▶ପୃଷ୍ଠା ୭

## ତେଲେଙ୍ଗାନା ଭୋଟରଙ୍କୁ ପ୍ରତିଶ୍ରୁତିରେ ପୋତି ପକାଇଲେ ବିଆରଏସ ମୁଖ୍ୟ କେସିଆର

### ସରକାରକୁ ଆସିଲେ ୪୦୦ ଟଙ୍କାରେ ସିଲିଣ୍ଡର

ନୂଆଦିଲ୍ଲୀ,୧୫/୧୦ : ତେଲେଙ୍ଗାନା ପାଇଁ ବିଧାନସଭା ତାରିଖ ଘୋଷଣା ହେବା ପରେ ରବିବାର ଦିନ ଶାସକ ଦଳ ବିଆରଏସ ତରଫରୁ ନିର୍ବାଚନ ପାଇଁ ଘୋଷଣାପତ୍ର ଜାରି କରାଯାଇଛି । ବିଆରଏସ ମୁଖ୍ୟ ତଥା ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ କେ, ଚନ୍ଦ୍ରଶେଖର ରାଓଙ୍କ ଦ୍ୱାରା ଜାରି କରାଯାଇଥିବା ନିର୍ବାଚନୀ ପ୍ରତିଶ୍ରୁତି ଆପଣଙ୍କୁ ଚକିତ କରିଦେବ । ସେ ତାଙ୍କ ପ୍ରତିଶ୍ରୁତିରେ ଲେଖିଛନ୍ତି କି, ଯୋଗ୍ୟ ପରିବାରଗୁଡିକୁ ୪୦୦ ଟଙ୍କା ମୂଲ୍ୟରେ ଗ୍ୟାସ ସିଲିଣ୍ଡର ଯୋଗାଇ ଦିଆଯିବ । ଏହାସହ କୃଷକମାନଙ୍କ ପାଇଁ ତେଲେଙ୍ଗାନା ସରକାର ଚଳାଇଥିବା ''ରାୟଥୁ ବନ୍ଧୁ' ଯୋଜନାରେ କୃଷକମାନଙ୍କୁ ଏକର ପ୍ରତି ୧୦ ହଜାର ଟଙ୍କା ମିଳୁଥିବା ବେଳେ ଏଥର ସରକାରକୁ ଆସିଲେ ତାହାର ରାଶି ବୃଦ୍ଧି କରାଯାଇ ୧୬ ହଜାର ଟଙ୍କା ଦିଆଯିବ । କେବଳ ସେତିକି ନୁହେଁ ନିର୍ବାଚନୀ ଘୋଷଣା ପତ୍ର ଜାରି କରି କେସିଆର କହିଛନ୍ତି କି, ୨୦୨୩ରେ ପୁଣି ସରକାର ଗଠନ କଲେ ରାଜ୍ୟର ଦିବ୍ୟାଙ୍ଗ ଲୋକଙ୍କ ସାମାଜିକ ସୁରକ୍ଷା ପାଇଁ ସେମାନଙ୍କୁ ମାସିକ ୬ ହଜାର ଟଙ୍କା ଭତ୍ତା ପ୍ରଦାନ କରାଯିବ । ଏହାସହ ତେଲେଙ୍ଗାନାର ୯୩ ଲକ୍ଷ ବିପିଏଲ ପରିବାରକୁ କେସିଆର ବୀମା ଯୋଜନା ମାଧ୍ୟମରେ ୫ ଲକ୍ଷ ଟଙ୍କାର ବୀମା ପ୍ରଦାନ କରାଯିବ । ସେହିଭଳି ତେଲେଙ୍ଗାନା ସରକାର ଦ୍ୱାରା ଲାଗୁ କରାଯାଇଥିବା ଆରୋଗ୍ୟ ରକ୍ଷା ଯୋଜନା ଓ ଆରୋଗ୍ୟଶ୍ରୀ ଭୀମ୍ ଯୋଜନାର କଭରେଜ ରାଶି ୧୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବ । ସେହିଭଳି ଘୋଷଣାପତ୍ରରେ କୁହାଯାଇଛି କି ହାଇଦ୍ରାବାଦରେ ୧ଲକ୍ଷ ୨ବିଏଚକେ ଘର ନିର୍ମାଣ କରାଯିବ ।

▶▶ପୃଷ୍ଠା ୭



# କୁଟାସିଂହା ଗାଁର ଇଷ୍ଟଦେବୀ ମା' ଅଭୟା

ବଲାଙ୍ଗିର , ୧୫/୧୦ (ନି.ପ୍ର): କୁଟାସିଂହା ଗାଁର ଇଷ୍ଟଦେବୀ ମାଁ ଅଭୟା। ଅଭୟ ଦେସୁ ଡାକି ବୋଲି ନାଁ ତୋର ଅଭୟା। କୁଟାସିଂହା ଗ୍ରାମେ ମାଁ ଗୋ ଉଡୁଛେ ତୋର ଧ୍ୱଯା ! ଗାଁ ପାଖ ଅଙ୍ଗ ନଦୀ କୂଳେ ଓସ୍ତ ଗଛ ମୂଳେ କାହିଁ କେଉଁ କାଳରୁ ମାଁ ଅଭୟା ବିରାଜ ମାନ ହୋଇ ରହିଛନ୍ତି, ଶହେ ବର୍ଷ ପୂର୍ବେ ତତ୍କାଳୀନ ପାଟଣା ମହାରାଜ ପୃଥ୍ୱୀରାଜ ସିଂ ଦେଓ ଆଉ କୁଟାସିଂହା ଗୌନ୍ତିଆ ହରିବୋଲ ପାତ୍ର ଙ୍କ ଅମଳରେ ମାଁ ଙ୍କ ଆବିର୍ଭାବ ହୋଇଥିଲା, ଜନ ଶୃତୀ ରୁ ଯାହା ଜଣା ଯାଏ ଥରେ କୁଟାସିଂହା ଗାଁ ରେ ହଇଜା ବ୍ୟାପି ଗଲା ମଣିଷ, ଗାଈ ଗୋରୁ, ମଇଁଷି, ଛେଳି, ମେଣ୍ଢା ସମସ୍ତେ ମୃତ୍ୟ ମୁଖରେ ପଡିଲେ, ଗାଁ ଲୋକଙ୍କ ମନରେ ଭାଲେଣି ପଡିଗଲା କେମିତି ଏ ବିପଦରୁ ରକ୍ଷା ମିଳିବ, ଠିକ ସେହି ସମୟରେ ଗାଁର ଜଣେ ବ୍ରାହ୍ମଣ ମହିଳା ଗାଁ ପାଖ ନଈ କୁ ଗାଧୋଇ ବାକୁ ଯାଇଥେଲେ, ଗାଧୋଇ ସାରି ଫେରିଲା ବେଳକୁ ମାଁ ଅଭୟା କାଲି ତାଙ୍କ ଦେହରେ ଆବିର୍ଭାବ ହୋଇଗଲେ, ଯେହେତୁ ମାଁ ତାଙ୍କ ଦେହରେ ଆସିଥିଲେ ଘରକୁ ସିଧା ସିଧା ଆସି ସେ ଘର ଲୋକଙ୍କୁ କହିଥିଲେ ତୁମେ ଯଦି ମୋର ପୂଜା ଚର୍ନା କରିବ ଏଇ ହଇଜାରୁ ନିଶ୍ଚିତ ଭାବରେ ମୁଁ ଏ ଗାଁକୁ ରୋଗ ମୁକ୍ତ କରିଦେବି କିନ୍ତୁ ଏ କଥାକୁ କେହି ବିଶ୍ୱାସ କଲେ ନାହିଁ, ହସିଲେ, ଟାହି ଟାପରା କଲେ ତାପରେ ମହିଳା ଜଣକ କହିଲେ କଣ ଭାବୁଛ ତୁମେ ମାନେ, ତୁମର ଯଦି ବିଶ୍ୱାସ ହେଉନାହିଁ ସିଧା ସିଧା ମୋ ପଛରେ ଆସ ତାପରେ ସେ ତାଙ୍କର ସେଇ ପୁରୁଣା ମାଟି ଘରକୁ ଯାହାକୁ ଡ଼ବା ଘର କହି ଥାନ୍ତି ସେଇ ଘରକୁ ସେ ଚାଲିବାକୁ ଲାଗିଲେ ତାଙ୍କ ପଛେ ପଛେ ସମସ୍ତ ଲୋକ ମାନେ ବି ଗଲେ, ସେଇ ଅନ୍ଧାର ଘରେ ପହଂଚିବା କ୍ଷଣୀ ଅନ୍ଧାର ଘର ପୁରା ଆଲୋକ ଚକିତ ହୋଇଗଲା ଏବଂ ତାଙ୍କ ଦେହରେ କିଛି ଫୋଟକା ସୃଷ୍ଟି ହେବାକୁ ଲାଗିଲା ଚକିତ କଳାଭାଲି ଦୃଶ୍ୟ ମାନ ଦେଖା ଗଲା, ଏ ସବୁ ଚମତ୍କାର ଦେଖି ତାପରେ ଲୋକଙ୍କ ବିଶ୍ୱାସ ହୋଇଗଲା ସମସ୍ତେ ମାଁ ଅଭୟା ଙ୍କ ପୂଜା ଚର୍ନା କରିବାକୁ ଲାଗିଗଲେ, ହଇଜା ରୋଗ ଶୋକ କୁଆଡେ ଉଭେଇଗଲା ସେହି ଦିନ ଠାରୁ ଆଜି ପର୍ଯ୍ୟନ୍ତ ଶହେ ବର୍ଷ ରୁ ଉର୍ଦ୍ଧ ହେବ ମାଁ ଅଭୟା କାଳୀଙ୍କ ପୂଜା ଚର୍ନା ବା ଯାତ୍ରା ଧୁମ ଧାମ ଚାଲିଆସୁଛି, ମାଁ ଙ୍କ ମହିମାର ଅନେକ ନଜିର ରହିଛି ଅଂଚଳ ବାସି ଙ୍କ ମୁଁହରୁ ଶୁଣିବାକୁ ନିଶ୍ଚିତ ପାଇବେ, ମାଙ୍କ ପ୍ରିୟ ନଡ଼ିଆ ହୋଇଥିବାରୁ କେହି କେହି ନଡ଼ିଆ ରାଣୀ ମଧ କହିଥାନ୍ତି, ବିପଦ ଆପଦରେ ଭକ୍ତି ଆଉ ସ୍ୱର୍ଚ୍ଚ ମନରେ ନଡ଼ିଆ ଟିଏ ଯାଚି ଯାହା ମନାସିବେ ନିଶ୍ଚିତ ଭାବରେ ତାହା ପୂରଣ କରିଥାନ୍ତି ମାଁ ଅଭୟା, କେହି କେବେ ମାଁ ଙ୍କ ଦୁଆରୁ ଖାଲି ହାତରେ ଫେରିନାହିଁ, ଲକ୍ଷ ଲକ୍ଷ ନଡ଼ିଆ ଟ୍ରକ ରେ ଯାତ୍ରା ସମୟରେ ବିକ୍ରି ପାଇଁ ଆସିଥାଏ ମାଁ ଙ୍କ ଟିକିଏ କରୁଣା ପାଇବା ପାଇଁ ବଜାର ଦର ଠାରୁ କମ ଦାମରେ ନଡ଼ିଆ ବିକ୍ରି କରିଥାନ୍ତି ବେପାରୀ ଭାଇ ମାନେ, ବିଶେଷ କରି ଅନ୍ୟ ଦେବା ଦେବୀ ଙ୍କ ପୂଜା ଚର୍ନା ଚୈତ୍ର ଓ ଦଶହରା ମାସରେ ହୋଇଥାଏ କିନ୍ତୁ ଏହି ଗାଁରେ ମାଁ ଅଭୟା ଙ୍କ ପୂଜା ଚର୍ନା ଜ୍ୟୋଷ୍ଠ ମାସରେ ହୋଇଥାଏ, ଯେଉଁ ମହିଳା ଙ୍କ ଦେହରେ ମାଙ୍କ ଆବିର୍ଭାବ ହୋଇଥିଲା ତାଙ୍କର ବଂଶ ଧର ମାନେ ମାଆଙ୍କ ପୂଜା କରି ଆସୁଛନ୍ତି, ବର୍ତ୍ତମାନ ସେହି ମହିଳାଙ୍କ ଅଣ ନାତି ଆର୍ତ୍ତ ତ୍ରାଣ ପୁରୋହିତ ମାଁ ଙ୍କ ପୁଝାରୀ ଦାୟିତ୍ୱ ରେ ଅଛନ୍ତି, ଜ୍ୟୋଷ୍ଠ ମାସ ଶୁକ୍ଳ ପକ୍ଷ ଅଷ୍ଟମୀ ତିଥିରୁ ଆରମ୍ଭ ହୋଇ ପୂର୍ଣମୀ ପର୍ଯ୍ୟନ୍ତ ସାତ ଦିନ ଧରି ରୀତି ନୀତି ଅନୁସାରେ ମାଁ ଙ୍କ ପୂଜା ଚର୍ନା ହୁଏ, ଯାତ୍ରାର ପ୍ରଥମ ଦିନ ମାଁ ଙ୍କୁ ଓସ୍ତ ଗଛ ମୂଳରୁ ବରଣ କରି ଗାଁ କୁ ଅଣାଯାଏ, ସାତ ଦିନ ଯାକ ସନ୍ଧ୍ୟା ରେ ଛତର ଯାତ୍ରାରେ ବାହାରି ଖୋଲ, ତାଳ, ବାଜା, ଘଣ୍ଟ ବାଦ୍ୟର ତାଳେ ତାଳେ ଗାଁ ପରିକ୍ରମା କରିଥାନ୍ତି ପୁଣି ପୂର୍ଣମୀ ଦିନ ମାଁ ବାହୁଡ଼ି ଯାଆନ୍ତି ସେଇ ଓସ୍ତ ଗଛ ତଳକୁ, ଏବେ ମାଁ ଅଭୟା କାଲି ଯାତ୍ରା ମହସ୍ତବ ବୋଲି ନାମିତ ହୋଇଛି, ଯାତ୍ରାରେ ବହୁ ଲୋକଙ୍କ ସମାଗମ ହୋଇଥାଏ ବଲାଙ୍ଗୀର ସମେତ ସନପୁର, ବରଗଡ, ସମ୍ୱଲପୁର, ବୌଦ୍ଧ, କଳାହାଣ୍ଡି ତଥା ପଡୋଶୀ ରାଜ୍ୟ ମାନଙ୍କରୁ ମଧ ଭକ୍ତ ଙ୍କ ସୁଅ ଛୁଟି ଥାଏ, ଅନ୍ନ ଛତ୍ର, ଜଳ ଛତ୍ର ଆଶୁ ଚିକିତ୍ସା କେନ୍ଦ୍ର, ଦମକଳ, ଆଇନ ଶୃଙ୍ଖଳା ସମସ୍ତ ସୁବିଧା ମାନ ଯୋଗାଇ ଦେଇଥାନ୍ତି ଜିଲ୍ଲା ପ୍ରସାଶନ, ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ବ୍ୟବସ୍ଥା ମଧ ବିଭାଗ କରିଥାଏ।

# ପୁଣି ଦଶମନ୍ତପୁରରେ ବ୍ୟାପିଲା ଝାଡ଼ାବାନ୍ତି: ଜଣଙ୍କର ମୃତ୍ୟୁ ଓ ୪ ଆକ୍ରାନ୍ତ



କୋରାପୁଟ, ୧୫/୧୦ (ନି.ପ୍ର): କୋରାପୁଟ ଜିଲ୍ଲାର ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପିଣ୍ଡା ପଦର ପଞ୍ଚାୟତ ଅଧୀନସ୍ଥ ଦେଓ ଖଡକ ଗାଁରେ ଝାଡ଼ାବାନ୍ତିରେ ଜଣଙ୍କର ମୃତ୍ୟୁ ଓ ୪ ଆକ୍ରାନ୍ତ ହୋଇଥିବା ଜଣାଯାଇଛି। ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗାଁକୁ ଆମ୍ବୁଲାନ୍ସ ଗାଡ଼ି ପହଞ୍ଚି ପାରି ନ ଥିବାରୁ ପଅରଦିନ ବିଳମ୍ବିତ ରାତିରେ ଜଣେ ନାବାଳିକାର ମୃତ୍ୟୁ ହୋଇଥିଲା। ତାଙ୍କର ନାଁ ହେଲା ବାସନ୍ତୀ ମୁଦୁଲି। ଗତକାଲି ଅପରାହ୍ଣରେ ପୁଣି ମୃତ ବାଳିକାର ବଡ଼ ଭଉଣୀ, ସୁରଭି ମୁଦୁଲି (୧୧)କୁ ଷ୍ଟ୍ରେଚରରେ ଭାର ବୋହି, ଅନ୍ଧାରୀ ନଦୀ ପାରି କରି ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ଭର୍ତ୍ତି କରାଯାଇଥିଲା। କେବଳ ସେତିକି ନୁହେଁ, ସେହି ଗ୍ରାମର, ପଦ୍ମନି ମୁଦୁଲି ( ୪୫ ) ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଥିବା ବେଳେ, ସେହି ପଞ୍ଚାୟତର ଶିଶି କୁଡି ଗାଁର, ଭଗବତୀ ପାଇକ(୩୫) ଏବଂ ଶୁକ୍ରି ମୁଦୁଲି(୨୩)ଙ୍କୁ ବାନ୍ତି ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ଗତ କିଛି ଦିନ ତଳେ ସେହି ଗାଁର କେତେକ ଲୋକ ଦୂଷିତ ପାଣି ବ୍ୟବହାର କରି ଝାଡ଼ାବାନ୍ତିର ଶିକାର ହୋଇ ଥିଲେ। ପୁଣି ଆଜି, ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ କେତେ ଲୋକ ଡାକ୍ତରଖାନାରେ ଭର୍ତ୍ତି ହୋଇ ଚିକିତ୍ସା ହେଉଥିବା ଜଣାପଡ଼ିଛି। ଗତ ଥର ମଧ ଡାକ୍ତରଖାନା ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗ ଟିମ୍ ଗାଁରେ ଯାଇ, ଲୋକମାନଙ୍କୁ ସଚେତନତା କରିବା ସହ, ପ୍ରତିଷେଧକ ଔଷଧ ଦେଇ ଫେରିଥିଲେ। ତଥାପି ଦୂଷିତ ପାଣି ଯୋଗୁଁ, ଗାଁରେ ଝାଡ଼ାବାନ୍ତି କମିବାରେ ନାଁ ଧରୁନି ବୋଲି ଗ୍ରାମବାସୀ କହିଛନ୍ତି। ଏସମ୍ପର୍କରେ ଭ୍ରାମ୍ୟମାଣ ଡାକ୍ତର ବ୍ରଜ ବିହାରୀ ନାଥଶର୍ମାଙ୍କୁ ଯୋଗାଯୋଗ କରାଯିବାରୁ ସେ କହିଥିଲେ ଯେ, ଗାଁ ମାନଙ୍କରେ, ସ୍ଥାୟୀ ବିଶୁଦ୍ଧ ପାନୀୟ ଜଳର ସୁବିଧା କରା ଯାଇ ନାହିଁ। ସେହି ଦୂଷିତ ପାଣି ପିଇ ଝାଡ଼ାବାନ୍ତି ରେ ଆକ୍ରାନ୍ତ ହେଉଛନ୍ତି। ଯେତେ ଔଷଧ ଦେଲେ ମଧ, ପିଇବା ପାଣି ଯୋଗୁଁ, ଝାଡ଼ାବାନ୍ତି କମୁ ନାହିଁ ବୋଲି ପ୍ରକାଶ କରିଛନ୍ତି। ତଥାପି, ସ୍ୱାସ୍ଥ୍ୟ ଟିମ୍ ଗାଁରେ ପହଞ୍ଚିବ ବୋଲି କହିଛନ୍ତି। ବିଶେଷ କରି, ଦଶମନ୍ତପୁର ବ୍ଲକରେ ହିଁ, ପାନୀୟ ଜଳର ସମସ୍ୟା ରହିଛି। କିନ୍ତୁ ପାଣି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଆଜି ବି ଦୂଷିତ ପାଣି ବ୍ୟବହାର କରୁଥିବା ଦୁର୍ଭାଗ୍ୟଜନକ ବେଲି କୁହାଯାଇଛି।

## ସାଇବର ଅପରାଧ ସଂପର୍କରେ ସଚେତନତା କାର୍ଯ୍ୟକ୍ରମ

କେନ୍ଦ୍ରାପଡା, ୧୪ ଅକ୍ଟୋବର (ହି.ସ.) ସାଇବର ଅପରାଧ ସଂପର୍କରେ ସଚେତନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସଚେତନତା ରଥ ଜିଲ୍ଲାର ପ୍ରତ୍ୟେକ ପଂଚାୟତ ଓ ପୌରାଂଚଳ ବୁଲି ଜନ ସାଧାରଣଙ୍କୁ ସଚେତନ କରୁଛି। ଏହି ଉପଲକ୍ଷେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନେତୃତ୍ୱରେ ପୁରୁଣା ବସଷ୍ଟାଣ୍ଡ ଠାରେ ଶନିବାର ସଂନ୍ଧ୍ୟାରେ ଏକ ସଚେତନତା କାର୍ଯ୍ୟକ୍ରମ କୁ ଆରକ୍ଷୀ ଅଧିକ୍ଷକ ସନ୍ଦିପ ସମ୍ପଦ ମଡକର ପରିଚାଳନା କରି ଉପସ୍ଥିତ ଥିବା ଶହ ଶହ ଜନ ସାଧାରଣଙ୍କୁ ସାଇବର ଅପରାଧ ରେ ଠକାମୀର ଶୀକାର ନହେବାକୁ ସଚେତନ କରିଥିଲେ । ଏହି ସଚେତନତା ବାର୍ତାରେ ସାଇବର ଅପରାଧୀ ମାନେ ବିଭିନ୍ନ ପ୍ରକାର ଉପାୟ ଅବଲମ୍ବନ କରି ଜନ ସାଧାରଣଙ୍କ ଠାରୁ ଲକ୍ଷ ଲକ୍ଷ ଟଙ୍କା ଠକି ନେଉଛନ୍ତି। ଏହି ଠକାମୀରୁ ଦୂରେଇ ରହିବା ପାଇଁ କୌଣସି ଲୋଭର ବଶବର୍ତୀ ନହୋଇ ନିଜର ଏଟିଏମ କାର୍ଡ, ବ୍ୟାଙ୍କ ଆକାଉଣ୍ଟ ନମ୍ବର, ଓଟିପି ନଦେବା ପାଇଁ ଆରକ୍ଷୀ ଅଧିକ୍ଷକ ଜନ ସାଧାରଣଙ୍କୁ ସଚେତନ କରିଥିଲେ । ଏଥି ସହିତ ନିଜ ମୋବାଇଲ କୁ ଆସୁଥିବା ବିଭିନ୍ନ ଲୋଭ ଦାୟକ ମ୍ୟାସେଜ ଗୁଡିକର କୌଣସି ଉତର ନଦେବା ପାଇଁ ଉପସ୍ଥିତ ଥିବା ଲୋକଙ୍କୁ ବାର୍ତା ଦେଇଥିଲେ । ଆୟୋଜିତ ଏହି ସଚେତନତା ଶିବିରରେ ଏସଡିପିଓ ଦେବେନ୍ଦ୍ର କୁମାର ମଲିକ, ଡିଏସପି ଜ୍ୟୋତି ରଂଜନ ସାମନ୍ତରାୟ, ଟାଉନ ଥାନା ଅଧିକାରୀ ଦିଲିପ କୁମାର ସାହୁ, ଜମାଦାର ନରେନ୍ଦ୍ର ନାଥ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ ।

# ସୁବର୍ଣ୍ଣପୁରରେ ସଂସ୍କୃତି ବିଭାଗ ଦ୍ୱାରା ନୂଆଁଖାଇ ଭେଟଘାଟ ଅନୁଷ୍ଠିତ

ସୁବର୍ଣ୍ଣପୁର, ୧୫/୧୦ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସଦରମହକୁମା ରେ ଜିଲ୍ଲା ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନୂତନ ଟାଉନ ହଲ ରେ ଅପରାହ୍ନ ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜିଲ୍ଲାପାଳ ବିମଳେନ୍ଦୁ ରାୟ ଯୋଗ ଦେଇ ନୂଆଁଖାଇକୁ ସ୍ନେହ ସୌହାର୍ଦ୍ଧ୍ୟ ଓ ଭାଇଚାରାର ପର୍ବ ବୋଲି ଅଭିହିତ କରିଥିଲେ । ସମ୍ମାନିତ ଅତିଥିଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଅଂଜଳିନା ପଧାନ ଏବଂ ପୂର୍ବତନ ସୋନପୁର ବିଧାୟକ ଅଚ୍ୟୁତାନନ୍ଦ ବିଶ୍ୱାଳ ଯୋଗଦେଇ ନୂଆଁଖାଇ ଧାର୍ମିକ ସାମାଜିକ ପାରିବାରିକ ଏକତା ସହିତ କଳା ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଏକ ସୁନ୍ଦର ଅବସର ବୋଲି ମତବ୍ୟକ୍ତ କରିଥିଲେ । ଭିମଭୋଇ କଳା ପରିଷଦର ର କଳାକାର ମାନେ ଗୁରୁ ଉମେଶ କୁମ୍ଭାର ଙ୍କ ନିର୍ଦ୍ଦେଶନାରେ ସ୍ୱାଗତ ସଙ୍ଗୀତ ଓ ବିଭିନ୍ନ ସମ୍ବଲପୁରୀ ଗୀତ ପରିବେଷଣ କରିଥିଲେ । ମମତା ଫ୍ୟାଶନ ସ୍କୁଲ ର କୁନିକୁନି ପୁଅଝିଅ ଅନୁଷ୍ଠାନର ନିର୍ଦ୍ଦେଶିକା ମମତା ଦାଶଙ୍କ ନିର୍ଦ୍ଦେଶନାରେ ସୁନ୍ଦର ରନୱେ ଫ୍ୟାଶନ ଶୋ ରେ ଭାଗ ନେଇଥିଲେ । କୋଶଳ ଆବାସିକ ବିଦ୍ୟାଳୟ ଓ ସାହାରା ଟ୍ରଷ୍ଟ୍ ହାଇସ୍କୁଲର ଛାତ୍ରୀମାନେ ମନୋରମ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ । ନିରାକାର ଦେହେରୀ ଙ୍କ ନିର୍ଦ୍ଦେଶନାରେ ମା ମାହେଶ୍ୱରୀ ସାଂସ୍କୃତିକ ସଂସଦ ବିନିକା ପଂଚରସି ନୃତ୍ୟ ପ୍ରଦର୍ଶନ କରିଥିଲେ । ମା ସାଂସ୍କୃତିକ ଅନୁଷ୍ଠାନ ଭାଗୀଟିକିରା ଡୁଙ୍ଗୁରିପାଲି କରମା ନୃତ୍ୟ ଏବଂ ମା ସମଲେଶ୍ୱରୀ ବାଡ଼ିନୃତ୍ୟ ବାରିଗାଁ ଉଲୁଣ୍ଡା ବାଡ଼ିନୃତ୍ୟ ପରିବେଷଣ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମକୁ ବିଦ୍ୟାପତି ପଣ୍ଡା ସଂଯୋଜନା କରିଥିଲେ । ବିଭିନ୍ନ ମହିଳା ସ୍ୱୟଂସହାୟକ ଦଳ ବିଭିନ୍ନ ପ୍ରକାରର ପିଠା ମଣ୍ଡକ୍ଷ ପ୍ରସ୍ତୁତ କରି ସମସ୍ତଙ୍କୁ ଆପ୍ୟାୟିତ କରିଥିଲେ । ଜିଲ୍ଲା ସଂସ୍କୃତି ଅଧିକାରୀ ଯମୁନା ପଧାନ ଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶଙ୍କ ଉଦ୍ୟମ କ୍ରମେ ବେଟୀ ବଚାଓ ବେଟୀ ପଢ଼ାଓ ସ୍କିମ୍ ରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଅଶି ପ୍ରତିଶତ ଉପରେ ମାର୍କ ରଖିଥିବା ଜିଲ୍ଲାର ୯୩ ଜଣ ଛାତ୍ରୀ ମାନଙ୍କୁ ଜଣପ୍ରତି ୨୨୫୦ ଟଙ୍କା ଲେଖାଏଁ ମୋଟ ୨୦୯୨୫୦ ଟଙ୍କା ର ଚେକ୍ ପ୍ରୋତ୍ସାହନ ସ୍ୱରୂପ ଜିଲ୍ଲାପାଳ ପ୍ରଦାନ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶ୍ୱିନି କୁମାର ଭୋଇଙ୍କ ସହିତ ବିଭିନ୍ନ ବିଭାଗର ଅଧିକାରୀ, ବିଭିନ୍ନ ସ୍କୁଲ କଲେଜ ର ଛାତ୍ରଛାତ୍ରୀ , ସ୍ୱୟଂସହାୟକ ଗୋଷ୍ଠୀ, କଳାକାର, କଳାପ୍ରେମୀ ଜନସାଧାରଣ ,ସାମ୍ବାଦିକ ପ୍ରମୁଖ ଯୋଗଦେଇଥିଲେ ।

# ପୂର୍ବତଟ ରେଳପଥ ମହିଳା ସଙ୍ଗଠନ ସମ୍ବଲପୁର ପକ୍ଷରୁ ବୃକ୍ଷରୋପଣ

ସମ୍ବଲପୁର, ୧୫/୧୦ (ନି.ପ୍ର): ବିପର୍ଯ୍ୟୟ ମୁହାଁ ପରିବେଶର ସୁରକ୍ଷା ତଥା ଉପଯୁକ୍ତ ଯତ୍ନର ନେବାପାଇଁ ପୂର୍ବତଟ ରେଳପଥ ମହିଳା ସଙ୍ଗଠନ ସମ୍ବଲପୁର ପକ୍ଷରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ରେଳନଗର ସ୍ଥିତ ଅଧିକାରୀ କ୍ଲବ୍ ପରିସରରେ ଆୟୋଜିତ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସମ୍ବଲପୁର ରେଳ ମଣ୍ଡଳର ପ୍ରବନ୍ଧକ ବିନୀତ ସିଂ ମୁଖ୍ୟ ଅତିଥି ଓ ଅତିରିକ୍ତ ରେଳ ମଣ୍ଡଳ ପ୍ରବନ୍ଧକ ଆନନ୍ଦ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପରିବେଶ ସନ୍ତୁଳନ ରକ୍ଷା କରିବା ଦିଗରେ ବୃକ୍ଷରୋପଣର ଆବଶ୍ୟକତା ସମ୍ପର୍କରେ ଉପସ୍ଥିତ ମହଲଙ୍କୁ ସାରଗର୍ଭିକ ସଚେତନତା କରାଇଥିଲେ। ଏଥିସହିତ କାର୍ଯ୍ୟକ୍ରମରେ ସାମିଲ ଥିବା ରେଳ କର୍ମଚାରୀ, ସେମାନଙ୍କ ପରିବାର ସଦସ୍ୟ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ସ୍ୱଛ ଓ ସବୁଜ ପରିବେଶ ପାଇଁ ବ୍ୟାପକ ବୃକ୍ଷରୋପଣ ପାଇଁ ଆହ୍ୱାନ ଜଣାଇଥିଲେ। ପୂର୍ବତଟ ରେଳପଥ ମହିଳା ସଙ୍ଗଠନ ସମ୍ବଲପୁରର ଅଧ୍ୟକ୍ଷା ଅଞ୍ଜନୀ ସିଂ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ପୂର୍ବତଟ ରେଳପଥ ମହିଳା ସଙ୍ଗଠନ ସମ୍ବଲପୁରର ସମସ୍ତ ସଦସ୍ୟା, ରେଳ କର୍ମଚାରୀ, ସେମାନଙ୍କ ପରିବାର ସଦସ୍ୟ ସଦସ୍ୟାଙ୍କ ସମେତ ସ୍ଥାନୀୟ ବାସିନ୍ଦାମାନେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ସହଯୋଗ କରି ଏହାକୁ ସଫଳ କରାଇଛନ୍ତି ବୋଲି ସମ୍ବଲପୁର ରେଳ ମଣ୍ଡଳର ଲୋକସମ୍ପର୍କ ଅଧିକାରୀ ତ୍ରିବିକ୍ରମ ସେଠ୍ ସୂଚନା ଦେଇଛନ୍ତି ।

# କୋରାଇ କଂଗ୍ରେସ ପକ୍ଷରୁ ପଥରପଦାରେ ପରିବର୍ତନ ପଦଯାତ୍ରା, ଘରେ ଘରେ ହାତ କାର୍ଯ୍ୟକ୍ରମର ଶୁଭାରମ୍ଭ

କୋରେଇ, ୧୫/୧୦ (ନି.ପ୍ର): କୋରାଇ ବ୍ଲକ କଂଗ୍ରେସ ଦଳ ପକ୍ଷରୁ କୋରାଇ ବ୍ଲକ ଅନ୍ତର୍ଗତ ପଥରପଦା ପଂଚାୟତ କଂଗ୍ରେସ କମିଟି ଅନୁକୂଲ୍ୟରେ ଓଟିନ୍ଦା ଗ୍ରାମରେ ଘରେ ଘରେ ହାତ କାର୍ଯ୍ୟକ୍ରମ ଆଜି ଅପରାହ୍ନରେ ଅନୁଷ୍ଠିତ ହୋଇ ଯାଇଛି । ଏହି ଅବସରରେ ମା ନେଙ୍କୁରୁଶୁଣୀ ପୀଠରୁ ବାହାରି ତାଜପୁର, ଖସାଗଡିଆ, ଓଟିନ୍ଦା ଗ୍ରାମ ପରିକ୍ରମା କରି ମୁଲରୀ ଠାରେ ସମାପନ କରାଯାଇଥିଲା । ବ୍ଲକ କଂଗ୍ରେସ ସଭାପତି ଅକ୍ଷୟ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡା, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ରିତାଶ୍ରୀ ମହାନ୍ତି, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ରାକେଶ ସାହୁ, କୋରେଇ ମହିଳା କଂଗ୍ରେସ ମୁଖ୍ୟ ଜୟନ୍ତୀ ସାହୁ, ପୂର୍ବତନ ବ୍ଲକ ସଭାପତି ମଧୁସୂଦନ ସାହୁ, ଓବିସି ସେଲ ସଭାପତି ନରହରି କୁଅଁର, ପ୍ରମୋଦ ପରିଡା, ଘନଶ୍ୟାମ ପଣ୍ଡା, ନିରଂଜନ ନାୟକ, ଶ୍ୟାମ ସୁନ୍ଦର ଜେନା, ଅଭୟ ସ୍ୱାଇଁ, ମଦନ ମୋହନ ବେହେରା, ରାଜ କିଶୋର ଦାସ, ତଉଲି ସାମଲ, ରବିନ୍ଦ୍ର ସେନାପତି, ବାଦଲ ବେହେରା, ଦିବାକର ବୋଇତାଇ, ପୂର୍ଣ୍ଣ ଚନ୍ଦ୍ର ପରିଡା, ରମେଶ ବାରିକ, ରମେଶ ବିନ୍ଧାଣୀ, ମୃତ୍ୟୁଂଜୟ ଦେବନାଥଶର୍ମା, ଅନନ୍ତ କବି, ସୁଦର୍ଶନ ମହନ୍ତ, ଗଜେନ୍ଦ୍ର କର ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ । ପଥରପଦା ପଂଚାୟତ ସଭାପତି ନାରାୟଣ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ରାଜ୍ୟ ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଏହି କାର୍ଯ୍ୟକ୍ରମରେ ଆଗାମୀ ନିର୍ବାଚନ ପୂର୍ବରୁ ସମସ୍ତ ସ୍ଥାନରେ ଘରେ ଘରେ ହାତ କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତି ନିଆଯାଇଛି । ଗାଁ ଗାଁରେ ଦରଦାମ ବୃଦ୍ଧି, ସରକାରଙ୍କ ଚାଷୀ ମାରଣ ନିତୀ, ବୋକରୀ ବିରୋଧି, ନୂତନ ନିଯୁକ୍ତ ବାବଦରେ ଜନସଚେତନ ସୃଷ୍ଟି କରିବା ସହ ସଙ୍କଳ୍ପ ପଦଯାତ୍ରାର ପ୍ରଚାର ପତ୍ର ବଂଟନ କରାଯାଇଥିଲା । ଶେଷରେ ରାକେଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ସମତେ ଶତାଧିକ ମହିଳା ଓ ପୁରୁଷ କର୍ମୀ ଯୋଗଦେଇଥିଲେ ।

# ସାଇବର ସୁରକ୍ଷା ଅଭିଯାନ ଉଦ୍‌ଯାପିତ: ସଚେତନତା ଓ ସତର୍କତା ଦ୍ୱାରା ହିଁ ସାଇବର ଅପରାଧ ରୋକାଯାଇପାରିବ

କେନ୍ଦୁଝର, ୧୫/୧୦ (ନି.ପ୍ର): ସଂପ୍ରତି ରାଜ୍ୟରେ ତଥା ଦେଶରେ ବଢିଚାଲିଥିବା ସାଇବର ଅପରାଧରକୁ ସଚେତନତା ଓ ସତର୍କତା ଦ୍ୱାରା ହିଁ ରୋକାଯାଇପାରିବ ବୋଲି ମତ ପ୍ରକାଶ ପାଇଛି । କେନ୍ଦୁଝର ଜିଲ୍ଲା ପୋଲିସ ଆନୁକୂଲ୍ୟରେ ଚଳିତ ଅକ୍ଟୋବର ୧୪ ତାରିଖ ଶନିବାର ଦିନ କେନ୍ଦୁଝର ଅଡିଟୋରିୟମଠାରେ ଆୟୋଜିତ ସାଇବର ସୁରକ୍ଷା ସଚେତନତା ଅଭିଯାନର ଉଦ୍‌ଯାପନୀ ସମାରୋହରେ ଅତିଥିମାନେ ଏହି ଆହ୍ୱାନ ଜଣାଇଛନ୍ତି। ଏସ୍‌ପି ନିତିନ କୁଶଲକରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ଆଶିଷ ଠାକ୍‌ରେ ଉଦ୍‌ବୋଧନ ଛଳରେ କହିଥିଲେ ଯେ ବର୍ତମାନ ସାଇବର ଅପରାଧ/ ଠକାମୀ ଏକ ସ୍ୱର୍ଶକାତର ପ୍ରସଙ୍ଗ ହୋଇଥିବାରୁ ଏହାର ମୁକାବିଲା ପାଇଁ ରାଜ୍ୟ ସରକାର ଏବଂ ରାଜ୍ୟ ପୁଲିସ ବିଭାଗଙ୍କ ଏହା ଏକ ପ୍ରଶଂସନୀୟ ପଦକ୍ଷେପ ଯାହାକି ଦେଶ ପାଇଁ ଉଦାହରଣ ସୃଷ୍ଟି କରିଛି । କେନ୍ଦୁଝର ଜିଲ୍ଲାରେ ସାଇବର ଅପରାଧ ରୋକିବା ନିମନ୍ତେ ଜିଲ୍ଲା ପୋଲିସର କ୍ରିୟାଶୀଳ ସଚେତନତା କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ଏସ୍‌ପି ଏବଂ ଟିମ୍‌କୁ ସାଧୁବାଦ ଜଣାଇଥିଲେ। ବୈଷୟିକ ଜ୍ଞାନ କୌଶଳର ଉନ୍ନତି ତଥା ମୋବାଇଲ ଫୋନର ବହୁଳ ବ୍ୟବହାର ଦୃଷ୍ଟିରୁ ସାଇବର ଅପରାଧର ଆଶଙ୍କା ବଢିଛି। ଏହା ଫଳରେ ବିଶେଷତଃ ପିଲା ଓ ଯୁବ ବର୍ଗ ତଥା ବରିଷ୍ଠ ନାଗରିକମାନେ ସାଇବର ଅପରାଧର ଶୀକାର ହେଉଛନ୍ତି। ଏତଦ୍‌ବ୍ୟତୀତ ମନ୍ଦ ଉଦ୍ଦେଶ୍ୟ ରଖି ମୋବାଇଲ/ ସାମାଜିକ ଗଣମାଧ୍ୟମରେ ଅପରାଧିମାନେ ଲୋକଙ୍କୁ ବ୍ଲାକମେଲ କରୁଛନ୍ତି। ଏଣୁ ଅତ୍ୟନ୍ତ ସାବଧାନତାର ସହିତ ମୋବାଇଲ,ସୋସିଆଲ ମିଡିଆର ଉପଯୋଗ କରିବାକୁ ଜିଲ୍ଲାପାଳ ଠାକ୍‌ରେ ଆହ୍ୱାନ ଜଣାଇବା ସହିତ ଓଟିପି ଗୁପ୍ତ ରଖି ଅନ୍ୟ କାହାକୁ ନ ଜଣାଇବା ପାଇଁ କହିଥିଲେ। ଏସ୍‌ପି ନିତିନ କୁଶଲକର ନିଜ ଅଭିଭାଷଣରେ କହିଥିଲେ ଯେ ସମୟର ପରିବର୍ତନ ଓ ବିଜ୍ଞାନ ତଥା ବୈଷୟିକ ଜ୍ଞାନ କୌଶଳର ଅଗ୍ରଗତି ସଂଗେ ସଂଗେ ସାଇବର ଅପରାଧର ସ୍ୱରୂପ ଓ ତରିକା ମଧ୍ୟ ବଦଳୁଛି। ସାଇବର ଅପରାଧିମାନେ ବିଭିନ୍ନ ଉପାୟ ଓ କୌଶଳ ଅବଲମ୍ବନ କରି ଜନସାଧାରଣଙ୍କୁ ଶୋଷଣ କରିବା ସହିତ ହଇରାଣ ହରକତ କରୁଛନ୍ତି। ଲୋଭ ଦେଖାଇ ଲୁଟ କରୁଛନ୍ତି। ସାଇବର ଠକେଇର ଶୀକାର ହେଲେ କ'ଣ କରିବାକୁ ପଡିବ ସେ ସଂପର୍କରେ ବିଶଦ ଭାବେ ଆଲୋକପାତ କରିଥିଲେ ଏବଂ ସାଇବର ଅପରାଧର ଶୀକାର ହେଲେ ତୁରନ୍ତ ହେଲପ୍ ଲାଇନକୁ ଫୋନ କରିବା ସହିତ ପୋଲିସକୁ ଜଣାଇବାକୁ କହିଥିଲେ। ଅନ୍‌ଲାଇନରେ ଆର୍ଥିକ ନେଣ ଦେଣ, ବ୍ୟବସାୟ ସମୟରେ ସତର୍କତା ଅବଲମ୍ବନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। କେନ୍ଦୁଝର ଜିଲ୍ଲାରେ ସାଇବର ଅପରାଧ ସୁରକ୍ଷା ଅଭିଯାନକୁ ପ୍ରଭାବୀ, ଲୋକାଭିମୁଖୀ ଓ ଫଳପ୍ରଦ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ସଂପର୍କରେ ଆଲୋକପାତ କରିଥିଲେ।

## ମେଳା ବ୍ୟବସାୟୀ ସଂଘର ସାଧାରଣ ବୈଠକ

କେନ୍ଦ୍ରାପଡା, ୧୫/୧୦ (ନି.ପ୍ର): ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉ ଅସ୍ଥାୟୀ ମେଳା ବ୍ୟବସାୟୀ ସଂଘର ଏକ ସାଧାରଣ ବୈଠକ ସଂପାଦକ ଚିତ ରଂଜନ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ତଥା ସାମ୍ବାଦିକ ମହମ୍ମଦ ଇଲିଆସ, କାର୍ଯ୍ୟକାରୀ ସଭାପତି ଆଇନଜୀବି ରମଣି ରଂଜନ ରାଉତରାୟ, ଉପ ସଭାପତି ଦିଲିପ କୁମାର ବେହେରା, ରାଜେଶ ଦାସ, ରୀନା ସନା, କାଶୀନାଥ ସାହୁ, ସୁନାକର ସାହୁ, ବାବାଜୀ ମଲିକ, ଧରଣୀ ଜେନା, ମମତା ପୃଷ୍ଟି ପ୍ରମୁଖ ଯୋଗ ଦେଇ ସଂଘର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ । ଏଥି ସହିତ ବିଭିନ୍ନ ଅଂଚଳରେ ଦୁର୍ଗାପୂଜା, କାଳୀପୂଜା, ଲକ୍ଷ୍ମୀପୂଜା ପ୍ରଭୃତି ଆରମ୍ଭ ହେଉଥିବାରୁ ସେ ଅଂଚଳରେ ଅସ୍ଥାୟୀ ମେଳା ବ୍ୟବସାୟୀ ମାନେ କିପରି ଶାନ୍ତି ଶୃଙ୍ଖଳାର ସହ ବ୍ୟବସାୟ କରି ପାରିବେ ସେ ନେଇ ଆଲୋଚନା କରାଯାଇ ଥିଲା ।

# ଭିନ୍ନକ୍ଷମଙ୍କୁ ଯନ୍ତ୍ରଚାଳିତ ୩ ଚକିଆ ସାଇକେଲ ପାଇଁ ପରୀକ୍ଷଣ ଶିବିର

କେନ୍ଦ୍ରାପଡା, ୧୫/୧୦ (ନି.ପ୍ର): ଭିନ୍ନକ୍ଷମ ଙ୍କୁ ଯନ୍ତ୍ର ଚାଳିତ ୩ ଚକିଆ ସାଇକେଲ ପ୍ରଦାନ ପାଇଁ ପରୀକ୍ଷଣ ଶିବିର ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ପୌରସଂସ୍ଥା ଟାଉନ ହଲ ଠାରେ ଶନିବାର ଅନୁଷ୍ଠିତ ହୋଇଛି । ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ଜିଲ୍ଲାର ୯ଟି ବ୍ଲକରେ ଏକ ସପ୍ତାହ ଧରି ପରୀକ୍ଷଣ ଶିବିର ଚାଲିଥିଲା । ଶତକଡା ୮୦ ରୁ ଅଧିକ ଭିନ୍ନକ୍ଷମ ଥିବା ପୋଲିଓ, ପାରାଲିସିସ୍ ଓ ଲୋୟର ଲିମ୍ବ ମସଲ ଦୁର୍ବଳତା ବା ଅସୁସ୍ଥଙ୍କୁ ପରୀକ୍ଷା କରାଯାଇ ୭୫ ଜଣଙ୍କୁ ଚିହ୍ନଟ କରାଯାଇ ଥିବାବେଳେ ସେଥି ମଧ୍ୟରୁ ଶତକଡା ୬୦ ରୁ ୭୯ ପ୍ରତିଶତ ଉପରୋକ୍ତ ପ୍ରକାର ଭିନ୍ନକ୍ଷମ ଥିବା ବ୍ୟକ୍ତି ମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ପରୀକ୍ଷଣ ଶିବିର ଆଜି ଅନୁଷ୍ଠିତ ହୋଇଛି । ଏହି ଶିବିରରେ ମୋଟ୍ ୧୭୪ ଜଣ ଭିନ୍ନକ୍ଷମ ଯୋଗ ଦେଇ ନାମ ପଞ୍ଜିକୃତ କରିଥିଲେ । ୨ ଜଣ ଆଲିମକୋ ଭୁବନେଶ୍ୱର ରୁ ଆସିଥିବା ବିଶେଷଜ୍ଞ ଙ୍କ ଦ୍ୱାରା ପରୀକ୍ଷା କରାଯାଇ ୮୦ ପ୍ରତିଶତ ରୁ ଉର୍ଦ୍ଧ୍ୱ ୧୩ ଜଣ, ୭୦ ପ୍ରତିଶତ ରୁ ଉର୍ଦ୍ଧ୍ୱ ୪୭ ଜଣ, ୬୦ ପ୍ରତିଶତ ରୁ ଉର୍ଦ୍ଧ୍ୱ ୪୪ ଜଣ ପାଇବାକୁ ଯୋଗ୍ୟ ବୋଲି ରିପୋର୍ଟ ପ୍ରଦାନ କରିଛନ୍ତି । ସର୍ବ ମୋଟ୍ ୧୦୪ ଜଣ ଭିନ୍ନକ୍ଷମ ଏହି ଯନ୍ତ୍ର ଚାଳିତ ୩ ଚକିଆ ସାଇକେଲ ପାଇବାକୁ ଯୋଗ୍ୟ ହୋଇଥିବା ବେଳେ ଜିଲ୍ଲାର ୧୭୯ ଜଣ ଏଥିରେ ଯୋଗ୍ୟ ବିବେଚିତ ହୋଇ ୩ ଚକିଆ ସାଇକଲେ ପାଇବେ ବୋଲି ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ପ୍ରକାଶ କରିଛନ୍ତି । ଆଇଓସିଏଲ ପକ୍ଷରୁ ୧୦୪ ଜଣଙ୍କୁ ଦେବାର ବ୍ୟବସ୍ଥା ଥିବା ବେଳେ ଅନ୍ୟ ୭୫ ଜଣଙ୍କୁ ଜିଲ୍ଲା ପ୍ରଶାସନ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଯୋଗାଇ ଦେବାକୁ ମନସ୍ଥ କରିଛି । ଆଜିର ଏହି ଶିବିରକୁ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରିଣୀ ରୂପାଲୀ ପ୍ରିୟଦର୍ଶିନୀଙ୍କ ସମେତ ଜିଲ୍ଲା ଓ ବ୍ଲକର ସମସ୍ତ ସାମାଜିକ ସୁରକ୍ଷା ଅଧିକାରୀ ମାନେ ପରିଚାଳନାରେ ସହଯୋଗ କରିଥିଲେ ।

# ମୋ ଦଳର ଏତଲା ପଦଯାତ୍ରାକୁ ମିଳିଲାନି ଅନୁମତି: ଜେଲଭରୋ ଆନ୍ଦୋଳନ ପାଇଁ ଆହ୍ୱାନ

ଭୁବନେଶ୍ୱର , ୧୫/୧୦ (ନି.ପ୍ର): ଚାଷୀ ଓ ଜଗନ୍ନାଥଙ୍କର ଅମୃତମଣୋହି ଜମି ବେଦାନ୍ତ କମ୍ପାନୀ ବିଶ୍ୱବିଦ୍ୟାଳୟ ପାଇଁ ଶାଗ ମାଛ ଦରରେ ସରକାର ଦେବା ନେଇ ସୁପ୍ରିମକୋର୍ଟ ଭୀଷଣ ଅସନ୍ତୋଷ ପ୍ରକାଶ କରି ରାୟ ଦେଇଥିଲେ। ମକଦ୍ଦମା ଲଢୁଥିବା ଭାରତର ପ୍ରଖ୍ୟାତ ଜନବାଦୀ ଆଇନଜୀବୀ ପ୍ରଶାନ୍ତ ଭୂଷଣ ପୁରୀ ଜିଲ୍ଲା ବେଲଦଳଠାରେ ଗତ ସେପ୍ଟେମ୍ବର ୯ ତାରିଖରେ ଆୟୋଜିତ ହୋଇଥିବା ବେଦାନ୍ତ ବିରୋଧୀ ବିଜୟୀ ଶୋଭାଯାତ୍ରାକୁ ସମ୍ବୋଧିତ କରି କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ନାଁରେ ଅପରାଧିକ ମାମଲା କରାଯାଇ ପାରିବ। ପ୍ରଥମରୁ ବେଦାନ୍ତ ଆନ୍ଦୋଳନରେ ସାମିଲ୍ ଥିବା ନବ ନିର୍ମାଣ ସମିତି ଓ ବର୍ତମାନ ମୋ ଦଳ ବେଦାନ୍ତ ବିଶ୍ୱବିଦ୍ୟାଳୟ ଜମି ମାମଲାରେ ମୁଖ୍ୟମନ୍ତ୍ରୀଙ୍କ ବିରୁଦ୍ଧରେ କ୍ୟାପିଟାଲ ଥାନାରେ ଏତଲା ଦେବା ପାଇଁ ନିଷ୍ପତି ହୋଇଥିଲା। ମାତ୍ର ଏ ନେଇ ଯେତେବେଳେ ପ୍ରାରମ୍ଭିକ ପ୍ରସ୍ତୁତି ପୂର୍ବକ କଟକ-ଭୁବନେଶ୍ୱର କମିଶନରେଟ ପୋଲିସ୍‌କୁ ଅନୁମତି ମଗାଗଲା, ସେତେବେଳେ ଟ୍ରାଫିକ ଶୃଙ୍ଖଳା ଓ ପୁରୁଣା ଅପରାଧିକ ମାମଲା ଦର୍ଶାଯାଇ ଏହି ଅନୁମତି ଆବେଦନକୁ ବାତିଲ୍ କରିଦିଆଗଲା। ଆଜି ଏହି ଅନୁମତି ନଦେବାକୁ ନେଇ ମୋ ଦଳ ରାଜ୍ୟ କାର୍ଯ୍ୟାଳୟରେ ଦଳର କାର୍ଯ୍ୟକାରୀ ସଭାପତି ଅକ୍ଷୟ କୁମାର ଓଡ଼ିଶା ସରକାର ଓ ପୋଲିସ୍ ପ୍ରଶାସନ ଉପରେ ବର୍ଷିଛନ୍ତି। ଶ୍ରୀ କୁମାର କହିଛନ୍ତି ଯେ, ଅହିଂସା ଓ ଶାନ୍ତିପୂର୍ଣ୍ଣ ଉପାୟରେ ଆମେ ମୁଖ୍ୟମନ୍ତ୍ରୀଙ୍କ ନାମରେ ଅକ୍ଟୋବର ୧୭ତାରିଖରେ କ୍ୟାପିଟାଲ ଥାନାରେ ଏତଲା ଦେବୁ। ମୁଖ୍ୟମନ୍ତ୍ରୀଙ୍କ ଧଳା କୁର୍ତା ତଳେ କେତେ କଳା କାରନାମାର ଅଙ୍ଗାରସବୁ ଗଚ୍ଛିତ ହୋଇଛି ତାହା ଓଡ଼ିଶାବାସୀଙ୍କୁ ଜଣାଇବୁ ଓ ଲାଲୁ ଯାଦବ, ଜୟ ଲଳିତା ଓ ଚୌତାଲା ଯେଭଳି ଆଇନର କାର୍ଯ୍ୟାନୁଷ୍ଠାନର ଶିକାର ହୋଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନଙ୍କୁ ସେହି ରାସ୍ତା ଦେଖାଇଦେବୁ। ସେହିଭଳି ରାଜ୍ୟର ଯେଉଁ କାନୁନ ଆମର ବିବେକ ଅନୁମୋଦିତ କାନୁନ ବା ଈଶ୍ୱରୀୟ କାନୁନକୁ ଭାଙ୍ଗିଦେଉଛି, ଆମେ ଈଶ୍ୱରୀୟ କାନୁନକୁ ସ୍ୱୀକାର କରି ସବିନୟ ଆଇନ ଅମାନ୍ୟ ମାଧ୍ୟମରେ ତାର ବିରୋଧ କରିବୁ। ମୁଖ୍ୟମନ୍ତ୍ରୀଙ୍କ ବିରୁଦ୍ଧରେ ଏତଲା ଦେବାକୁ ଯାଇ ଯଦି ଆବଶ୍ୟକ ପଡ଼େ, ତେବେ ଆମ୍ଭେ ଜେଲ୍ ଭରୋ ଆନ୍ଦୋଳନ କରିବୁ ବୋଲି ସେ କହିଛନ୍ତି।

# ଫୁଡ୍ ଆଲର୍ଜି ହେଉଥିଲେ...



ଖାଦ୍ୟ କେବଳ ପେଟ ପୂରିବା ପାଇଁ ନାହିଁ ବରଂ ଏଥିରୁ ମିଳୁଥିବା ପୌଷ୍ଟିକତା ଆମ ଶରୀରରେ ପ୍ରତିରକ୍ଷା ତଦନ୍ତୁକୁ ମଜଭୁତ କରିଥାଏ। କିନ୍ତୁ କିଛି ଖାଦ୍ୟ ଅନେକ ସମୟରେ ଆମ ପ୍ରତିରକ୍ଷା ତନ୍ତ୍ରରେ ସମସ୍ୟା ସୃଷ୍ଟି କରିଥାଏ ଯାହାକୁ ଫୁଡ୍ ଆଲର୍ଜି କୁହାଯାଏ। ସାଧାରଣତଃ ଫୁଡ୍ ଆଲର୍ଜି ହେବା ପିଲାଦିନରୁ ହିଁ ଜଣାଯାଇଥାଏ। ତେଣୁ ସେମାନଙ୍କ ପାଇଁ ଅନେକ ଖାଦ୍ୟ ଖାଇବାରେ ବାରଣ ରହିଥାଏ। ଏହାବ୍ୟତୀତ ସଂକ୍ରମଣ ଖାଦ୍ୟ ଖାଇଲେ ଏବଂ କିଛି ଲୋକଙ୍କର କୌଣସି ନିର୍ଦ୍ଦିଷ୍ଟ ଖାଦ୍ୟକୁ ନେଇ ମଧ୍ୟ ଫୁଡ୍ ଆଲର୍ଜି ଦେଖାଦିଏ। ଫୁଡ୍ ଆଲର୍ଜିକୁ ଛୋଟକଥା ଭାବି ଅବହେଳା କରିବା ଅନୁଚିତ। କାରଣ ଏହି ରୋଗରୁ ଭବିଷ୍ୟତରେ ଆଜମା ଓ ଏକଜିମା ଭଳି ରୋଗ ସସୃଷ୍ଟି ହେବାର ଆଶଙ୍କା ରହିଛି। ତେଣୁ ଫୁଡ୍ ଆଲର୍ଜି ହେବା ଆରମ୍ଭ ହେଲେ ତାହାକୁ ତୁରନ୍ତ ଚିକିତ୍ସକଙ୍କୁ ଦେଖାନ୍ତୁ।

କେଉଁ ଖାଦ୍ୟରୁ ଏହା ସୃଷ୍ଟି ହୋଇଥାଏ ସେହି ଖାଦ୍ୟରୁ ନିଜକୁ ଦୂରେଇ ରଖନ୍ତୁ। ଅତି କମରେ ଆଲର୍ଜି କମିବା ପର୍ଯ୍ୟନ୍ତ ତାହା ବାରଣ କରନ୍ତୁ। ତେଣୁ ଘରେ ଏବଂ ବାହାରେ ଏହି ଖାଦ୍ୟ ଖାଇବାରୁ ନିଜକୁ ସତର୍କ ରହିବା ଉଚ୍ଛିତ୍।

- ଯେଉଁମାନେ ଫୁଡ୍ ଆଲର୍ଜିର ଶିକାର ହେଉଛନ୍ତି, ସେମାନେ ପ୍ରତିଦିନ ସେଓ ସହିତ ଆଳୁଏବଂ ପିଆଜ ଖାଇବା ଉଚିତ। ସେଓରେ ପ୍ରଚୁର ପରିମାଣରେ କ୍ୟୁର୍ସେଟିନ ଭରି ରହିଛି, ଯାହା ଆଲର୍ଜି ପ୍ରଭାବ କମାଇବାରେ ସହାୟକ ହୋଇଥାଏ।

- ଦୁଇ ଗିନା ଡାଲିକୁ କମଳା ସହିତ ଖାଇବା ଦ୍ୱାରା ଆଲର୍ଜି କମିଥାଏ। ଡାଲିରେ ଅଧିକ ପରିମାଣରେ ଆୟୋଡ଼ିନ, ପ୍ରୋଟିନ ଏବଂ ଫଲିକ ଏସିଡ଼ ରହିଛି, ଯାହା ଫୁଡ୍ ଆଲର୍ଜି କମାଇବାରେ ସହାୟକ ହୋଇଥାଏ।



- ମିଠା ଅଙ୍ଗୁର ମଧ୍ୟ ଆଲର୍ଜି ଦୂର କରିବା ପାଇଁ ଫଳପ୍ରଦ।



# ଶାନ୍ତ ଦେଶ ଆଇସଲ୍ୟାଣ୍ଡ



ବିଶ୍ୱର ସବୁଠୁ ଶାନ୍ତିପୂର୍ଣ୍ଣ ଦେଶ ଭାବେ ସର୍ବୋଚ୍ଚ ସ୍ଥାନ ହାସଲ କରିଛି ଆଇସଲ୍ୟାଣ୍ଡ।। ଦୀର୍ଘଦଶବର୍ଷ ଧରି ଏହି ସର୍ବୋଚ୍ଚ ସ୍ଥାନ ଅକ୍ତିଆରା କରିଛି ଆଇସଲ୍ୟାଣ୍ଡ। ନ୍ୟୁଜନିଲାଣ୍ଡ ଓ ପର୍ତ୍ତୁଗାଲ କ୍ରମଶଃ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛି। ସିରିଆ ସହ ଆଫଗାନିସ୍ଥାନ ଓ ଇରାକ ଏହି ତାଲିକଳାରେ ସର୍ବନିମ୍ନ ସ୍ଥାନରେ ରହିଛି। ଭାରତ ୧୩୭ତମ ସ୍ଥାନରେ ରହିଥିବା ବେଳେ ଆମେରିକା ୧୧୪ତମ ସ୍ଥାନରେ ରହିଛି।

# ଟାର୍ଗେଟ ପୂରଣ ନହେବାରୁ ଟଏଲେଟ୍ ପାଣି ପିଇଲେ କର୍ମଚାରୀ

ସୋସିଆଲ ମିଡ଼ିଆରେ ବଡ଼ ଚର୍ଚ୍ଚା ସୃଷ୍ଟି କରିଥିବା ଏକ ଭିଡ଼ିଓ ଏବେ ଚୀନର ପ୍ରଶାସନିକ ଅଧିକାରୀମାନଙ୍କୁ ଚିନ୍ତାରେ ପକାଇଛି। ଭିଡ଼ିଓରେ ଦେଖିବାକୁ ମିଳୁଛି ଯେ ଜଣେ ଯୁବକ ଓ ଜଣେ ଯୁବତୀ ଟଏଲେଟ୍‌ର ଫ୍ଲସକୁ ଅନ୍ କରି ସେଥିରୁ ବାହାରୁଥିବା ପାଣିକୁ ପିଉଛନ୍ତି।

ଏହି ଭିଡ଼ିଓକୁ ନେଇ ବଡ଼ ବିବାଦ ଆରମ୍ଭ ହୋଇଛି। କୁହାଯାଉଛି ଯେ ଯେଉଁ ଦୁଇଜଣ କର୍ମଚଚାରୀ ଗ୍ଲାସରେ ଏହି ପାଣି ପିଉଛନ୍ତି ସେମାନେ ବେକରେ ଆଇକାର୍ଡ଼ ପକାଇଛନ୍ତି। ଅର୍ଥାତ୍ ସେମାନେ ଦୁଇଜଣ ଏକ କମ୍ପାନୀର କର୍ମଚାରୀ। ଏହି କମ୍ପାନୀର ନାମକୁ ଯଦିଓ ଉଲ୍ଲେଖ କରାଯାଇ ନାହିଁ ତେବେ କର୍ମଚାରୀ ଦୁଇଜଣ କେଉଁ କମ୍ପାନୀରେ କାମ କରୁଛନ୍ତି ତାହା ଜଣାପଡ଼ିଯାଇଛି। ଅଭିଯୋଗ ହୋଇଛି ଯେ ଏହି ଦୁଇ କର୍ମଚାରୀ ସେମାନଙ୍କର ଟାର୍ଗେଟ ପୂରଣ କରିପାରି ନଥିବାରୁ କମ୍ପାନୀ ଅଧିକାରୀମାନେ ତାଙ୍କୁ ଏହି ଦଣ୍ଡ ଦେଇଛନ୍ତି। ଅଭିଯୋଗ ଆସିବା ପରେ ଯେତେବେଳେ ପୋଲିସ ଉକ୍ତ କମ୍ପାନୀର ଅଧିକାରୀମାନଙ୍କୁ ଏ ସମ୍ପର୍କରେ ପଚାରିଥିଲେ ସେମାନେ ଏହି ଅଭିଯୋଗକୁ ଖଣ୍ଡନ କରିବା ସହ କହିଥିଲେ ଯେ କମ୍ପାନୀକୁ ବଦନାମ କରିବା ପାଇଁ ଏହି ଚକ୍ରାନ୍ତ କରାଯାଇଛି। ଅନ୍ୟପଟେ ଟଏଲେଟ୍ ପାଣି ପିଇବା ପରେ ଦୁଇ କର୍ମଚାରୀ ଝାଡ଼ାବାନ୍ତି କାରଣରୁ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ପୁଲିସ ଘଟଣାର ସତ୍ୟତାକୁ ନେଇ ଜୋରଦାର ଯାଂଚଞ୍ଚ ଆରମ୍ଭ କରିଛି।

# କ୍ୟାପ୍‌ସିକମ୍ ଓ ସିମ୍‌ଲା ଲଙ୍କାକୁ କେବଳ ସ୍ୱାଦ ନୁହେଁ, ସ୍ୱାସ୍ଥ୍ୟ ପାଇଁ ବି ଖାଆନ୍ତୁ



ଓଜନ ବୃଦ୍ଧି ଆଜିକାଲି ଏକ ସାଧାରଣ ସମସ୍ୟା। ଅଧିକାଂଶ ଲୋକ ଖାଦ୍ୟକୁ ନିୟନ୍ତ୍ରଣ କରି ନିଜ ଓଜନକୁ ଆୟତ୍ତରେ ରଖିଥାନ୍ତି। କିନ୍ତୁ କିଛି ଲୋକ ଖାଦ୍ୟ ନିୟନ୍ତ୍ରଣ ନକରି କେବଳ ବିକଳ୍ପ ଖାଦ୍ୟ ଖୋଜିଥାନ୍ତି। ତାହା ବି କିଛି ମାତ୍ରାରେ ଫଳପ୍ରଦ ହୋଇଥାଏ। ଆପଣ ତ ଜାଣନ୍ତି ଯେ କ୍ୟାପସିକମ୍ ଓ ସିମ୍‌ଲା ଲଙ୍କା ଗୋଟାଏ ଗୋଟାଏ ଲୋକପ୍ରିୟ ପରିବା, ଯାହା ଓଜନ ହ୍ରାସ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ସବୁଜ, ନାଲି ଏବଂ ହଳଦିଆ ଆଦି ଅନେକ ରଙ୍ଗରେ କ୍ୟାପସିକମ୍ ଉପଲବ୍ଧ। ଏଥିରେ ସମସ୍ତ ପ୍ରକାରର ଭିଟାମିନ୍ ଏବଂ ମିନେରାଲ୍ସ ଭରପୂର ପରିମାଣର ଅଛି। ଯେଉଁମାନଙ୍କର ପେଟ ବଢୁଛି, ସେମାନେ ଏହାକୁ ଖାଇ ଓଜନ ହ୍ରାସ କରିପାରିବେ। ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ମେଟାବୋଲିକ୍ ସ୍ୱାସ୍ଥ୍ୟ ପାଇଁ କ୍ୟାପସିକମ୍ ଓ ସିମ୍‌ଲା ଲଙ୍କା ଖାଇବା ଭଲ। ବିଶେଷକରି ଯେଉଁମାନଙ୍କ ଓଜନ ବୃଦ୍ଧି ପାଉଛି ସେମାନଙ୍କ ପାଇଁ ଏହି ଦୁଇ ପରିବା ଖୁବ୍ ଉପକାରୀ। ଓଜନ ହ୍ରାସ କରିବାକୁ ଦିନସାରା କ୍ୟାଲୋରି ହ୍ରାସ କରିବାକୁ ପଡ଼େ। ଯେଉଁଥିପାଇଁ ଏପରି ଖାଦ୍ୟ ଖାଇବା ଉଚିତ ଯେଉଁଥିରେ ଅଧିକ କ୍ୟାଲୋରି ନାହିଁ । କ୍ୟାସ୍ପିକମ୍ ଓ ସିମ୍‌ଲା ଲଙ୍କାରେ ଖୁବ୍ କମ୍ କ୍ୟାଲୋରି ଥାଏ, ଏହା ଓଜନ ହ୍ରାସ ପାଇଁ ଉତ୍କୃଷ୍ଟ ବିକଳ୍ପ। ଏହାକୁ ଖାଇବା ଦ୍ୱାରା କ୍ୟାଲୋରି ବୃଦ୍ଧିରୁ ମୁକ୍ତି ମିଳିଥାଏ। କ୍ୟାପ୍‌ସିକମ୍ ଓ ସିମ୍‌ଲା ଲଙ୍କା ପୁଷ୍ଟିକର ଫାଇବରରେ ଭରପୂର। ଏହା ଉତ୍ତମ ହଜମ କରିଥାଏ ଏବଂ ପେଟକୁ ଭଲ ରଖେ। ଏହି ଦୁଇ ଖାଦ୍ୟକୁ ଖାଇଲେ ଅତିରିକ୍ତ ଚର୍ବି ଶୀଘ୍ର କ୍ଷୟ ହୋଇଥାଏ। ସେଥିପାଇଁ ଏହି ପନିପରିବା ଓଜନ ହ୍ରାସ ଖାଦ୍ୟର ଏକ ଅତ୍ୟାବଶ୍ୟକ ଅଂଶ ହୋଇପାର।

# ନିଦ କମିଗଲେ ମସ୍ତିଷ୍କ ମାନ୍ଦା

ଗୋଟିଏ ରାତି ଯଦି ଆପଣଙ୍କୁ ଭଲ ନିଦ ନହୁଏ ତେବେ ତାହା ମସ୍ତିଷ୍କରେ ପ୍ରଭାବ ପକାଏ। ଏମିତିକା ଅବସ୍ଥା ବହୁଦିନ ଲାଗି ରହିଲେ ମସ୍ତିଷ୍କର କାର୍ଯ୍ୟଦକ୍ଷତା କମିଯାଏ ବୋଲି ଜର୍ଣ୍ଣାଲ ସ୍ଲିପରେ ପ୍ରକାଶ ପାଇଛି। ଅଠର ଜଣ ସୁସ୍ଥ ଯୁବକଙ୍କୁ ରାତିରେ ପୂରା ଆଠ ଘଣ୍ଟା ଶୋଇବାକୁ ଦିଆଯାଇଥିଲା ଓ ତାପରେ ଦିନ ରାତିରେ ସେମାନଙ୍କୁ କୌଣସି କାରଣରୁ କମ୍ ସମୟ ଶୋଇବାକୁ ଦେବାପରେ ଦେଖାଯାଇଥିଲା ସେମାନଙ୍କ ରକ୍ତରେ ଦୁଇଟି ବ୍ରେନ ମଲିକ୍ୟୁଲ ବୃଦ୍ଧି ପାଇଛି। ଏହି ଦୁଇଟି ହେଲା- ନ୍ୟୁରୋନ ସ୍ପେଶିଫିକ୍ ଏନୋଲେସ (ଏନଏସଇ) ଏବଂ ଏସ୍-୧୦୦ କ୍ୟାଲସିୟମ ବାଇଣ୍ଡିଂ ପ୍ରୋଟିନ ବି (ଏସ-୧୦୦ ବି)। ଏହା ରକ୍ତରେ ୨୦ ପ୍ରତିଶତ ବୃଦ୍ଧି ହୋଇଥିଲା। ଯାହା ମସ୍ତିଷ୍କର ତନ୍ତୁକୁ ନଷ୍ଟ କରିଥାଏ। ଏହା ମଧ୍ୟ ରକ୍ତ ଓ ମସ୍ତିଷ୍କ କାର୍ଯ୍ୟକାରିତାରେ ବାଧା ସୃଷ୍ଟି କରେ।

# କ'ଣ ଚା' ପିଇବା ଦ୍ୱାରା କଳା ପଡିଯାଏ ତ୍ୱଚାର ରଙ୍ଗ ! ଜାଣନ୍ତୁ ଏହା ବିଷୟରେ...

**ଭାରତରେ ରହିଛନ୍ତି ଅନେକ ଚା' ପ୍ରେମୀ । ପ୍ରାୟ ଅନେକ ଲୋକଙ୍କର ସକାଳ ଚା' ପିଇବା ସହିତ ଆରମ୍ଭ ହୋଇଥାଏ । କିଛି ଲୋକ ତ ଗୋଟିଏ ଦିନରେ ୧୦-୨୦ କପ ଚା' ପିଇଥାନ୍ତି । କିନ୍ତୁ ଅଧିକ ଚା' ପିଇଲେ ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ । ଅନେକ ସମୟରେ ଶୁଣିଥିବେ ଚା' ପିଇବା ଦ୍ୱାରା ରଙ୍ଗ କଳା ପଡିଯାଏ । କିନ୍ତୁ ଏହି କଥାରେ କେତେ ରହିଛି ସତ୍ୟତା, ଜାଣନ୍ତି କି ? ଆସନ୍ତୁ ଜାଣିବା....**

ସମସ୍ତେ ଜାଣିଥାନ୍ତି ସ୍ୱାସ୍ଥ୍ୟ ପାଇଁ ହାନିକାରକ ଅଟେ ଚା' । ପ୍ରାୟତଃ ଛୋଟ ପିଲାମାନେ ଚା' ପିଇବାକୁ ଜିଦି କରିଥାନ୍ତି । ସେମାନଙ୍କୁ ଭୟଭୀତ କରାଇବା ପାଇଁ ଏପରି କୁହାଯାଇଥାଏ । ତେବେ କିଛି ଲୋକ ଏହି ଗୁଜବକୁ ସତ ବୋଲି ମଧ ମାନି ନେଇଥାନ୍ତି। ବିଶେଷଜ୍ଞଙ୍କ ଅନୁଯାୟୀ, ଏପର୍ଯ୍ୟନ୍ତ କୌଣସି ସଠିକ୍ ପ୍ରମାଣ ମିଳିନାହିଁ ଯେ ଚା' ପିଇବା ଦ୍ୱାରା ଚର୍ମର ରଙ୍ଗ କଳା ପଡିଯାଏ । ଏହା କେବଳ ଆପଣଙ୍କ ଜୀବନଶୈଳୀ ଉପରେ ନିର୍ଭର କରେ । ଅନେକ କୁହନ୍ତି ଯେ ଚା' ପିଇବା ଆମ ଶରୀର ପାଇଁ ଉପକରୀ । ବ୍ଲାକ୍ ଟି, ଗ୍ରୀନ୍ ଟି, ୟେଲୋ ଟି ପିଇବା ଦ୍ୱାରା ଅନେକ ଲାଭ ମିଳିଥାଏ । ଏହା ପିଇବା ଦ୍ୱାରା ଆମ ଶରୀରରେ ଥିବା ଟକ୍ସିକ୍ ପଦାର୍ଥ ବାହାରିଯାଇଥାଏ ଓ ଏହା ଅନେକ ରୋଗରୁ ରକ୍ଷା କରିଥାଏ। ଚାରେ ଆଣ୍ଟିଅକ୍ସିଡାଣ୍ଟ ଥାଏ । ଯାହାକି ଆମ ଶରୀରରେ ଫ୍ରି ରେଡିକାଲର ପ୍ରଭାବକୁ ହ୍ରାସ କରିଥାଏ । ପ୍ରାୟତଃ ସମସ୍ତେ କ୍ଷୀର ଚା' ପିଇବାକୁ ପସନ୍ଦ କରନ୍ତି। ଯାହାକି ଶରୀର ପାଇଁ କ୍ଷତିକାରକ ଅଟେ। କ୍ଷୀର ଚା' ପିଇବା ଦ୍ୱାରା ଶରୀରରେ ହଜମ ଶକ୍ତି ହ୍ରାସ ପାଇଥାଏ। ଏହା ଦ୍ୱାରା କୋଷ୍ଠକାଠିନ୍ୟ ବଢିଥାଏ। ଏହା ସହ ଆପଣଙ୍କୁ ଡାଇବେଟିକ୍ ସମସ୍ୟା ମଧ ହୋଇପାରେ।



# ଏ ହେଉଛି ରାବଣଙ୍କ ଲଙ୍କା: ପାହାଡକୁ ଯିବାକୁ ଲାଗୁଥିଲା ଲିଫ୍ଟ



**ରାବଣ । ନିଜର ଅହଂକାର, ଅତ୍ୟାଚାର ଏବଂ ଜ୍ଞାନ କାରଣରୁ ପୁରାଣ କାଳରୁ ପରିଚିତ । ସମସ୍ତେ ନିଶ୍ଚୟ ଶୁଣିଥିବେ ସୁନାର ଲଙ୍କା ବିଷୟରେ । କିନ୍ତୁ କେହି ଜାଣିନଥିବେ ବର୍ତ୍ତମାନ ସମୟରେ କେଉଁଠି ଏବଂ କିପରି ଅଛି ରାବଣର ସୁନାର ଲଙ୍କା । ଆସନ୍ତୁ ଦେଖିବା ଦଶାନନଙ୍କ ସୁନାର ଲଙ୍କା ବିଷୟରେ...**

ନିକଟ ଅତୀତରେ ସାମ୍ନାକୁ ଆସିଥିଲା ସୁନାର ଲଙ୍କାର ଫଟୋ । ଯାହା ସମସ୍ତଙ୍କୁ ଚକିତ କରିଦେଇଛି । କୁହାଯାଏ କି ହଜାର ହଜାର ବର୍ଷ ପରେ ବି ଆଜି ବି ଏଠାରେ ରାବଣର ଶବ ରହିଛି । କୁହାଯାଏ ରାବଣଙ୍କ ଲଙ୍କା ବର୍ତ୍ତମାନର ଶ୍ରୀଲଙ୍କା । ଶ୍ରୀଲଙ୍କାର ସିଗିରୀୟ ନାମକ ଏକ ସ୍ଥାନ ରହିଛି । ଏଠାରେ ହିଁ ଦଶାନନଙ୍କ ରାଜ ମହଲ ସୁନା ଲଙ୍କା ରହିଛି ବୋଲି କୁହାଯାଉଛି। ଏ ଫଟୋରେ ଦେଖୁଥିବା ପାହାଡ଼ ଏବଂ ପାହାଡ଼ ଉପରେ ଥିବା ବିରାଟକାୟ ପଥର ହିଁ ଥିଲା ରାବଣର ରାଜମହଲ। ଶ୍ରୀଲଙ୍କା ଲୋକେ ଏହାକୁ ସୁନାର ଲଙ୍କା ବା ରାବଣଙ୍କ ରାଜମହଲ ବୋଲି କହିଥାନ୍ତି । ରାବଣ ନିଜର ପୁରା ପରିବାର ସହିତ ଏଠାରେ ରହୁଥିଲେ । ଦଶାନନଙ୍କ ବିନା ଅନୁମତିରେ ଏହି ସ୍ଥାନକୁ କେହି ବି ପ୍ରବେଶ କରିପାରିବେନି । କୁହାଯାଏ କି ରାବଣ ଅଧିକାଂଶ ସମୟ ଏହି ସ୍ଥାନରେ ହିଁ ବିତାଉଥିଲେ । ରାବଣଙ୍କ ରାଜ୍ୟ ଶ୍ରୀଲଙ୍କା ଅନେକ ଅଞ୍ଚଳ ପର୍ଯ୍ୟନ୍ତ ବ୍ୟାପିଥିଲା । ହେଲେ ରାବଣଙ୍କ ପ୍ରିୟ ସ୍ଥାନ ଥିଲା ଏହି ଅଞ୍ଚଳଟି ।

ଏମିତିକି ଏହି ରାଜମହଲକୁ କୁବେର ନିର୍ମାଣ କରିଥିଲେ ବୋଲି କଥା ରହିଛି ।ଆଜିକା ସମୟରେ ଶିଗିରୀୟର ଏହି ପାହାଡ଼ ଉପରେ ଏକ ରାଜମହଲର ଭଗ୍ନାବଶେଷ ରହିଛି । ଏପରିକି ଏଠାରେ ସ୍ନାନ କରିବା ପାଇଁ ପୋଖରୀ, ବୁଲିବା ପାଇଁ ବଡିଚା ରହିଛି । ଯାହାକୁ ଖାସ୍ ଭାବେ ରାଣୀଙ୍କ ପାଇଁ ନିର୍ମାଣ କରାଯାଇଥିଲା । ଏହି ବଗିଚାରେ ରାଣୀ ସକାଳେ ଓ ସନ୍ଧ୍ୟା ବେଳେ ଭ୍ରମଣ କରନ୍ତି ।

ସହରଠାରୁ ଦୂରରେ ଏବଂ ପାହାଡ଼ ଉପରେ ଏହି ମହଲ ଥିବାରୁ ଲୋକଙ୍କୁ ଏହି ସ୍ଥାନକୁ ଯିବାକୁ ବି କଷ୍ଟ ସାଧ ହେଉଥିଲା । ସେହିପରି ଏହି ମହଲକୁ ଚଢ଼ିବାକୁ ହେଲେ ପ୍ରାୟ ଏକ ହଜାର ସିଡି ଦେଇ ଯିବାକୁ ପଡିବ । ରାବଣ ଯୁଗରେ ଲିଫ୍ଟର ବ୍ୟବହର ହେଉଥିଲା ବୋଲି ଅନେକ ସ୍ଥାନରେ ବର୍ଣ୍ଣନା ରହିଛି ।

ଏହି ସ୍ଥାନରେ ପାଣିର ବ୍ୟବସ୍ଥା ପାଇଁ ମଧ୍ୟ ଡ୍ରେନେଜର ସୁବିଧା ମଧ୍ୟ ଥିଲା । ଏଠାରେ ଅନେକ ଗୁମ୍ଫା ମଧ ରହିଛି। ଯେଉଁ ଠାରେ ମାତା ସୀତାଙ୍କୁ ଅପହଣ ପରେ କିଛି ଦିନ ପାଇଁ ରଖା ଯାଇଥିଲା । ଯାହାର ବର୍ଣ୍ଣନା ପୁରାଣରେ ମଧ୍ୟ ରହିଛି। ଏବେ ବି ଏହି ସ୍ଥାନକୁ ବୁଲିବାକୁ ଗଲେ, କିଛି କିଛି ସ୍ଥାନରେ ଚିତ୍ର ରହିଛି । ଯାହାକି ରାମାୟଣ ସମୟର ବୋଲି କୁହାଯାଉଛି ।



ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୬ ଅକ୍ଟୋବର ୨୦୨୩, ସୋମବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ପଛୁଆ ବର୍ଗ ରାଜନୀତି....

ଓବିସି- ଅନ୍ୟାନ୍ୟ ପଛୁଆ ଶ୍ରେଣୀ- ପୁଣିଥରେ ଉଭା ହୋଇଛି ଏକ ରାଜନୀତିକ ପ୍ରସଙ୍ଗ ଭାବରେ, ବିଶେଷକରି ବିହାରରେ ଜାତି-ଆଧାରିତ ଜନଗଣନା ରିପୋର୍ଟକୁ ଏହାର ମୁଖ୍ୟମନ୍ତ୍ରୀ ନୀତୀଶ ଯାଦବ ପ୍ରକାଶ କରିବା ପରେ । ପ୍ରତ୍ୟେକ ଲୋକ ଓ ବିସିମାନଙ୍କୁ ଭଲ ପାଆନ୍ତି । ଏହି ବାର୍ତ୍ତା ସାମ୍ନାକୁ ଆସିଛି ନିକଟରେ ଦେଶର ତିନିଗୋଟି ହିନ୍ଦୀ ହୃଦୟ ରାଜ୍ୟ ବା ହାର୍ଟଲ୍ୟାଣ୍ଡ ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ରୁ। ଏ ତିନୋଟିଯାକ ରାଜ୍ୟରେ ନଭେମ୍ବର ମାସରେ ଅନୁଷ୍ଠିତ ହେବାକୁ ଯାଉଛି ବିଧାନସଭା ନିର୍ବାଚନ । ଅନିବାର୍ଯ୍ୟ ଭାବରେ ତେଣୁ ଏସବୁରେ ଆରମ୍ଭ ହୋଇ ସାରିଛି ନିର୍ବାଚନୀ ପ୍ରଚାର ଓ ସଭା ସମିତି । ଆଉ ଏଗୁଡ଼ିକରେ ଉଭୟ ଭାରତୀୟ ଜନତା ପାର୍ଟି (ବିଜେପି) ଓ କଂଗ୍ରେସ, ଯେଉଁ ଦୁଇଟି ପ୍ରାଧାନ୍ୟ ବିସ୍ତାରକାରୀ ଦଳ, ସଭା ସମିତି ଓ ପ୍ରଚାର ବେଳେ ଓବିସିମାନଙ୍କ ସ୍ୱାର୍ଥ ପ୍ରତି ସେମାନଙ୍କର ପ୍ରତିବଦ୍ଧତା ଉପରେ ଆଲୋକପାତ କରିବାକୁ ଆଦୌ ଭୁଲୁ ନାହାନ୍ତି। ଏହାର ତାତ୍ପର୍ଯ୍ୟ ମଧ ବୁଝିହୁଏ, କାରଣ ସରକାରୀ ସର୍ଭେଗୁଡ଼ିକ ଅନୁସାରେ ଏସବୁ ରାଜ୍ୟରେ ଓ ବିସିମାନଙ୍କର ଉଲ୍ଲେଖନୀୟ ସଂଖ୍ୟାମାନ ରହିଛି, ଯେପରିକି- ରାଜସ୍ଥାନରେ ଓବିସିମାନଙ୍କ ସଂଖ୍ୟା ୪୨ ପ୍ରତିଶତ, ମଧ୍ୟପ୍ରଦେଶରେ ୪୮ ପ୍ରତିଶତ ଏବଂ ଛତିଶଗଡ଼ରେ ୪୩.୫ ପ୍ରତିଶତ। ଏସବୁ ରାଜ୍ୟରେ ଓବିସିମାନଙ୍କ ସ୍ୱାର୍ଥ ଏକ ନିର୍ବାଚନୀ ପ୍ରସଙ୍ଗ ଭାବରେ ଉଭା ହେବା ପଛରେ 'ଇଣ୍ଡିଆ' (ଆଇଏସ୍‌ଡିଆଇଏ) ମେଣ୍ଟର ଏକ ବଡ଼ ଭୂମିକା ରହିଛି, ଯେହେତୁ ଏହା ଜାତିଗତ ଜନଗଣନା ଉପରେ ଅଧିକ ଗୁରୁତ୍ୱ ଆରୋପ କରୁଛି । କଂଗ୍ରେସ, ଯାହା ଜାତିଗତ ଜନଗଣନା ଏବଂ ଓବିସିମାନଙ୍କ ସ୍ୱାର୍ଥ ବାବଦରେ ପ୍ରଗଳ୍ଭ ଭାବରେ କହିବାକୁ ଆରମ୍ଭ କରିଛି, ଆଶା କରୁଛି ଯେ ସମଗ୍ର ଦେଶରେ ବିଜେପି ଇନ୍ଦ୍ରଧନୁ ଭଳି ଯେଉଁ ହିନ୍ଦୁ ମେଣ୍ଟ ତିଆରି କରିଛି, ଏହି ପ୍ରସଙ୍ଗ ତା' ଉପରେ ଘୋଡ଼ଣୀଟିଏ ଭଳି କାମ କରିବ, ଅର୍ଥାତ୍ ବିଜେପିର ହିନ୍ଦୁବାଦକୁ ଢାଙ୍କିଦେବ। ପୁନଶ୍ଚ, ନଭେମ୍ବରରେ ଅନୁଷ୍ଠିତ ହେବାକୁ ଯାଉଥିବା ପାଞ୍ଚଗୋଟିଯାକ ରାଜ୍ୟର ବିଧାନସଭା ନିର୍ବାନଚରେ ଓବିସି ପ୍ରସଙ୍ଗ କିପରି କାମ କରୁଛି, ଜଣା ପଡ଼ିଲା ପରେ ତାହା ୨୦୨୪ ଲୋକସଭା ନିର୍ବାଚନରେ ବିଜେପି ଓ କଂଗ୍ରେସର ନିର୍ବାଚନୀ କୌଶଳଗୁଡ଼ିକୁ ଅବଶ୍ୟ ପ୍ରଭାବିତ କରିବ। ତେବେ ଏସବୁ ଭିତରେ ବିରୋଧାଭାସର କଥା ହେଉଛି, ଓବିସି (ବା ମଣ୍ଡଳ) ରାଜନୀତି ବର୍ତ୍ତମାନ ସୁଦ୍ଧା ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ରେ ଏକ ଲଘୁ ରାଜନୀତିକ ପ୍ରସଙ୍ଗ ଭାବରେ ପ୍ରତିପାଦିତ ହୋଇ ଆସିଛି । ଦେଶର ଉତ୍ତର ଭାଗର ଉତ୍ତରପ୍ରଦେଶ (ୟୁପି), ବିହାର ଏବଂ ହରିୟାନା ଭଳି ରାଜ୍ୟମାନଙ୍କ ସଦୃଶ ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ ଛତିଶଗଡ଼ର ଅଧିବାସୀମାନେ ମଣ୍ଡଳ ରାଜନୀତି ପ୍ରତି ଉତ୍ସାହିତ ନୁହନ୍ତି, ବରଂ ସେମାନେ ଏସବୁ ପ୍ରତି ଉଦାସୀନ ମନୋଭାବ ପ୍ରଦର୍ଶନ କରୁଛନ୍ତି । ଏହା ଅପେକ୍ଷା ସେମାନେ ବରଂ କଂଗ୍ରେସ ଓ ବିଜେପିର ଶାସନ ପଦ୍ଧତି ପ୍ରତି ଅଧିକ ରୁଚି ରଖିଥାନ୍ତି । ଏହାର ଏକ କାରଣ ହୁଏତ ଲୋହିଆଙ୍କ ସମାଜବାଦ ପରମ୍ପରା ପ୍ରତି ସେମାନଙ୍କର ଅନୁରକ୍ତି ହୋଇଥାଇପାରେ, ଯାହା ଉତ୍ତରପ୍ରଦେଶ ଏବଂ ବିହାରରେ ଓବିସି ପରିଚିତି ସହିତ ଉତ୍ତମ ବୁଝାମଣା ପ୍ରତିଷ୍ଠା କରିବା ସଙ୍ଗେ ସଙ୍ଗେ ଐତିହାସିକ ଭାବରେ ଏହାର ସଶକ୍ତିକରଣ ଉପରେ ଗୁରୁତ୍ୱ ଆରୋପ କରିଥିଲା। ପରନ୍ତୁ, କେନ୍ଦ୍ର ଭାରତରେ ଏହାର ପ୍ରଭାବ ସୀମିତ ରହିଥିଲା। ଉଭୟ କଂଗ୍ରେସ ଏବଂ ବିଜେପି, ଯଦିଓ ତୃଣମୂଳ ସ୍ତରରେ ପୃଷ୍ଠପୋଷକତା ରାଜନୀତିରେ ବେଶୀ ଆସ୍ଥା ରଖିଥାନ୍ତି, ତଥାପି ସେମାନେ ଜାତିକୁ ଏକ ଆଦର୍ଶଗତ ପ୍ରସଙ୍ଗ ଭାବରେ ଗ୍ରହଣ କରିବାକୁ ରାଜି ନୁହନ୍ତି, ଯଦ୍ୟପି ସେମାନଙ୍କର ଏହି ମନୋଭାବରେ ପରିବର୍ତ୍ତନ ଘଟିବା ଆରମ୍ଭ ହୋଇଛି । ଉଦାହରଣ ସ୍ୱରୂପ, ରାଜସ୍ଥାନରେ ଓବିସି ଗୋଷ୍ଠୀମାନଙ୍କ ନିମନ୍ତେ ଆଠଗୋଟି କଲ୍ୟାଣକାରୀ ପରିଷଦ ରହିଥିବା ବେଳେ ମଧ୍ୟପ୍ରଦେଶରେ ନଅଟି ରହିଛି ଏବଂ ଛତିଶଗଡ଼ରେ ଏହାର ସଂଖ୍ୟା ହେଉଛି ଚାରି। ଏ ତିନି ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ମଧ ଛାତି ଫୁଲେଇ ଗର୍ବର ସହିତ ଜନସାଧାରଣଙ୍କୁ ସେମାନଙ୍କର ଓବିସି ପରିଚୟ କହୁଛନ୍ତି, ଯାହା ସମାଜରେ ଶ୍ରେଣୀ ବିଭାଜନ ଏବଂ ବିଶ୍ୱାସକୁ ଜାତି କିପରି ପଦ ଦଳିତ କରି ପାରିବାର ସମ୍ଭାବନା ବହନ କରୁଛି, ତା'ର ସୂଚନା ପ୍ରଦାନ କରୁଛି ଏବଂ ଏଥିପାଇଁ ରାଜନୀତିକ ଆନୁଗତ୍ୟକୁ ପୁନର୍ଗଠିତ କରିବାର ଆବଶ୍ୟକତା ରହିଛି । ଏସବୁ ଦୃଷ୍ଟିରୁ ତେଣୁ ଆସନ୍ତା ମାସରେ ଅନୁଷ୍ଠିତ ହେବାକୁ ଯାଉଥିବା ରାଜ୍ୟମାନଙ୍କର ବିଧାନସଭା ନିର୍ବାଚନ ଉପରେ ଓବିସି ପ୍ରସଙ୍ଗକୁ ନେଇ ସମସ୍ତଙ୍କର ତୀକ୍ଷ୍ଣ ଦୃଷ୍ଟି ରହିବ। ତେବେ, ପରିତାପର ବିଷୟ ହେଉଛି, ଏଇ ନିର୍ବାଚନୀ ହୋ ହଲ୍ଲା ଭିତରେ ନିର୍ବାଚନୀ ବିଶ୍ଳେଷଣ ଓ ପ୍ରତିଫଳନ ଦୃଷ୍ଟିରୁ ଅନ୍ୟାନ୍ୟ ପୂର୍ବୋତ୍ତର ରାଜ୍ୟମାନଙ୍କ ଭଳି ମିଜୋରାମ କ୍ୱଚିତ୍ କୌଣସି ସ୍ଥାନ ଅକ୍ତିଆର କରି ପାରୁଛି । ଏହାର କାରଣ, ଏଠାକାର ଲୋକସଭା ଆସନ ସଂଖ୍ୟା । ପୁନଶ୍ଚ, ଏହି କାରଣରୁ ଓ ବିସି ରାଜନୀତିର ଏଠାରେ କିଛି ପ୍ରଭାବ ରହିଥିବା ମଧ ଦେଖିବାକୁ ମିଳୁନାହିଁ । ଅନେକଗୁଡ଼ିଏ ଆକଳନ ଅନୁସାରେ ଆଗାମୀ ନିର୍ବାଚନରେ ଏଠାରେ ମିଜୋ ନ୍ୟାସନାଲ ଫ୍ରଣ୍ଟ ହୁଏତ ମୁଖ୍ୟ ଦଳ ଭାବରେ ଉଭା ହୋଇପାରେ, କିନ୍ତୁ ଏଠାରେ ଝୁଲା ସରକାର ପ୍ରତିଷ୍ଠା ହେବାର ସମ୍ଭାବନା ଅଧିକ । ସେ ଯାହାହେଉ, ଆଗାମୀ ମାସର ନିର୍ବାଚନ ଏବଂ ତା'ର ଫଳାଫଳ ଯେ ୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ ରାଜନୀତିକ ଦଳମାନଙ୍କୁ ସେମାନଙ୍କର କୌଶଳ ନିର୍ଦ୍ଧାରଣ କରିବା ନିମନ୍ତେ ପଥ ପ୍ରଦର୍ଶନ କରିବ, ତାହା ନିଃସନ୍ଦେହରେ କୁହାଯାଇପାରେ।

# ପର୍ବ ପର୍ବାଣୀ



**ଇଂ.ସଚ୍ଚିଦାନନ୍ଦ ନନ୍ଦ**

ବର୍ଷ ଭିତରେ ଅନେକ ପବିତ୍ର ଦିବସ ପଡ଼େ ଏବଂ ଜନସାଧାରଣ ତାହାକୁ ଅତି ଆଗ୍ରହ ଓ ଆନନ୍ଦ ମନରେ ପାଳନ କରିଥାନ୍ତି । କେତେକ ପର୍ବ କେତେକ କିମ୍ବଦନ୍ତୀ ଉପରେ ଆଧାରିତ । ଆଉ କେତେକ ଭଗବାନଙ୍କ ନିର୍ଦ୍ଦେଶାନୁସାରେ ପାଳିତ ହୁଏ । କେତେକ ଦିନିକିଆ ହୋଇଥିବାବେଳେ କେତେକ ବହୁ ଦିବସ ବ୍ୟାପି ପାଳନ କରାଯାଏ । ଆମେ କଳିଯୁଗର ଲୋକେ, ପୂର୍ବ ତିନି ଯୁଗର ଘଟଣା ଉପରେ ଆଧାରିତ ପର୍ବ ପାଳନ କରିଥାଉ । ପ୍ରତ୍ୟେକ ପର୍ବରେ କେତେକ ମହାପୁରୁଷ, ଭକ୍ତ ବା ଆଶ୍ରିତଙ୍କ ସହ ଭଗବାନଙ୍କର ଏକ ଏକ ନାମ, ରୂପର ସମ୍ପୃକ୍ତି ଥିବା ଦେଖାଯାଏ । ଏଗୁଡ଼ିକ ସେ ସମୟର ଏତେ ପ୍ରଭାବଶାଳୀ ଘଟଣା ଯେ ତାହାକୁ ପାଳନ କଲେ ଏ ସମୟର ଲୋକେ ମଧ ଏକ ପ୍ରକାର ମାନସିକ, ନୈତିକ ଓ ଆଧାତ୍ମିକ ସବଳତା ଅନୁଭବ କରନ୍ତି ଏବଂ ଭଗବାନଙ୍କ କୃପା ଲାଭର ଅନୁଭୂତି ଲାଭ କରିଥାନ୍ତି । ପର୍ବ ପାଳନ ସହ ସମ୍ପୃକ୍ତ ଅବତାରଙ୍କ ମହିମା ଗାନ, ତାଙ୍କ ପାଖେ ମଥା ନତ କରିବା, ତାଙ୍କ ଚମତ୍କାରୀ ଗୁଣ ସହ ଲୀଳା କୀର୍ତ୍ତନ ମଧ କରାଯାଇଥାଏ ।

ସବୁଠାରୁ ବଡ଼ ଉପକାର ହେଉଛି, ଈଶ୍ୱରଙ୍କ ଶକ୍ତିର ପ୍ରମାଣ । ଈଶ୍ୱରଙ୍କ ମାନବ ପ୍ରୀତିର ଦୃଷ୍ଟାନ୍ତ, ଈଶ୍ୱରଙ୍କ ସର୍ବଜ୍ଞତ୍ୱର ପରିଚୟ ମିଳିଥାଏ । ପର୍ବ ପାଳନ ଯେଉଁ ବିଷୟ ଓ ଘଟଣା ଉପରେ ଆଧାରିତ ସେ ଯେତେ ଯୁଗର ପୁରୁଣା ହେଲେ ମଧ ଆଜି ବି ଜନମାନସରେ ଅନୁସୃତ । ସେଥିରୁ ଭଗବାନଙ୍କର ସର୍ବମୟତା, ସର୍ବ ସ୍ୱୀକୃତତା ଓ ସର୍ବକାଳରେ ତାଙ୍କ ବିଦ୍ୟମାନତା ପ୍ରଭୃତି ସ୍ପଷ୍ଟ ହୋଇଯାଏ । ଏବେ ଦେଖାଯାଉଛି କେତେକ ଠାକୁର ଠାକୁରାଣୀ ନୂଆ କରି ପୂଜା ହେଉଛନ୍ତି, ନୂଆ ପ୍ରକାର ପୂଜା ପଦ୍ଧତି ଅନୁସୃତ ହେଉଛି । ତା' ଭିତରେ ଦୃଷ୍ଟିପାତ କଲେ ଦେଖାଯାଉଛି ଯେଉଁ ନାମ ଓ ରୂପ ମଣିଷକୁ ଭଲ ଲାଗିଲା ସେ ତା' ଦ୍ୱାରା ଉପକୃତ ହେଲା ଓ ତାହାକୁ ପୂଜା କରି କ୍ରମେ କ୍ରମେ ମନ୍ଦିର ତୋଳାଗଲା ଓ ବର୍ଷର ଗୋଟିଏ ନିର୍ଦ୍ଦିଷ୍ଟ ଦିନ ବା ସମୟରେ ସେହିଠାକୁରଙ୍କୁ କେନ୍ଦ୍ର କରି ଉତ୍ସବ ପାଳିତ ହେଉଛି । ମୌଳିକ ବିଷୟ ହେଉଛି, ମଣିଷ ଜୀବନ ଦୁର୍ଦ୍ଦିନରେ ଆର୍ତ୍ତ ଅବସ୍ଥାରେ ଯେଉଁ ନାମ, ରୂପର ଆଶ୍ରୟ ନେଲା ଏବଂ ଆଶା କରୁଥିବା ଫଳ ପାଇଲା ସେହି ନାମ, ରୂପକୁ ବିଖ୍ୟାତ କରିଦେଲା, ଫଳରେ ଅଧିକ ସଂଖ୍ୟକ ଲୋକ ମଧ ବିପଦରୁ ଉଦ୍ଧାର ପାଇବାକୁ ଇଚ୍ଛା କରି ଫଳ ପାଇଲେ ଏବଂ ସେହି ନାମ ରୂପର ପ୍ରସିଦ୍ଧି ବଢ଼ିବାରେ ଲାଗିଲଣ । ତାଙ୍କ ଆଶ୍ରିତ ମାନଙ୍କ ସଂଖ୍ୟା ବଢ଼ିଲା ଓ ତାହାଙ୍କୁ କେନ୍ଦ୍ର କରି ପର୍ବ ପର୍ବାଣୀ ମାନ ଆରମ୍ଭ ହେଲା । ଏହାର ମୂଳ ସତ୍ୟ ହେଲା ନାମ ଓ ରୂପ ଯାହ ହେଉ ପଛେ ପ୍ରତ୍ୟେକ ଦେବ ଦେବୀଙ୍କର ଅଲୌକିକ ଶକ୍ତି ଅଛି - ତାହା ଉପରେ ବିଶ୍ୱାସ ।

ଆମ ଦେଶରେ ପୁରାଣ କାଳରୁ ବିଶ୍ୱାସ ରହିଆସିଛି ଯେ ଗାଁ ମୁଣ୍ଡ ଗଛ ମୂଳେ ସିନ୍ଦୁର ବୋଳା ଯାଇଥିବା ପଥରଟିରେ ମଧ ଦୈବୀ ଶକ୍ତି ଅଛି, ସେ ମଧ ପ୍ରାର୍ଥନା ଶୁଣିପାରେ ଏବଂ ବାଞ୍ଛିତ ଫଳ ଦେଇପାରେ । ଯେଉଁଥିପାଇଁ ଷାଠିଏ ବର୍ଷ ତଳେ ଗଛ ମୂଳେ ଖରା ବର୍ଷା ଖାଉଥିବା ପଥର ଖଣ୍ଡେ ବର୍ତ୍ତମାନ ମାର୍ବଲ ମନ୍ଦିରରେ ପୂଜା ପାଉଛି ଓ ତାଙ୍କୁ ନେଇ ଉତ୍ସବ ପାଳନ ହେଉଛି । ଏ କଥା କେବଳ ଓଡ଼ିଶାରେ ନୁହେଁ, ଭାରତର ଅନ୍ୟତ୍ର ଦେଖାଯାଉଛି । କେବଳ ହିନ୍ଦୁ ଧର୍ମରେ ନୁହେଁ ବିଭିନ୍ନ ଧର୍ମରେ, ବିଭିନ୍ନ ଦେଶରେ ଏହା ଦେଖିବାକୁ ମିଳିଥାଏ । ଏହା ବ୍ୟତୀତ କେତେକ ଆଧାତ୍ମବାଦୀ ସାଧୁ ବ୍ୟକ୍ତି ତାଙ୍କ ସମାଜସେବା ମାଧ୍ୟମରେ ଲୋକମାନଙ୍କ ଅନ୍ତରରେ ସ୍ଥାନ ଗ୍ରହଣ କରିଥାନ୍ତି ସେମାନଙ୍କ ମୃତ୍ୟୁପରେ ତାଙ୍କ ସମାଧି ବା ଗାଦିକୁ କେନ୍ଦ୍ର କରି କେତେକ ଉତ୍ସବ ଅନୁଷ୍ଠାନ ଗଢ଼ି ଉଠିଲାରି, ତାଙ୍କ ଜନ୍ମଦିନ ଓ ତିରୋଧାନ ଦିବସର ସ୍ମୃତିରେ ପର୍ବ ପର୍ବାଣୀ ପାଳନ କରାଗଲାଣି । ଏହା ଅନ୍ୟ ଧର୍ମ ଭିତରେ ବି ଦେଖାଦେଲାଣି ।

ବେଳେବେଳେ ଗୃହ ନିର୍ମାଣ, ପୋଖରୀ ଖୋଳା ବା କୃଷି କର୍ମ ବେଳେ ମାଟି ତଳୁ କିଛି ପଦାର୍ଥ ମିଳିଯାଉଛି ଓ ଧର୍ମ ଭାବାପନ୍ନ ଲୋକମାନେ ସେଗୁଡ଼ିକୁ ଏକ ଆସ୍ଥାନରେ ରଖି ପୂଜାର୍ଚ୍ଚନା କରିବା ଆରମ୍ଭ କରି ଦେଉଛନ୍ତି ଓ ସେଗୁଡ଼ିକର ଆବିର୍ଭାବ ଦିବସର ସ୍ମୃତିରେ ପର୍ବପର୍ବାଣୀ ଆରମ୍ଭ ହୋଇଯାଉଛି । ଏସବୁ ପ୍ରକାର ସ୍ମୃତିରେ ପାଳିତ ହେଉଥିବା ଉତ୍ସବରୁ ଜଣାଯାଉଛି ଯେ ମଣିଷର ଅନ୍ତରରେ ଯେଉଁ ଦିବ୍ୟ ଭାବ ଓ ଚେତନା ଅଛି ତାହା କେଉଁ ନା କେଉଁ ପ୍ରକାରରେ ପ୍ରକଟିତ ହେଉଛି ଏହି ପର୍ବ ପାଳନ ମାଧ୍ୟମରେ । ଖୁବ୍ ଭଲ ଲକ୍ଷଣ । ମଣିଷ, ବୃକ୍ଷ, ପ୍ରସ୍ତର ବା ଧାତୁ ନିର୍ମିତ ମୂର୍ତ୍ତି ଭିତରେ ଦୈବତ୍ୱ ଆରୋପ କରିପାରୁଛି । ଭଗବାନ ବାବା ଆମକୁ ଆଉ ଟିକିଏ ଉର୍ଦ୍ଧ୍ୱକୁ ଉଠାଇବା ପାଇଁ ନିର୍ଦ୍ଦେଶ ଦିଅନ୍ତି। (ଅବଶିଷ୍ଟାଂଶ ପୃଷ୍ଠା-୭ରେ)

# ତିଆରି ହେଉନି ଶିଶୁଙ୍କ ପାଇଁ ନାଟକ !



**ଅଭୟ କୁମାର ଦାସ**

ଆଜିର ସମୟକୁ ଦେଖନ୍ତୁ। ସୂଚନା ପ୍ରଯୁକ୍ତିର ସର୍ବଶ୍ରେଷ୍ଠ ଓ ସର୍ବଶେଷ କୌଶଳର ସହାୟତାରେ ପିଲାମାନଙ୍କ ପାଇଁ ମନୋରଞ୍ଜନର ସବୁକିଛି ରହିଛି। ହେଲେ ପିଲାଙ୍କ ପାଇଁ ନାଟକ ଆଉ ତିଆରି ହେଉଛି କି ? କୁହାଯାଏ ଆଜିର କୋମଳମତୀ ଶିଶୁ କଳିକା ବା କୁନି କୁନି ପିଲାମାନେ ହେଉଛନ୍ତି ଆସନ୍ତା କାଲିର ଆମ ସମୟର ଜଣେ ଜଣେ ନାଗରିକ । ଯଦି ସେମାନଙ୍କ ମଧ୍ୟରେ ନାଟକ ପ୍ରତି ଉତ୍କଣ୍ଠା ନାହିଁ ତେବେ ଆସନ୍ତା କାଲିର ଭବିଷ୍ୟତ କେମିତି ହେବ ତାହା ଏବେଠାରୁ ଖୁବ୍ ଭଲଭାବେ ଜଣାପଡ଼ି ଯାଉଛି । ସାଧାରଣ ଜନଜୀବନରେ ନାଟକର ବାର୍ତ୍ତା କମ୍ ପ୍ରେରଣାଦାୟକ ନୁହେଁ । ନାଟକ ବ୍ୟକ୍ତିର ବ୍ୟକ୍ତିତ୍ୱ ଗଢ଼ିବାରେ ସହାୟକ ହେବାସହ ଏହା ସାଧାରଣ ଜନଜୀବନର ନିଚ୍ଛକ ଜୀବନ ଚିତ୍ରକୁ ବେଶ୍ ନିଖୁଣ ଭାବରେ ପ୍ରତିକାତ୍ମକ ବାର୍ତ୍ତା ଦେଇ ସମାଜକୁ ଏକ ଭଲ ଶିକ୍ଷା ଦେଇଥାଏ । ନାଟକ ହେଉ ବା ଥିଏଟରର ରଙ୍ଗମଞ୍ଚରେ ବାସ୍ତବଧର୍ମୀ ଚରିତ୍ରର ପ୍ରତିଫଳନ ହୋଇଥାଏ । ଏବଂ ଏହା ଭିତରେ ଠିକ୍ ଓ ଭୁଲ୍‌ର ଅଙ୍କକଷା ଭିତରେ ଏକ ସଂସ୍କାରମୂଳକ ଓ ଗଠନାଭିମୁଖୀ ବାର୍ତ୍ତା ନେଇ ଦର୍ଶକଟି ଘରକୁ ଫେରିଥାଏ । ଆଉ ଯଦି ଦର୍ଶକ ଜଣକ କୋମଳମତି ଶିଶୁ ବା କିଶୋର ହୋଇଥାଏ ତେବେ ସେମାନଙ୍କ ମନରେ ଏହି ବାର୍ତ୍ତା ଆଦର୍ଶରେ ପରିଣତ ହୋଇଥାଏ । ଦିନଥିଲା ଯେଉଁ ସମୟରେ ଏମିତି କିଛି ନାଟକ ଶିଶୁମାନଙ୍କ ପାଇଁ ଯଥେଷ୍ଟ ଆଦର୍ଶର ବାର୍ତ୍ତା ସୃଷ୍ଟି କରିପାରୁଥିଲା । ନାଟ୍ୟକାରମାନେ ଶିଶୁ ଦର୍ଶକଙ୍କ ଉପସ୍ଥିତି ଓ ପ୍ରଭାବକୁ ଲକ୍ଷ୍ୟ ରଖି କାହାଣୀ ଓ ଚରିତ୍ର ସୃଷ୍ଟି କରୁଥିଲେ । ଶିଶୁ ନାଟକର ଦୁଇଟି ଗଠନ ଉପଯୋଗୀ ଦିଗ ରହୁଥିଲା ପ୍ରଥମତଃ ଏହା କୁନି ପିଲାଟି ପାଇଁ ଆଦର୍ଶ ସୃଷ୍ଟି କରୁଥିବାବେଳେ ସେମାନଙ୍କର ବୌଦ୍ଧିକ ଓ ମାନସିକ ବିକାଶକୁ ଯଥେଷ୍ଟ ଭାବରେ ପ୍ରେରଣା ଯୋଗାଉଥିଲା ।

'ଅମୃତ ସନ୍ତାନ', 'ଜନ୍ମ ଭୂମି', 'ନୂଆ ସକାଳ', 'ଆଶୀର୍ବାଦ', 'ବାଟଘାଟ' ପରି ଅନେକ ଶିଶୁ ନାଟକର କାଳଜୟୀ ସ୍ରଷ୍ଟା ନାରାୟଣ ରାୟ ମହାପାତ୍ର ଏ କ୍ଷେତ୍ରରେ ଜଣେ ପ୍ରଭାବଶାଳୀ ନାଟ୍ୟକାର ଭାବରେ ସର୍ବତ୍ର ପରିଚିତ ଥିଲେ । କାଳଜୟୀ ନାଟ୍ୟକାର ସାତ୍ତ୍ୱିକ ରାଜାଙ୍କ ପ୍ରମୁଖ ଗଠନ ଉପଯୋଗୀ ଶିଶୁ ନାଟକ ଗୁଡ଼ିକ ଭିତରେ -'ବିଚାର', 'ମାଲୁଣିଆଇ', 'କୁହୁକ ଦୀପ', 'ହୁଅନ୍ତି କି ରାଜା ଦିନକ ପାଇଁ', 'କୁନି ପାଦେ ତୋର ଅଳତା ଗାର' ଓ ଅନେକ । ବର୍ଷ ବର୍ଷ ଧରି ଶିଶୁ ନାଟକ ରଚନାରେ ବେଶ୍ ପାରଙ୍ଗମ ଥିବା ନାମକରା ନାଟ୍ୟକାର ତନୟା ଦାସ ଗୋସ୍ୱାମୀଙ୍କ ପ୍ରସିଦ୍ଧ ନାଟକ ଗୁଡ଼ିକ ଭିତରେ 'ଫୁଲ ପତର', 'ଡାଳ ପତର', 'ସଲିମ୍ ସାର', 'ଢେ଼ଲାପଥର' ଅନ୍ୟତମ । କିନ୍ତୁ ଆଜିର ବ୍ୟସ୍ତବହୁଳ ଓ ତେଲଲୁଣର ସଂସାରକୁ ନେଇ ଅହର୍ନିଶ ଜୀବନ ସଂଗ୍ରାମରେ ଝୁଣ୍ଟିପଡ଼ୁଥିବା ଚରିତ୍ରଙ୍କୁ ନେଇ ଆଉ ସେପରି ଶିଶୁ ନାଟକ ତିଆରି ହେଉନି । ଓଡ଼ିଶାରେ ଯେ ନାଟ୍ୟାନୁଷ୍ଠାନ ନାହାନ୍ତି ତାହା ନୁହେଁ କିନ୍ତୁ ମାଳ ମାଳ ସୌଖିନ ନାଟ୍ୟ ସଂସ୍ଥା ରହିଥିଲେ ବି କିଛି ହାତ ଗଣତିକୁ ଛାଡ଼ିଦେଲେ ଶିଶୁନାଟକ କରିବାକୁ ଆଉ କେହି ବି ଆଗଭର ହେଉନାହାଁନ୍ତି । ପୁରୁଣା ଦିନକୁ ଫେରି ଚାହିଁଲେ ଜଣାଯାଏ ୧୯୮୦ରୁ ୯୦ ଦଶକରେ ଶିଶୁ ନାଟକ କ୍ଷେତ୍ରରେ ଓଡ଼ିଶା ସର୍ବ ଭାରତୀୟ ସ୍ତରରେ ବେଶ୍ ପ୍ରସିଦ୍ଧ ଲାଭ କରିଥିଲା । ରାଜ୍ୟ ସଂସ୍କୃତି ବିଭାଗ ଦ୍ୱାରା ପରିଚାଳିତ ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ସହ ଅନେକ ସୌଖିନ ନାଟ୍ୟସଂସ୍ଥାନ ମାନେ ଶିଶୁ ନାଟକ ମହୋତ୍ସବ ବେଶ୍ ଆନନ୍ଦ ଉଲ୍ଲାସ ମଧ୍ୟରେ କରୁଥିଲେ । ଓଡ଼ିଶାରେ ସର୍ବପ୍ରଥମେ ଶିଶୁ ନାଟକ କ୍ଷେତ୍ରରେ ଆଗେଇ ଆସିଥିବା ଅନୁଷ୍ଠାନ ଭିତରେ ସୃଜନୀ ଓ ଶତାବ୍ଦୀର କଳାକାର ଅନ୍ୟତମ । ୧୯୮୯ରେ ସଂଗୀତ ନାଟକ ଏକାଡ଼େମୀର ସହଯୋଗରେ ଶିଶୁ ନାଟକ ମହୋତ୍ସବ ଏହି କ୍ଷେତ୍ରରେ ଉତ୍ସାହ ଓ ନୂଆ ଦିଗନ୍ତ ସୃଷ୍ଟି କରିଥିଲା । କାରଣ ଶିଶୁ ନାଟକ ଲେଖୁଥିବା ନାଟ୍ୟକାରମାନେ ଏଥିରୁ ବେଶ୍ ପ୍ରେରଣା ପାଇଥିଲେ । କିନ୍ତୁ ୧୯୯୫ ପର ଠାରୁ ଏହି ଶିଶୁ ନାଟକ ମହୋତ୍ସବ ଆଉ ଅନୁଷ୍ଠିତ ହେଲାନାହିଁ । ପୂର୍ବରୁ ଗୀତିନାଟ୍ୟର ପ୍ରଭାବ ରହୁଥିଲା ଯେଉଁଥିରେ ପୌରାଣିକ, ସାମାଜିକ ବ୍ୟବସ୍ଥା ସହ ସଂସ୍କାରଧର୍ମୀର ବାର୍ତ୍ତା ଜନଜୀବନରେ କୁନି କୁନି ପିଲାଙ୍କୁ ସେମାନଙ୍କ ହୃଦୟକୁ ଛୁଇଁବାରେ ବେଶ୍ ପ୍ରଭାବଶାଳୀ ରହୁଥିଲା । ଶିଶୁ ନାଟକର ଗୀତିନାଟ୍ୟ ଭିତରେ ସବୁଠାରୁ ଚେତନାପ୍ରଦାୟକ ଓ କାଳଜୟୀ ପାଲଟିଥିବା ଶିଶୁ ନାଟକ ହେଉଛି 'ଲବକୁଶ', 'ଅମୃତ ସନ୍ତାନ', 'ବୀରଶିଶୁ ନାଗାର୍ଜ୍ଜୁନ' ଓ 'ଶିକ୍ଷାଲୋକ' । ସଂପ୍ରତି ବିଦ୍ୟାଳୟରେ ଶିଶୁ ନାଟକ ପରିବର୍ତ୍ତେ ପିଲାଙ୍କ ସୃଜନଶୀଳତା ପାଇଁ ନାଚଗୀତର ଆୟୋଜନ ହେଉଛି କିନ୍ତୁ ଆଗେ ଯେଉଁପରି ତୃଣମୂଳ ସ୍ତରରୁ ଏହି ନାଟକ ପାଇଁ ପ୍ରୋତ୍ସାହନ ଓ ସହଯୋଗ ମିଳୁଥିଲା ବର୍ତ୍ତମାନ କିନ୍ତୁ ଆଉ ତାହାସବୁ ନାହିଁ । ବର୍ତ୍ତମାନ ବି ଅନେକ ଖ୍ୟାତନାମା ଶିଶୁ ନାଟ୍ୟକାରଙ୍କ ପାଣ୍ଡୁଲିପି ଧୂଳି ଚାଟୁଛି । ଏହାକୁ ପ୍ରକାଶନ କରିବା ପାଇଁ ନାଁ ପ୍ରକାଶନର ସଂସ୍ଥାର ଆଗ୍ରହ ରହିଛି ନାଁ ସରକାରୀ ହେଉ ବା ବେସରକାରୀ ସହାୟତାର ବ୍ୟବସ୍ଥା । ରାଜ୍ୟରେ ଶିଶୁ ନାଟକକୁ ପୁର୍ନଜୀବନ ଦେବା ପାଇଁ ସରକାରୀ ସ୍ତରରେ ରାଜ୍ୟ ସଂଗୀତ ନାଟକ ଏକାଡ଼େମୀର ସହଯୋଗ ନିତ୍ୟାନ୍ତ ପ୍ରୟୋଜନ । ନଚେତ୍ ଶିଶୁଙ୍କ ପାଇଁ ଆଉ ଗୋଟିଏ ବି ନାଟକ କେଉଁଠି ଦେଖିବାକୁ ମିଳିବନି ଅବଶ୍ୟ ଇଣ୍ଟରନେଟ୍ ଓ ସୂଚନା ପ୍ରଯୁକ୍ତିର ମାୟାଜାଲ ଭିତରେ କୋମଳମତି ଶିଶୁକଳିକାଙ୍କ ପ୍ରତିଭା ସହଜେ ବାଟବଣା ହେବାକୁ ବସିଥିବାବେଳେ ବୌଦ୍ଧିକ ବିକାଶରେ ନାଟକର ଯେଉଁସ୍ଥାନ ତାହା କ'ଣ କେହି ଆଉ ପୂରଣ କରିପାରିବେ ?

ଗୋତରା, ମାହାଙ୍ଗା, କଟକ,
ମୋ: ୯୪୩୭୧୪୨୭୧୭

# ମୋ ସ୍କୁଲ ଅଭିଯାନ ସରକାରଙ୍କ ଏକ ଅଭିନବ ଯୋଜନା



**ସୁବ୍ରତ କର**

ନିଶ୍ଚିତ ଭାବରେ ଏହା ସହିତ ଯୋଡ଼ା ହୋଇଛି ଯେ 'ମୋ କଲେଜ ଅଭିଯାନ' । ସତରେ ଏହି ଦୁଇଟି ଯୋଜନାର ଉଦ୍ଦେଶ୍ୟ ଅତି ମହତ୍ ଏବଂ ସୁନ୍ଦର । ଅସୁବିଧା ହେଉଛି ସରକାର କୌଣସି ଭଲ କାର୍ଯ୍ୟକ୍ରମକୁ ବେଶିଦିନ ବାନ୍ଧି ରଖି ପାରନ୍ତି ନାହିଁ । କିଛି ବର୍ଷ ପରେ ଏଭଳି ଯୋଜନାଗୁଡ଼ିକ ଧିରେ ଧିରେ ସରକାରଙ୍କ ନଜରରୁ ବାହାରକୁ ଚାଲିଯାଏ କାରଣ ନୂଆ ଯୋଜନା ଏହା ଉପରେ ମାଡ଼ି ବସେ । ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଏହି ଯୋଜନାଟି ମୋର ଜାଣିବାରେ ୪-୫ବର୍ଷ ପୂର୍ବରୁ ଆରମ୍ଭ ହୋଇଥିଲା ଏବଂ ସରକାର ଏହି ଦୁଇତିନି ଦିନ ତଳେ ତାଙ୍କ ସ୍ତରରେ ଏକ ସାମାଜିକ ସମୀକ୍ଷା କରା ହୋଇଛି ଏବଂ ସ୍ଥିର କରା ହୋଇଛି ପ୍ରତି ମାସରେ ମୋ ସ୍କୁଲ ପ୍ରକଳ୍ପ ଶେଷ ହୋଇଥିବା ୧୦୦୦ଟି ଉଚ୍ଚ ବିଦ୍ୟାଳୟରେ ସାମାଜିକ ସମୀକ୍ଷା କରାଯିବ। ଏହି ସମୀକ୍ଷାରେ ଭାଗନେବା ପାଇଁ ଭାଗିଦାର ହେଉଛନ୍ତି, ପୁରାତନ ଛାତ୍ରଛାତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ, ସରକାରୀ ସ୍ତରରେ ବି.ଇ.ଓ ରହିବେ । ସବୁଠୁ ବଡ଼କଥା ହେଲା ଆଜି ସୁଦ୍ଧା ଏହି ଯୋଜନାରେ ୮ଲକ୍ଷ ୧୨ହଜାରରୁ ଉର୍ଦ୍ଧ୍ୱ ପୁରୁଣା ଛାତ୍ରଛାତ୍ରୀ ଯୋଡ଼ି ହୋଇ ସ୍କୁଲ ପରିଚାଳନାର ଦାୟିତ୍ୱରେ ରହିଛନ୍ତି । ଏହାଛଡ଼ା ଏହି ଛାତ୍ରଛାତ୍ରୀମାନେ ପ୍ରାୟ ୫ କୋଟି ୪୮ଲକ୍ଷ ଟଙ୍କା ଅନୁଦାନ ଆକାରରେ ସରକାରଙ୍କଠାରେ ପଇଠ କରିଛନ୍ତି । ଏହି ରାଶିକୁ ମିଶାଇ ସରକାର ପ୍ରାୟ ୧୬ କୋଟି ୪୬ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର କରିଛନ୍ତି । ଏହି ଟଙ୍କାରେ ପ୍ରାୟ ବିଭିନ୍ନ ସ୍କୁଲରେ ୯୨୬ଟି ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ଠିକ୍ କରାହୋଇଛି । ଟଙ୍କା ଦେବାରେ ଗତ କିଛିବର୍ଷ ହେବ ଆମ ଜିଲ୍ଲା (ବାଲେଶ୍ୱର) ସବୁଠୁ ବେଶି ଅନୁଦାନ ଦେଇ ପ୍ରଥମ ସ୍ଥାନ ଅଧିକାର କରି ଆସିଥିଲା, କିନ୍ତୁ ଏହି ବର୍ଷ୬୬ ଲକ୍ଷ ଯୋଗାଇ ଦେଇ ଦ୍ୱିତୀୟ ସ୍ଥାନରେ ରହିଛି । ପୁରୁଣା ଛାତ୍ରଛାତ୍ରୀମାନଙ୍କ ଏହି ଦାନ ତାଙ୍କର ନିଜ ସ୍କୁଲର ଉନ୍ନତି ଆଣିବାରେ ଯଥେଷ୍ଟ ସାହାଯ୍ୟ କରୁଛି ଏବଂ କରିବ ମଧ । ଏହା ଦ୍ୱାରା ପୁରାତନ ଛାତ୍ରମାନେ ସ୍କୁଲର ଭଲମନ୍ଦରେ ରହିଲେ, ସରକାର ମଧ ତାଙ୍କ ତହବିଲରୁ ଆଉ ଖର୍ଚ୍ଚ କରିବାକୁ ପଡ଼ିବ ନାହିଁ । ଏହି ଟଙ୍କାରେ ଦରକାର ହେଉଥିବା ବିଭିନ୍ନ ସାମଗ୍ରୀ କିଣା ହୋଇ ପାରିବ, ଲାଇବ୍ରେରୀକୁ ବଢ଼େଇ ପାରିବେ, ବିଜ୍ଞାନଗାରକୁ ମଧ ଉଚ୍ଚ ସ୍ତରକୁ ନେଇହେବ, ଖେଳ ପଡ଼ିଆର ଉନ୍ନତି କରିହେବ । ସ୍କୁଲମାନଙ୍କୁ ସରକାରମୁହାଁ ହେବାକୁ ପଡ଼ିବ ନାହିଁ । ସବୁଠୁ ବଡ଼ କଥା ହେଲା ଏବେ ମା, ବାପାମାନେ ସେମାନଙ୍କ ପିଲାଙ୍କୁ ପ୍ରାଇଭେଟ ସ୍ତରରେ ବେଶି ପଇସା ଖର୍ଚ୍ଚ କରି ନାମ ଲେଖାଉଛନ୍ତି ଏବଂ ଏହାର ମୂଳ କାରଣ ତାଙ୍କ ପିଲାମାନେ ଅଧିକ ସୁବିଧା ସୁଯୋଗ ପାଇପାରିବେ ସରକାରୀ ସ୍କୁଲଠାରୁ । ଏବେ ଯଦି ସେହିସବୁ ସୁବିଧା ସୁଯୋଗ ସରକାରୀ ସ୍କୁଲରେ ମିଳେ ନିଶ୍ଚିତ ଭାବରେ କୌଣସି ବାପାମା ନିଜ ପିଲାକୁ ସରକାରୀ ସ୍କୁଲରେ ନାମ ଲେଖାଇବା ପାଇଁ ଆଗ୍ରହ ପ୍ରକାଶ କରିବେ ।




## ଶିଶିର

### ଚିତ୍ରା ରାଣୀ ପାତ୍ର

ଶିଶିର ସ୍ନାତା ଗୋଲାପ କଳିଟି
ସ୍ମିତ ହସି କହୁଥିଲା,
କିଏ ଚିତ୍ରକର ନିସ୍ତବ୍ଧ ପ୍ରହରେ
ଆସି ମୋତି ମାଳା ଦେଲା ।

ସୃଜନୀ ଶକ୍ତିର ନାହିଁ ପଟାନ୍ତର
ସୁମନେ ମହକ ଭରି,
ସକାଳର ଚାରୁଚିତ୍ର ଦେଖିଦେଲେ
ଦୁଃଖ ମନୁ ଯାଏ ହରି ।

ଉଜ୍ଜ୍ୱଳ ଆଲୋକ ବିଚ୍ଛୁରିତ ହୋଇ
ହସିଉଠେ ଚତୁର୍ଦ୍ଦିଗ,
ପକ୍ଷୀର କୂଜନ ଦୂରୁ ଭାସି ଆସେ
ପୁଲକି ଦିଗ ବିଦିଗ ।

ସାଗରର ନୀଳ ବୀଚିମାଳା ପରେ
ସୂରୁଜ ରଶ୍ମିର ଖେଳ,
ଦେଖି ଦେଖି ମନ ଆନନ୍ଦେ ବିହ୍ୱଳ
ବିତିଯାଏ କେତେ ବେଳ ।

ପାହାଡ଼ି ଝରଣା କୁଳୁ କୁଳୁ ନାଦେ
ଆସେ ଛନ୍ଦମୟୀ ହୋଇ,
ମୋ କଲମମୁନ ଲେଖିଦିଏ କେତେ
ଆନନ୍ଦ ବିଭୋର ହୋଇ ।

ଆଙ୍କିପାରେନିମୁଁ ଅସଂଖ୍ୟ ଛବିକୁ
ବାଟବଣା ହୋଇଯାଏ,
ପ୍ରକୃତି ବର୍ଣ୍ଣନା ଅଟେ ସାଧ୍ୟାତୀତ
କଳପନା ହାରିଯାଏ ।

ବାଲେଶ୍ୱର

## ଯନ୍ତ୍ରଣା

### ଜଗମୋହନ ପ୍ରଧାନ



ଏଇ ତ ମାଡ଼ି ଆସିଲେ
ଜୀବନ ଆରମ୍ଭର ପ୍ରଥମ ଦରଜା
ପାଖକୁ
ଦରଜା ଠକ୍ ଠକ୍ କଲେ ନା ଅନୁମତି
ମାଗିଲେ
ନା ଦେଲେ ସେ ପରିଚୟ !
ଧିରେ ଧିରେ ପସିଗଲେ
ଜୀବନର କୋଠରୀ ଭିତରେ
କିଛି ବୁଝିବା ଆଗରୁ ସେ ହସି
ଉଠିଲେ
ହସୁ ହସୁ ସେ ପୁଣି ଚିତ୍କାର କଲେ
ଚିତ୍କାର ଶୁଣି ଲହୁ ଲୁହ ଏକାଠି ହେଲେ
ହୃଦୟର କୋହ ବି ଉଙ୍କି ମାରିଲା
ଧିରେଧିରେ ଭରିଗଲେ କୋହ ହୃଦୟ
ଭିତରେ
ଉଛୁଳି ପଡ଼ିଲେ ଲୁହ ଲହୁ ସାଥେ
ଜୀବନର ମାନେ ବୁଝାଇବାକୁ,
ଜୀବନର ମାନେ ବୁଝିବା ଆଗରୁ
ସଂଘର୍ଷ ଆସିଗଲା ପ୍ରତିଟି ପାଦରେ
ସେ ପୁଣି ସମୟ ସାଥିରେ ।
ସମୟ ତ ସରି ଯାଏ କିନ୍ତୁ ସଂଘର୍ଷ
ସରେନି
ଜୀବନର ପ୍ରତିଟି ପାହାଚରେ
ଯନ୍ତ୍ରଣାର ପାହାଡ଼ ଆସି ଠିଆ ହୁଅନ୍ତି
ତାକୁ ଅତିକ୍ରମ କଲା ବେଳକୁ
ଲହୁ ଲୁହାଣ ହୋଇ ଜୀବନ ଟା ଟଳି
ପଡ଼େ।
ଜନ୍ମ ଠାରୁ ମୃତ୍ୟୁ ଯାଏଁ ଯନ୍ତ୍ରଣାର ନଇ
ଲୁହ ଲହୁ ସାଥେ ଜୀବନର ଧାରେ
ଯାଆନ୍ତି ବହି।

ଶକୁନ୍ତଳାପୁର, ଯାଜପୁର
ମୋ: ୯୦୯୦୯୪୬୯୦୬

## ଉଜୁଡ଼ା ସପନ

### ସୁଧାକର ରାଉତ



ସାତ ସିଆଁ ଅଲୋଡ଼ା ସପନ ନେଇ
କେତେ ବା ବଞ୍ଚିବି କୁହ
ପାଦକୁ ଭଲ ଭାବରେ ଢାଙ୍କିଦେଲେ
ଖୋଜୁଛି ତାହାକୁ ଦେହ ।

ଶ୍ରାବଣ ଧାରାର ଜ୍ୱଳନ ସହିଲି
ଦ୍ୱାର ଦେଶେ ଏବେ ଶୀତ
ପ୍ରକୋପ ତାହାର ସହିବା ଦୁରୂହ
ଭାବି ଗ୍ରାସେ ଭୟ ଭୂତ ।

ଇଚ୍ଛାମାନେ ଉଛୁଳା ସମୟ ସ୍ରୋତେ
ଭାସିଯାନ୍ତି ହୋଇ ତୃଣ
ସାହା କି ଭରସା ହୀନ ହୋଇ
ଦେଖେ
ଏ ନି୮ସଙ୍ଗତାର ଗୁଣ ।

ନିଜର ଛାୟାକୁ ଯଥାଶକ୍ତି ଟାଣି
ଖରା ବରଷାରେ ଭିଜି
ନିର୍ଜନତା କୋଳେ ଚେଇଁ ଶୋଇଥିଲି
ଅତୀତର ସ୍ମୃତି ହେଜି ।

ନିଶ୍ଚିନ୍ତ ନିଦ୍ରାରେ ଶୟନ ପୂର୍ବରୁ
ସପନ ବଇରୀ ହେବ
ଅନ୍ଧ ଭାବେ ସେ ଚିନ୍ତାକୁ ଏଡିଦେଇ
ଏବେ ଦେଖେ ତାର ଶବ ।

ଆତ୍ମାର ନିଗୂଢ଼ ତମ ପ୍ରଦେଶରେ
ଉଠେ ଯେ ଦ୍ୱନ୍ଦର ମେଳି
ସ୍ମୃତି ତର୍ପଣ ରେ ତା ଇତି ହୁଏନା
ଦହେ ହୃତପ୍ରେମ ଜଳି ।

ସତ୍ୟ ତ କେବେ ବଞ୍ଚିବାକୁ ଦିଏ ନାହିଁ
ଯେତେ ବୁଝିଲେବି ମନ
ଉଦାସୀ ଚାହାଣୀ ଆଖିରେ ମିଶିଲେ
ନିଆଁ ଲାଗେ ତନୁ ବନ ।

ଶୁଖିଲା ରକ୍ତରେ ନିଆଁ ଧରା ହାଡ
ଅର୍ଥହୀନ ଭାବେ ବଞ୍ଚି
ଆଞ୍ଜୁଳାଏ ଶମଶାନ ପାଉଁଶକୁ
କି ଆଶାରେ ଅଛି ସଞ୍ଚି ।

ପ୍ରତାପ ନଗରୀ, କଟକ
ମୋ-୮୨୪୯୯୩୨୭୯୨

## ତିସ୍ତା

### ନୀଳମଣି ଚାନ୍ଦ

ହୋୟାଂହୋ, ବ୍ରହ୍ମପୁତ୍ର ନ ହୋଇ ବି
ଦୁଃଖ ଦେଲୁ
ସାଧାରଣଲୋକ ଓ ସୈନିକଙ୍କୁ
ସଲିଳସମାଧିସ୍ଥ କଲୁ
ହ୍ରଦ ଓ ବଜ୍ରପାତର ଦୋଷ ଥାଉଥାଉ
ସବୁ ଦୋଷ ନିଜ ମଥାକୁ ନେଲୁ
ଏବେ ତିସ୍ତା ସମ୍ବାଦପତ୍ରର
ଶିରୋନାମାରେ ରହିଲୁ।

ତୋ କଥା ଶୁଣୁଶୁଣୁ
ଆଇର ଢଗ ମନେପଡ଼ିଲା
କୁଶେଇ ନିଏ ଭସେଇ
ଶେଣ୍ଢେଇ ନିଏ ଭଣ୍ଡେଇ
ବୈତରଣୀଟା ବୁଢ଼ୀଗଙ୍ଗା
ବ୍ରାହ୍ମଣୀ ମୁହଁ ରଙ୍ଗା ରଙ୍ଗା
ସବୁରେ ବଢ଼ି ଆସେ
ଧନଜୀବନ ସିନା ନାଶେ
ମୁଁ ଯୋଡିଦେବିରେ ! ତିସ୍ତା
କିଆଁ କଲୁ ଏତେ ହିନସ୍ତା।

ସିକିମ୍ କି ପଶ୍ଚିମବଙ୍ଗ
ବଙ୍ଗଳା ଦେଶରେ ତୋ ନାଆଁ ଶୁଣି
କିଛି ପରିବାର
ଏବେ ଦୁଃଖ କରିବେ
ତାଙ୍କ ଲୁହର ଧାର
ତୋ ଧାରଠୁଁ ଅଧିକ ହେବରେ ତିସ୍ତା।

ଭୁବନେଶ୍ୱର
ମୋ:୯୫୮୩୨୦୨୩୫୭

ଗଳ୍ପମାଳା
ସାପ୍ତାହିକ ଗଳ୍ପ ଫର୍ଦ୍ଦ



ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର,
୧୬ ଅକ୍ଟୋବର ସୋମବାର, ୨୦୨୩

# ମରା

ଲୋପାମୁଦ୍ରା ପରିଡ଼ା



ରାତି ପାହି ସକାଳ ହେଲା । ରତନା ଫେରି ନଥିଲା ।

ତା ବୁଢ଼ୀ ମାଆ, ଆଉ ଧନ୍ତର ବୁଢ଼ା ବାପା ଦିଟା ଆଖିରେ ପାଣି ମାରି ବାଟ ଜଗି ଥିଲେ .... ସେଇ ଆମ ସଗର ବଂଶୀ ରାମକଥାର ଶ୍ରବଣ କୁମାର ବାପମାଆ ଭଳିଆ ।

ଝୁଲ... ରତନର ଗୋଟିଏ ବୋଲି ଭାରିଯା ।

ଘଡି କି ଘଡି ଦାଣ୍ଡ ବାହାର ଟହଲୁ ଥିଲା, ଟେଣ୍ଟେଇ ଚଢେଇ ପରିକା । ଛୁଆ ଦିଟା ବିରାଡ଼ି ପିଲା ପରି କାଉଁ କାଉଁ କରୁଥିଲେ ଅଗଣା ବାରି । ମାଇକିନିଆ ମନକୁ ତାର କେତେ କଥା ଏଣୁ ବୋଇଲେ ତେଣୁ ଘେରୁଥିଲା ।

ମନ ତଳେ ଡର ବସା ବାନ୍ଧେ .... ଦାନ୍ତ କିଲେଇ କିଏ ଗୋଟେ କାଢୁଆ ଦେଖାଏ ବାହାରୁ । ହେଲେ ଡର ମାଡିବସି ତା ଓଜନ ଜାହିର କରି । ଦାବିକି ଡରାଏ ଦବିକି ରହିଥିବା ଏଇ ହାଡ଼ ବିହୀନ ହୃଦୟଟିକୁ .... ଥରେଇ ଥାରେଇ କଡ ମଡ ଶବ୍ଦ କରି ଭାଙ୍ଗି ଚୁନା ହବା ଯାଏ । ଡର ବେକ ମୂଳରେ ଦାନ୍ତ ଲଗାଏ । 'ଗଲେଇଲି, ଗଲେଇଲି' ଘଗଡିଆ ସ୍ୱରରେ କହେ । ଜୋ ଡର ଗୟା, ୱ ମର୍ ଗୟା ।

ଦମ୍ଭର ପରୀକ୍ଷା । ଜୀବନ ଯାକରେ ହଜାରେ ପରୀକ୍ଷା ।

ବୁଢ଼ୀ ମାଆ ତାର ମାନସିକ ଟେକୁଥିଲା ଦିଅଁ ଦେବତାକୁ ଆକାଶ ମୁହାଁ ପରଳିଆ ଆଖିରେ ଲେଞ୍ଜେରା ସଙ୍ଗେ ଲୁହ ମିଶେଇ ।

ରତନା କିନ୍ତୁ ଫେରୁ ନ ଥିଲା ।

ଘୁମୁର କଳା ଅନ୍ଧାର । ଗାଢ଼ ତମାସିଆ ରଙ୍ଗ ପୃଥିବୀର ଛାତ ଯାକ କାନ୍ଥରେ ମଚ ମଚ କି ଗୋବର ଲିପିଲା ପରି ଅନ୍ଧାର ।

ଚେତା ବୁଡିଗଲା ପରି ଲାଗିଲା ରତନକୁ ଯେତେବେଳେ ସିଏ ଗାଁ ମୁଲକ ପଟକୁ ଦି ଦିନ ତଳେ ରାତି ଅଧିଆ କଣ ଟିକେ ହାତ ସଫେଇ କରିବ ବୋଲି ଯାଇଥିଲା । ପଚାରୁଚ କି , କାଇଁ ?

ପୁଛ ପୁଛ ନିତେଇ ଗୌର କୋ ପୁଛ ।
ଥୟ ଧର ହେ ! ଆଗକୁ ବଖାଣିବା ।
ଆମେ ତ ଦେଖିବା ନୟନ
ଯାହା ଦେଖିବା, ତାହା ଲେଖିବା ।

ଛ ପ୍ରାଣୀ କୁଟୁମ୍ବ ତାର । କୋଉ ଦାନା କନା ମନ ମୁତାବିକି ଯୋଗେଇ ହଏ କି ତାର ସେ ଅଦିନିଆ ନିୟଣ୍ଟିଆ ବେଉସାରେ !

ସ୍ତ୍ରୀର ଖୁଣ୍ଟା, ବାପର ଧାନ ଉଁସୁଆ ମୁହଁ, ମାଆର ଉଲୁଗୁଣ । ବୁଢ଼ା ହେଲେଣି ଯେ ପାଟି କି କିଛି ରୁଚୁନି ଆଉ ଏ କାଳେ । ଚେରେଇ ଗଲା ପରି ଦିହ ହାତ ଶୁଖି ବଳିତା ବଳିଲା ପରିକା ଦିଶିଲେଣି ।

ଆଉ ଝୁଲ ! ଝୁଲର ସପନ ଦୋଳି ଖେଳିବା ବୟସ କଣ ଓହରି ଗଲାଣି ଏଡେ ସହଳ ! ତା ଝୁଲାରେ ପରା ସପନ ଫୁଲ କଢ଼ ମେଲିବ ମେଲିବ ହଉଛି ।

ରହିଲେ ପିଲେ ! ତାଙ୍କ କଥା ନ କହିଲେ ଭଲ । ଓଥରିଆ ଗୁଡା । ଅହଣ୍ଡିଆ ଗୁଡା । ଦୁର୍ଭିକ୍ଷିଆ ଚେହେରା । ଇଂରାଜୀ ଅକ୍ଷର 'ପି' ପରିକା ଟୁମ୍ କି ପେଟଟା ପଞ୍ଜରା ବାହାରକୁ ଟାଇଟେଇକି ବାହାରିଥାଏ । କୁରୁମି ପୋକ ପରି ଜୀବନ ତାଙ୍କର ।

ଆଜି ଏଣା ନାହିଁ କାଲି ତେଣା ନିଅଣ୍ଟ । ଯେତେ ସ୍ୱେଦ ଏକାଠି କର, ଲୁଣ ପାଉନି । ସରୁ ନଅଙ୍କିଆ ଚଦରରେ କୋଉ ପାଦ ଲୁଚେ ! ଭିଡି ହେଉଥାଏ ! କଙ୍କାଳିଆ ଢଙ୍ଗ । ଲବଣ ଖାଇଯାଇଥିବା ପୁରୁଣା, ତେଲବିହୀନ ଆଚାର ହାଣ୍ଡି ପରି ଦିହ । କୁକୁର୍ ଛେଲିଆ ପତର ପରି ମୁହଁ ।

ପିଲାଦିନୁ ଠାଉରିଆ ଗୁଣଟି ରତନାର ଚିକ୍କଣ କି ଦଇବ ଖଞ୍ଜିଥିଲା । ଏଡ଼େ ଖଞ୍ଜରେ ସିଏ ମାରିନଉଥିଲା ଯେ ସିଏ ବୁଲେଇଛି ବୋଲି ସ୍ୱୟଂ ମହାଦେବ ବି ବୁଦ୍ଧି ଲଗେଇ ଗୋଚରେ ଧନ୍ଦି ଫନ୍ଦୀ ହେବେ ଯାହା ସିନା, ଠାବ କରି ପାରିବେନି । ଅବଗୁଣରେ ଗୁଣୀ ସିଏ । ନେଇ ଆଣି ଥୋଇ ଜାଣିଲେ ପରା ଏ ବିଦ୍ୟାଟି ଭଅଲ ।

ହେଲେ ଆଜି ଯାହା ହେଲା, ଓହୋ ଦଇବ ସାହା ହେଇନଥିଲେ ଜୀବନ ନାଟିକା ଏଇଠି ସାଇକଲ ଚକ ମଡେଇ ହେଇ ଚେପା ଚାରି କାତିଆ ଠୋ' ପଟସ ମଲା ବେଙ୍ଗ ପରିକା ହେଇଥାନ୍ତା ଜାଣି ।

କଣ ସେ ଗୋସେଇଁ କହୁଥିଲେଟି ମନ୍ତର, ଜନ୍ତର, ଫନ୍ତର ମହାମନ୍ତର , ..... ହେ ! ସେ ଗୁଲୁ ପୁସିଆ କଥାଗୁରା କା' ଭେଜାକୁ ଢୁକେ ହୋ ? କଳି ଯୁଗ ଉଦ୍ଧାର ମନ୍ତର । କହିଲେ କଣ ନା ଆକୁଇ ଗାଉଥିବ । ତ୍ରାହି ପାଇବ । ମୁକତି ଲଭିବ । ଆହୁରି କଣ କଣ କେତେ, ବେତାରେ ବେତେ ।

ହା ଫୁଣ୍ ! ଅହୋ ! ଏ ସଂସାର ବୁଢ଼ୀଆଣି ଜାଲରୁ କିଏ ମୁକୁଳିଲାଣି ନା ମୁକୁଳିବ ! ଯେତେକ ଅବନ୍ତରିଆ କଥା । କିଏ ସବୁ ଏ ଭେଣ୍ଡିଆ ଗୋସେଇଁତକଙ୍କ କାନ ଭରୁଛି କେଜାଣି ! ଭାରିଜା, ବାଛୁରୀ, ବିଲ, ବଦାଡି, ଶଗଡ଼ ହଳ, ଛାଡ଼ି ଗଣ୍ଡା ଗଣ୍ଡା ହେଇ ଏଠିକୁ କିଆଁ ମାତରେ ! ଥୋବରା କଥା ନୁହେଁ !

ଆମର ପେଜ ମୁନ୍ଦାକର ଜୀବନ । ଖଟିଲୁ, ଖାଇଲୁ, ଗଲୁ ପୁଣି ଲେଉଟିଲୁ ।

ପବନ ମାଇକିରେ ଘୋଷାରି ଆଣି ତା କାନ ପରଦାରେ ଥୋଇ ଦେଉଥିଲା ଝାଏଁ କରି କିଏସେ ଗୋଟା ଯେମିତି,

'ହରେ କୃଷ୍ଣ ହରେ କୃଷ୍ଣ
କୃଷ୍ଣ କୃଷ୍ଣ ହରେ ହରେ,
ହରେ ରାମ ହରେ ରାମ
ରାମ ରାମ ହରେ ହରେ ।'

ମୁଣ୍ଡ ତାର ଝାଇଁ ମାରି ଯାଉଥିଲା ଅଂଶୁଘାତ ପୀଡିତ ପରି । କାନ ପରଦା ଫାଟି ଯାଉଥିଲା ଢୋଲ ଚମଡା ଢାଁ' କରି ଫାଟିଲା ପରି ।

ଗାମୁଛାଟା ଭିଡ଼ି ଦେଇ କାନମୁଣ୍ଡା ସାରିକି , ସିଏ ଘାଇଁ ଘାଇଁ ପାହୁଁଣ୍ଡ ପକେଇଲା । ହେ ! ଏ ଗୁଡା ତାକୁ ମୋଟୁରୁ ପାଏନି । ଛେଃ ! କୋଢିଆ କାମ । ହାତ ଗୋଡ ଥାଇ କୁରୁମ ।

ରାତି ତ ଏଇଲେ ଘଡ଼ିଏ ଗଡିଛି, ଆହୁରି ତିନି ପହର ଅଛି । ତା ଯୋଜନାକୁ କାମ ପାଇଯିବ ଯେ । ବେଳ ବଢ଼ିଗଲେ ମାଇଲା । ସୂର୍ଯ୍ୟ ତୁରୁତୁରୁ ହେଇ ସବୁ ମୁଗୁର ପଛ ଫିଟେଇ ଦେବେ ରାତି ପାହୁ ପାହୁ ।

ଘୋ ଘୋ ହେଇ କିଏ ସବୁ ବିଲ ପଦା ଆଡୁ ମାଡ଼ି ଆଇଲେ କି, ଯେମିତି ଅଷାଢେ ନନ୍ଦିଘୋଷ । କିଆ ବୁଦା କୋଣକୁ ଗୁଲ୍ କି ଗଳି ଗଲା ରତନା, ଦିହି ପହରିଆ ଏଁଡୁଅ ପରି ।

ବା କିଲୋ କି ଠେଙ୍ଗା ବାଡି । ହାତା ହାତି ମରା ଚଢା ପୁରା ଦମରେ ।

ହା ହା ରେ ! କଥା କଣ ? ରୁହ ରୁହ ?

ଜଣା ପଡୁଛି କଣ ସହଜେ !

ହେ ଇୟେ ତ ସେଇ ଭଜନ କୀର୍ତ୍ତନ ମଣ୍ଡଳୀ ନା କଣ ! ନଦୀୟା ସେପରିରୁ ଆସିଛନ୍ତି । ଗଙ୍ଗା ସାଗର ବୁଡ଼ ପକା ବାଆଜୀଙ୍କର କୋଳ ପଶା ଚେଲା ସବୁ । ଗୋଡ଼ ଘସା ଚାମୁଣ୍ଡା ଚେମେଣି । ଧ କହ.... ରକଟେଇ ଭିଡି କାମୁଡି ବିଦାରି ଦେବେ ଟି ! ହଁ । ।

କଣବଲି ପାଇଲ କି !

ଏମାନଙ୍କର ଗୋଷ୍ଠି କନ୍ଦଳ ଟିଏ ଅଛି ।

ଗୋଟେ ଗୋଷ୍ଠି ପ୍ରଥମେ କୋଉଥିରୁ ଗୋଟେ ଆରମ୍ଭ କରନ୍ତି ତ ଆଉ ଗୋଟେ ଗୋଷ୍ଠି ଆଉ ଗୋଟେ କୋଉଥିରୁ । ଏଇ ବୁଦା ପଛ ଶିଆଳ ବି ୟାଙ୍କଠୁ ଭଲ । ତାର ନିର୍ଦ୍ଦିଷ୍ଟ ପ୍ରାକୃତିକ ନିୟମ ମାନିବା ଗୁଣ ଅଛି । ସିଏ ବାଧ ମାନିବାକୁ । ତା ଗାତ ତା ସଂସାର ।

ଆଉ ଏମାନେ ନା ଘରକୁ ନା ଘାଟକୁ । ମେଘ ଯୁଆଡେ, ଛାତ ସିଆଡେ । ମଠରେ ଖାଇ, ଖଟରେ ଶୋଇଲେ । ମହନ୍ତ ଗୋଡ଼ ପେଟ ଘସିଲେ ।

ନାମଯଜ୍ଞ ଭଳି ଏକ ଲୋକ ସଂସ୍କୃତି ଓ ପରମ୍ପରାକୁ ଜାବୁଡି ଧରିଥିବା ଧାର୍ମିକ ଯାତ୍ରା ପର୍ବରେ ମୁଣ୍ଡ ପୁରେଇ ଏହାକୁ ଭୋଗୁଥିବା କେହି କଣ ଏମିତି ହୁଏ ? ଧର୍ମ ନାଁରେ ରାଜନୀତି । ଜୋର୍ ଯାର ମୁଲକ୍ ତାର ।

ଏଇ ମେଳଣଟି ପାଇଁ ବିଭିନ୍ନ ଅଞ୍ଚଳରୁ ସଂକୀର୍ତ୍ତନ ଦଳ ନିମନ୍ତ୍ରଣ କରାହେଇଚି । ଆୟୋଜକଙ୍କ କ୍ଷମତା ଅନୁଯାୟୀ ପାଖ ଦଳ, ଦୂର ଦଳ, ଶସ୍ତା , ଦାମିକା , ଉଦଣ୍ଡ , ରଙ୍ଗୀନ, ଫୁଲ୍ ବୋବଲ୍, ମାଖା ଦଳ ସବୁର ଡିମାଣ୍ଡ । ଆଉ ଯୋଉ ଦରରେ ବାପ ୟାଙ୍କର ! ଟିପ ଦେଇ ହବନିଟି ୟାଙ୍କ ଦିହରେ ଆଗେ ।

ପୁଣି ଆଜିକାଲିର ବହୁଳ ପ୍ରଚଳିତ ଡିସ୍କୋ ଦଳ ସହ ଅଣ୍ଟା , ଧାନକୁଟା, ଢ଼ିଙ୍କି କୁଟା,ବିଛା ଦଂଶା, ବିଛୁଆତି ମରା ନାଚ ବାଲିଙ୍କ ଅତ୍ୟାଧୁନିକ ନାଚ ପରିବେଷଣର ଚାହିଦା କାହିଁରେ କଣ । ସେଥିରେ ପୁଣି ଅନ୍ଧାରିଆ ଲୁଚା ରାହାସ ଅଛି । ଛାଡ.... ଘୁଅକୁ ଟେକା ମାଇଲେ ମୁହଁରେ ପଡେ । ଆକାଶ ମୁହାଁ ଥୁ' କରିବା ରେ କି ବୁଦ୍ଧିମାନି ? ଆମେ ତ ଛାର ମଣିଷ, ଗୋଳିରେ ପଶି କୁଟା ଖାଇ ନିହାଲ ହାବ କାଇଁ । ଆଖିରେ ତ କଳା ପଟ ବାନ୍ଧିଛେ ଜମେଇକି । ଅନ୍ଧ ଅଭିନୟରେ ସିଦ୍ଧ । ମାଡକୁ ତ ମହାଦେବ ବି ଡରିବେ । ଆମେ କିଏ ? ତୁଚ୍ଛ ପ୍ରାଣୀ ମାତ୍ର ପରା ! ସେ କକରଥନିଆ କଥାକୁ କୋଉ ପାରିବା ଯେ ଟାଙ୍କ ଭାଙ୍ଗିବା ! ଆୟୋଜକଙ୍କ ସାମର୍ଥ୍ୟ ଅନୁଯାୟୀ ଅଷ୍ଟ ପ୍ରହରୀରୁ ଛପନ ପ୍ରହରୀ ଯାଏ ଚାଲୁଛି । ଦଳ ମାନଙ୍କୁ ନିମନ୍ତ୍ରଣ ଦେବାକୁ ଯାଉଥିବା ଟୋକାଦଳ, କଳସ ଯାତ୍ରା ପାଇଁ ସଜ ହେଉଥିବା ଝିଅ ବୋହୁ, ସଂକୀର୍ତ୍ତନ ମଣ୍ଡଳୀକୁ ପୂତ ପବିତ୍ର ଓ ଧୂଳିହୀନ କରିବାକୁ ସ୍ୱେଚ୍ଛାରେ ଗୋବର ଲିପୁଥିବା ସେଇ ଦରବୁଢ଼ୀ ମାଉସୀ ମାନେ, ସନ୍ତାନ ଆଶାୟୀ ନିଃସନ୍ତାନ ଦମ୍ପତ୍ତିଙ୍କ କର୍ତ୍ତା ହେବା ଆଗ୍ରହ , ଝିଅ ବାହାଘର ପାଇଁ ମାନସିକ କରିଥିବା କନ୍ୟା ପିତାମାତାଙ୍କ ଯଜ୍ଞ ସମାପ୍ତି ଯାଏ ମୌନ ବ୍ରତ, ବାରିକ କମାର, ବଢ଼େଇ, ଦରଜି ଆଦି ସହ ଦୈନନ୍ଦିନ ମଜୁରୀ କରୁଥିବା ଗାଁର ପ୍ରତ୍ୟେକ ଲୋକ ନିଜ ନିଜର କାମ ଧନ୍ଦା ଛାଡ଼ି ଭିଡ଼ି ପଡିଛନ୍ତି ଯଜ୍ଞ ଆୟୋଜନରେ । ଗାଁଟା ଯାକ ମଉଜ । ଗାଁ ଟା ଯାକରେ ଏହା ଅନୁଷ୍ଠିତ ଆନନ୍ଦ ।

ଏଇ ଦିନା କେତେ ଏକ ଛୋଟ କାଟିଆ ଯାତ୍ରା ଜମେ ଜାଣ । ନିଜ ନିଜର ବନ୍ଧୁ ବାନ୍ଧବଙ୍କ ଭିଡ଼ ଜମେ ପ୍ରତିଟି ଘରେ । ପ୍ରାୟତଃ ସାରାଟା ଗାଁ ବିଭିନ୍ନ କାର୍ଯ୍ୟରେ ନିଜ ନିଜକୁ ନିୟୋଜିତ ରଖିଥାନ୍ତି । ଏପରିକି କାହାରି ଘରେ ଦୁଇ ତିନିଦିନ ପ୍ରାୟ ଚୁଲି ଜଳେ ନାହିଁ । ସମସ୍ତେ ଏକାଠି ନାମଯଜ୍ଞ ପାଇଁ ରନ୍ଧା ହେଉଥିବା ପ୍ରସାଦ ପାଇଥାନ୍ତି । ରତନ ଘର ମନିଷ ତକ ବି ଧପାଳୀ ଥିବେ ଯେ ସେଠିକି ପିମ୍ପୁଡ଼ି ଧାଡ଼ି ଲଗେଇ ଟିକି ଥୋବରେ ଗୁଡ଼ ବୋହିଲା ପରି । ହ ଯାଆନ୍ତୁ, ପେଟେ କି ହେଲେ ଖାନ୍ତୁ ଦିନେ ଅଧେ !

କେତେ ବୋଲି କେତେ କଥା ସେଣେ ଘଟିତ । ହେଇଟି, ୟାଙ୍କୁ ଶଳେ ଦେଖ । ବୁଦ୍ଧି କେମିତି ଯୁଟୁଚି କେଜାଣି ଏମିତି ବେଳଟାରେ କଳିଗୋଳ କରିବାକୁ । ସେଣିକି ଯାନ୍ତେନି ଭାରି । ଏଠି ଅଲଣା ଟାରେ ରୋଳା ! ତା ଅନୁକୂଳ ବିଗାଡିବା ଛଡା ଆଉ କରୁଛନ୍ତି କ'ଣ ଏରା ?

ବିରକ୍ତ ହେଉଥିଲା ରତନା ବୁଦା ତଳୁ ମନେ ମନେ । ଏଇ ତ ତାର ସୁବର୍ଣ୍ଣ ଖଣି ଖୋଜା ଅମୃତ ବେଳା । ଏମାନଙ୍କ ଠେଲା ପେଲା କେତେ ବାଟ ଯିବ କେଜାଣି । କେତେଟା ହାଣ ଖାଇ ସହିଦ୍ ହେବେ କି କେତେ ଜଣ ଜୀବନ ଫେରି ପାଇ କାଲିକା ଜହ୍ନ ଆଲୁଅ ଦେଖିବେ ! ରତନା ତେଣେ ତରବର । ବେଳ ଥାଉ ଥାଉ ଟା ପାଇଟି ନ ସାରିଲେ ସକାଳକୁ ତାକୁ ଭଦ୍ର ମୁଖା ହେଇ ଖାଲି ହାତରେ ଲେଉଟିବାକୁ ହବ ସିନା !

ପଣ୍ଡ କରିଦେବେ ଯୋଜନା ଲାଗିଲାଣି । ଆଉ ଉଛୁର ହେଲେ ସନ୍ଧିକ୍ଷଣ ଚଢ଼ିବ ।ଫରଚା ହେଲେ ନଭ ଯୋଜନା ଫସରମ୍ ଫାଟିମ୍ ।

ଏତିକି ବେଳକୁ କଣ ଗୋଟେ ସର୍ କିନା ତା ପାଦ ଉପର ଦେଇ ପଳେଇଗଲା । ସିଏ ହାଉଳି ଖାଇ ମାଙ୍କଡ ଡ଼ିଆଁଟେରେ ଖେପି ଆସି ସେ ଗହଳି ମଝିରେ । ଅନ୍ଧାରକୁ, କାହା ମୁହଁ କାହାକୁ ନ ଦୁସିଆକୁ ସମସ୍ତେ କିଲିବଲେଇ ଗଲେ ଗୋଟେ ଅଜଣା ଡର ଛୁଆଁରେ । କିଏ ରତନା କୁ ଭୂତ ତ କିଏ ଭାଲୁ ଭାବି ଚିର୍ ଚିରେଇ ଗଲେ । ସିଏ ଯା ହଉ ଦିଅଁ ଯାହା କରନ୍ତି ପ୍ରାଣୀର ମଙ୍ଗଳ ଭଳିଆ ଏ ଗଣ୍ଡଗୋଳ ବାରୁଦ ସେଇଠୁ ପାଣି ଫାଟିଗଲା । ଆବଶ୍ୟ ଧୋବା ତୁଠରେ ଲୁଗା ପିଟା ଖାଇଲା ଭଳକା ବହଟେ କୁଟି ପିଟି ଦେଲେ ତାକୁ ହାଉଳିକି, ପରେ ଯିଏ କୁଆଡେ ଛିଟିକି ଗଲେ ।

ରତନାଟା ଚିତପଟାଙ୍ଗ ସେଇଠି ପଡ଼ି ରହିଲା ଚାରିକାତ ମେଲେଇ , ମାଟି ଚାଟି । ପିଣ୍ଡରେ କଲିଜା ଢୁକୁ ଢୁକୁ ହଉଥିଲା କି ନାଇଁ ଏଇଲେ ଜାଣିବାର କିଛି ଉପାୟ ନଥିଲା । ଜଳ ଥୋପାୟେ ସିଞ୍ଚିବାକୁ କାଉ ପିଲାଟେ ବି ନଥିଲା ତ ସେଠି ! ମଲାଗଲା ହେଇ ଧୂଳି ଫୁଙ୍କୁ ଥିଲା ଅଗନାକ ଦଣ୍ଡି । ରତନା ଉଠୁ ନ ଥିଲା ।

କିଏସେ କେଜାଣି ! ଭାରି ଉଜ୍ୱଳ ନାକ ନକ୍ସା । ସର ସର ତାଳ ପଟ୍ଟା ପରି ଉଚୁ ଲୋକଟିଏ କାହୁଁ ଉଭା ହେଲା ସେଠି ।

ଯକ୍ଷ କି କିନ୍ନର ହେଇଥିଲେ ହେଇଥିବ ପରା ! ହେଇବି ପାରେ କୋଉ ଦେବତା କି ଅଭିଶପ୍ତ କୋଉ ନାଗ କି ଲୋକ ଚରିତ୍ର । ମଣ୍ଡଳେ ଆଲୁଅ ତା ଦିହମୁହଁ ରୁବିଛେଇ ହେଇ ପଡୁଥିଲା ପରା , ହଜାରେ ଭୋଲ୍ଟ ଇଲେକ୍ଟ୍ରି ବଲ ଭଳିଆ ! କଳ୍ପନା କି ଭ୍ରମ ତ ବିଲୁକୁଲୁ ନୁହଁ ।

ସିଏ ରତନାକୁ ଉଠେଇ ଝାଡି ଝୁଡ଼ି ଦେଲା । ପାଣି ଦେଲା । ବିଞ୍ଚି ଦେଲା ପଙ୍ଖାରେ । କୋଉ ଶୂନ୍ୟରୁ ଏତେ ଚିଜ ତୋଳିଲା କେଜାଣି ! ସାଷ୍ଟମ ହେଲା ରତନ । ତରଟ ଆଖି ଖୋଲି ଅନେଇଲା । କିଛି କହିପାରିଲାନି କିନ୍ତୁ । ମେଲି ରହିଲା ସେମିତି ସେ ଆଖିକୁ ଆଁ ' କରି ।

ସେ ମୂର୍ତ୍ତି ଆଙ୍ଗୁଳି ନିର୍ଦ୍ଦେଶରେ ରତନକୁ ତାଙ୍କ ସହ ଚଲେଇ ନେଲେ, କାଟ ପାଣି ପଡ଼ିଲା ପରି ଛାଏଁ ରତନା ଅନୁସରଣ କଲା । ପଛରେ ରହିଗଲା ଯାବତୀୟ ପୃଥି ।

ଯାବତ୍ ପୃଥିବୀ ।

ରତନା ନିଶ୍ଚୁପ । ସିଏ ଆରମ୍ଭ କଲେ ତାଙ୍କ ଆଡୁ ।

- ତମେ କିଏ ? ସେମାନେ କାଇଁ ମାରୁଥିଲେ ତମକୁ ?

- ରତନା ମୋ ନାଁ । ଏଇ ମୋ ଗାଁ । ସେମାନେ ମତେ ନୁହଁ.... ନିଜ ନିଜ ଭିତରେ ମରା ମାରି ହେଉଥିଲେ । ମତେ କିଆଁ ମାରନ୍ତେ । ତାଙ୍କର ମୁଁ କଣ ଖାଇଲି ନା ଧାରିଲି ଯେ ମତେ ଟାରଗେଟ କରିବେ ?

ମୁଁ ତ ଅଲଗା କାମରେ ବହାରିଥିଲି ।

ହେଲେ ତମେ କିଏସେ ? ଗାଁରେ ତ କେବେ ଦେଖିନି । କାହା ଘର କୁଣିଆ କଣ ନା କ'ଣ ? ଯାତ ଦେଖିବାକୁ ଆଇଚ ? ଏଇ ରାମ ନବମୀ, ପଣା ସଙ୍କରାନ୍ତି, ଝାମୁ, ବୈଶାଖ ଅଇଲେ ଇୟେ ସବୁ ହୟେ ଗାଁମାନଙ୍କରେ । ମୁଁ ମୋଟୁରୁ ମୁଣ୍ଡ ପୁରାଏନି ଏ ସବୁ ଧନ୍ଦାରେ । ତେଲି ନା,ଯା ପେଲି । ନା ଧୋଇ ନା ମରୁଡି ମୋର ଏଥେରେ !

ଛାଡ ! ତମ କଥା କୁହ । ତମର ଯୋଉ କାଚ ମାରେକା କାଟ ଯିଏ ଦେଖିବ ଆଗେ ଲୋଭେଇଯିବ ହଏ । ଛମୁଛାଡ କଳା ପରି ଛାଆଣ୍ଟ ଚେହେରା । ଆଉ ଯାହା କହ, ତମ ଆଖି ହଳକ ଭାରି ମନ ଟଣା ।ଶୋ' ଲଣା ସତ ହେ !'

ତଳ ମୁହାଁ ହେଇ ଏତକ କହିଗଲା ରତନା ।

ସିଏ ହସିଲେ ଖାଲି ।

ଜଳକା ଭଳିଆ ରତନ ଚାହିଁ ରହିଲା ତାଙ୍କ ହୀରା ଖଣ୍ଡ ଝଲସା ମୁହଁକୁ ।

ରତନ ଭାବିଲା ସିଏ ତ ତା ବାଟରେ ଯାନ୍ତା । ଏ ଲୋକଟା ତା ପଛରେ କାଇଁ ପଡ଼ିଲା । ସିଏ ତ ଏତେ ଗପୁନି । ରତନା କାଇଁ ମନକୁ ଏତେ ଖୋଲି ହଉଛି ! ସିଏ ଯିଏ ବଲି ସିଏ ହଉ, ତା'ବାପର କି ଯାଏ ! ହେଲେ ସେ ସାନିଧ ପ୍ରତି ତାର ମାୟା ଯାଗୁଥିଲା । ସିଏ ଉଠି ଯାଇ ପାରୁଥିଲା କୋଉଠୁ ! ମନ ଗୋଟିଏ ବାଇଆ ମୁଣ୍ଡିଆ ଚିଜ । କେତେ ବେଳେ କାହାକୁ ରସି ଯିବ କିଏ କହିବ ଭୁବନ ଯାକ ମଲ୍ଲି ଫୁଲ ପରି ବାସିଲେ ଯାଇ ବୁଝିବାଇ କଲା ।

(ଶେଷ ଭାଗ ଆସନ୍ତା ଥରକୁ)

+ପାନାଥୁର, ବାଙ୍ଗାଲୋର

# ସକାଳର ପ୍ରତୀକ୍ଷାରେ

ଆଦ୍ୟାଶା ମହାପାତ୍ର



ଆଉ ଆଗଭଳି ସକାଳ ଆସୁନି । କାଉ ବି ଆସି ଆଉ ବସୁ ନାହାନ୍ତି ଚାଳ ଉପରେ । ବରଜୁର ଆମନ୍ତ୍ରଣରେ ସିନା କାଉ ମାନେ ଆସନ୍ତି, ଆଉ ରୂପା ପାଇଁ ନେଇ ଆସିଥାନ୍ତି ସୁନେଲି ସକାଳର ଖୁସି.. ! ଏବେ ବର୍ଷାର ତାଣ୍ଡବ ତଛନଛ କରି ଦେଇଛି ତା' ଜୀବନର ଭିତ୍ତିଭୂମିକୁ । ବରଜୁ ସହିତ କଳ୍ପିତ ଜୀବନର ଶୁଭାରମ୍ଭର କିଛି ଦିନ ଭିତରେ ହିଁ ତା ଜୀବନକୁ ଧସେଇ ପଶି ଆସିଛି ଦୁଃଖର ପ୍ଲାବନ ।

ରୂପା ଆଖିରେ ଆଜି ଶ୍ରାବଣ ଧାରା । ସେଦିନ ବି ଥିଲା ଏମିତି ଏକ ବର୍ଷଣ ମୁଖର ରାତି । ଡ୍ରାଇଭର ଭାବେ କାମ କରୁଥିବା ବରଜୁକୁ ସେଦିନ ଡକାଇ ପଠାଇଥିଲେ ମାଲିକାଣୀ । କାଳେ କିଛି ଅସୁବିଧା ହୋଇଥିବ ଭାବି, ରୂପାର ବାରଣ ନମାନି ଘନଘୋର ବର୍ଷାରେ ଗାଡ଼ି ନେଇ ବାହାରି ଯାଇଥିଲା ବରଜୁ । ସେଇ ରାତି ପାହି ଯାଇଥିଲା ଅଥଚ ବରଜୁ ରୂପା ପାଖକୁ ଫେରି ପାରିନଥିଲା । ରାତି ସାରା ଚେଇଁ ରହିବା ଯାହା ସାର ହେଲା । ମନ ଭିତରେ ଅସୁମାରୀ ପ୍ରଶ୍ନ ଉଙ୍କି ମାରୁଥିଲା ଯାହାର ଉତ୍ତର ଫେରୁ ନଥିଲା । ବରଜୁକୁ ପୋଲିସ ଗିରଫ କରି ନେଇ ଯାଇଛି ବୋଲି ସକାଳୁ ଖବର ଶୁଣିଲା ରୂପା ।

ଅଣନିଃଶ୍ୱାସୀ ହୋଇ ରୂପା ଦୌଡିଲା ଥାନାକୁ । ବରଜୁ ଘରର ମାଲିକଙ୍କୁ ମର୍ଡର କରିଛି ବୋଲି ଖବର ଦିଆଗଲା ତାକୁ । ଦୂରରୁ ରୂପା ଦେଖିଲା ବରଜୁର ମୁହଁକୁ । ସେ ମୁହଁରେ ଉକୁଟି ଉଠୁଥିବା ସରଳତାକୁ ରୂପା ମର୍ମେ ମର୍ମେ ଉପଲବ୍ଧି କଲା । କାହିଁକି କେଜାଣି ତା'ର ପ୍ରତ୍ୟୟ ହେଲା ବରଜୁ ସମ୍ପୂର୍ଣ୍ଣ ଭାବେ ନିର୍ଦ୍ଦୋଷ । ଆଖିରେ ତା'ର ନିଷ୍ପାପର ଝଲକ ସ୍ପଷ୍ଟ ବାରି ହେଉଥିଲା ।

ବରଜୁକୁ ଛାଡି ଦେବାକୁ ରୂପା ଗୁହାରି କଲା । ଆଖିରେ ତା'ର ଅବିଶ୍ରାନ୍ତ ଲୁହ ! ଭାଗ୍ୟକୁ ଦୋଷ ଦେବା ଛଡା ତା ପାଖରେ କିଛି ଚାରା ନଥିଲା । ଏମିତି ତ ଗରିବ ଭାଗ୍ୟରେ ବେଶୀ ଥାଏ ଦୁଃଖ ଭାଗ ଲେଖା, ଯାହା ଅବଧାରିତ ।

ବରଜୁକୁ କୋର୍ଟ ଫରୱାର୍ଡ କରାଗଲା । ରୂପା ଫେରି ଆସିଲା ତା ଅନ୍ଧାରି ଘରର ଜୀବନକୁ । ସେବେଠାରୁ ଯେମିତି ତା'କୁ ଲୁଚିବା ଆରମ୍ଭ କରିଛନ୍ତି ସୂର୍ଯ୍ୟ । ସକାଳ ବା କେଉଁଠୁ ଆସିବ ? କାଉ ବା କାହିଁକି ଆସିବ...କି ଶୁଭ ଖବର ଦେବାକୁ !

ଘର ସାରା ନିବୁଜ ଅନ୍ଧାର । କାନ୍ଥ ବାଡରୁ ଚଟାଣ ଯାଏ କେଉଁଠି ବି ଆଲୁଅର ଛିଟା ଟିକେ ପଡୁନି । ତା' ଜୀବନରୁ ସତେ କିବା ସୂର୍ଯ୍ୟ ଅସ୍ତ ହୋଇ ଯାଇଛନ୍ତି । ଏମିତି କି ଯେଉଁ ଜହ୍ନ କେଇ ଦିନ ଆଗରୁ ଚାଳକଣା ଦେଇ ଆସି ରୁପେଲି ରଙ୍ଗର ଚିତା ଆଙ୍କୁଥିଲା ଏବେ ଆଉ ପାଖ ମାଡୁନି ।

ହେଲେ ଟିକି ଟିକି ତାରା କେତୋଟି ଚାଳକଣାରେ ମୁହଁ ଗଳେଇ ଚାହୁଁଛନ୍ତି ତା ଆଡ଼କୁ । ସେଇ ତାରା ମାନଙ୍କର ଆଖି ମିଟିକାରେ ଯେମିତି ସେ ନିଜକୁ କୌଣସି ମତେ ଜୀବନ ଜୀଇଁବାର ଖୋରାକ ପାଇଛି । ସେ ପ୍ରତୀକ୍ଷିତ ଅଛି । କାଳେ କେବେ ସୌଭାଗ୍ୟର କୁଆଁତାରା ଟିଏ ତାକୁ ଦୃଶ୍ୟ ହୋଇଯିବ !

ସେ ରାତିସାରା ଆଖି ପତା ନପକେଇ ଚାହିଁ ରହେ ସେଇ ତାରା ମାନଙ୍କ ଆଡକୁ ।

ଦୀର୍ଘ ଆଠ ବର୍ଷ ! କ'ଣ କମ୍ କଥା...!!!

ଶେଷକୁ ସତ୍ୟର ବିଜୟ ହେଲା । ସତ୍ୟ ଯାହା ଦୁନିଆ ଜାଣିଲା । ପରକୀୟା ପ୍ରୀତିରେ ଜଡ଼ିତ ମାଲିକାଣୀଙ୍କୁ ଅସଜଡ଼ିତ ଅବସ୍ଥାରେ ଦେଖି ଦେଇଥିଲେ ତାଙ୍କ ତଥାକଥିତ ସ୍ୱାମୀ । ସେଇଠୁ ବାକ୍ ବିତଣ୍ଡା । ଆଉ ମଦ ବୋତଲ ଆଘାତରେ ନିଶାସକ୍ତ ମାଲିକ ଟଳି ପଡିଲେ ଯେ ଆଉ ଉଠି ପାରି ନଥିଲେ । ପ୍ରଚଣ୍ଡ ରକ୍ତସ୍ରାବ କାରଣରୁ ମହାନିଦ୍ରାରେ ଶୋଇ ଯାଇଥିଲେ ସେ ।

ସେତିକି ବେଳକୁ ମାଲିକାଣୀଙ୍କ ଡାକରା ଆସିଲା ବରଜୁକୁ ।

କପୋଳ କଳ୍ପିତ କାହାଣୀରେ ବରଜୁ କାମୁକ ଚରିତ୍ରରେ ଆଖ୍ୟାୟିତ ହେଲା ଯେ କି ମାଲିକାଣୀଙ୍କ ଉପରେ ଖରାପ ନଜର ପକାଇଥିଲା । ଏତିକି ବେଳକୁ ମାଲିକ ବିରୋଧ କରିବାରୁ ସେ ତାଙ୍କୁ ମଦ ବୋତଲରେ ପିଟି ପ୍ରତିଶୋଧ ନେବାର ଧୃଷ୍ଟତା କରି ବସିଲା । ବଡଲୋକଙ୍କୁ କିଛି ଉତ୍ତର ଥାଏ କି ?

ବିଳମ୍ବରେ ହେଲେବି ସମୟ କଡ ଲେଉଟେଇଲା । ନୂଆ ପ୍ରେମିକଙ୍କ ପ୍ରବେଶରେ ଉତକ୍ଷିପ୍ତ ହୋଇ ପଡିଲେ ମାଲିକାଣୀଙ୍କ ପୁରୁଣା ପ୍ରେମିକ । ସେଇଠୁ ହିଁ ଉଦଗୀରଣ ହେଲା ଚରମ ସତ୍ୟ । ଯଦିଓ ନ୍ୟାୟାଳୟରୁ ବିଳମ୍ବିତ ନ୍ୟାୟ ମିଳିଲା, ସତ୍ୟମେବ ଜୟତେ....ପ୍ରତିପାଦିତ ହେଲା...!

ବରଜୁର ଶୁଖିଲା ଦେହମୁହଁକୁ ଆଉଁସି ଦେଇ ହାତଧରି ଘରକୁ ନେଇ ଯିବା ଆଗରୁ ସେ ମୁହଁ ବୁଲେଇ ଚାହିଁଲା କା' କା' କରୁଥିବା ସେଇ କାଉ ଆଡକୁ । ଦୀର୍ଘ ଆଠ ବର୍ଷ ପରେ ଆସି ଚାଳ ଉପରେ ବସିଛି ! ଆକାଶ ଫର୍ଚ୍ଚା ହୋଇ ଆସୁଛି । ହଠାତ୍ ଯେମିତି କୁଆର ଥଣ୍ଟରୁ ଥପ କରି ଖସି ପଡିଲା ମେଞ୍ଚେ ସୁନେଲି ସକାଳ ! ତା ଖୋଲା ମେଲା ଘରର ଅନ୍ଦିକନ୍ଦିରେ ବିଛେଇ ହୋଇ ଯାଇଥିଲା ମେଞ୍ଚା ମେଞ୍ଚା ଆଲୁଅ...!

+ନୂଆପଡା, କଟକ

# ଚିଟ୍‌ଫଣ୍ଡ ଜମାକାରୀ ମିଳିତ ମଞ୍ଚର ବୈଠକ: ନଭେମ୍ବରରେ କୋରାପୁଟ, ମାଲକାନଗିରିରେ ଗଣସତ୍ୟାଗ୍ରହ



ଜୟପୁର, ୧୫/୧୦ (ନି.ପ୍ର): ଚିଟ୍‌ଫଣ୍ଡ ଜମାକାରୀ ମିଳିତ ମଞ୍ଚର ବୈଠକ ଜୟପୁର ଶ୍ରମିକ ଭବନରେ ଅନୁଷ୍ଠିତ ହୋଇଯାଇଛି । ପ୍ରଦୀପ ମହାରଣାଙ୍କ ଆହ୍ୱାନରେ ଅଖିଳ ଚନ୍ଦ୍ର ତାପାଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅବିଭକ୍ତ କୋରାପୁଟ ଜିଲ୍ଲାର ଜମାକାରୀ ଯୋଗ ଦେଇଥିଲେ । ବୈଠକରେ ଚିଟ୍‌ଫଣ୍ଡ ଜମାକାରୀ ଆନ୍ଦୋଳନର ଆବାହକ ଜୟନ୍ତ ଦାସ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାର ଜମାକାରୀଙ୍କୁ ବାରମ୍ବାର କରି ଆସୁଥିବା ପ୍ରତାରଣାକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ । ପ୍ରତିବାଦରେ ନଭେମ୍ବର ୧୫ରେ କୋରାପୁଟ ଓ ନଭେମ୍ବର ୧୭ରେ ମାଲକାନଗିରିରେ ଗଣସତ୍ୟାଗ୍ରହ କରିବାକୁ ନିଷ୍ପତ୍ତି ନିଆଯାଇଛି । ୨୦୧୩ ପରେ ଜମାକାରୀଙ୍କ ଟଙ୍କାରେ କମ୍ପାନିଗୁଡ଼ିକ କରିଥିବା ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଜବତ କରିଥିଲେ । ଜବତ ସମ୍ପତ୍ତି ଓ ଅର୍ଥ ସରକାର ନିଜ ପାଖରେ ରଖିଥିଲେ ବି ଜମାକାରୀଙ୍କୁ ଫେରାଉ ନାହାନ୍ତି । ଏବେ ସରକାର ହିଁ ଜମାକାରୀଙ୍କୁ ଠକୁଛନ୍ତି ବୋଲି ଶ୍ରୀ ଦାସ କହିଛନ୍ତି । ନିକଟରେ ସୁପ୍ରିମକୋର୍ଟ ଏହି ଠକାମି ଘଟଣାରେ ହସ୍ତକ୍ଷେପ କରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଟଙ୍କା ଫେରସ୍ତରେ ଆପଣାଇଥିବା ଟାଳଟୁଳ ନୀତିକୁ ଭର୍ତ୍ସନା କରିଛନ୍ତି । ଆଇନ ଭିତ୍ତିରେ ଜମାକାରୀ ଚିହ୍ନଟ ଓ ଛୋଟ ବଡ଼ ସମସ୍ତ ଜମାକାରୀଙ୍କୁ ଟଙ୍କା ଫେରସ୍ତ ପାଇଁ ସରକାରଙ୍କୁ ସତ୍ୟପାଠ ମାଗିଛନ୍ତି । ଇତି ମଧ୍ୟରେ ସାହାରା ଗ୍ରୁପ ଅଧୀନରେ ୪ଟି ମଲ୍ଟି ଷ୍ଟେଟ୍ ସମବାୟର ଜମାକାରୀଙ୍କୁ କେନ୍ଦ୍ରୀୟ ସମବାୟ ମହାପ୍ରବନ୍ଧକ ଚିହ୍ନଟ କରି 'ସେବି' ନିକଟରେ ଥିବା ଅର୍ଥରୁ ଜମାଟଙ୍କା ଫେରସ୍ତ ନିର୍ଦ୍ଦେଶ ପରେ ସିଆରସିଏସ୍-ସାହାରା ରିଫଣ୍ଡ୍ ୱେବ୍ ପୋର୍ଟାଲ ମାଧ୍ୟମରେ ଜମାକାରୀଙ୍କଠାରୁ ଅନ୍‌ଲାଇନ୍ କ୍ଲେମ୍ କରି ସାହାରା ଜମାକାରୀଙ୍କୁ ଟଙ୍କା ଫେରସ୍ତ ଆରମ୍ଭ ହେଲାଣି ।

ଆଇନ ଭିତ୍ତିରେ ଯେକୌଣସି ସଂସ୍ଥାର କ୍ଷତିଗ୍ରସ୍ତ ଜମାକାରୀ ଟଙ୍କା କ୍ଲେମ୍ ଆବେଦନରେ ଜମାକାରୀ ମିଳିତ ମଞ୍ଚ ଜରିଆରେ ଜିଲ୍ଲାପାଳଙ୍କଠାରେ ଆବେଦନ ଦାଖଲ ସହ ଜମାକାରୀ ଗଣସତ୍ୟାଗ୍ରହରେ ସାମିଲ ହେବାକୁ ମଞ୍ଚ ଆହ୍ୱାନ ଦେଇଛି । କୋରାପୁଟ, ମାଲକାନଗିରି ଗଣସତ୍ୟାଗ୍ରହ ପୂର୍ବରୁ ଜିଲ୍ଲା ଓ ବ୍ଲକସ୍ତରୀୟ ଜମାକାରୀ ବୈଠକ ପାଇଁ ସ୍ଥିର ହୋଇଛି । ବୈଠକରେ ସଦାନନ୍ଦ ଗୁଣ୍ଡା, ଲକ୍ଷ୍ମଣ ନାଏକ, ରାଜେନ୍ଦ୍ର ଡାକୁଆ ଓ ରାମଣା ଶିଶା ପ୍ରମୁଖ ଉପସ୍ଥିତ ଥିଲେ ।

# କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶୈକ୍ଷିକ ପରିଷଦର ବୈଠକ

କେନ୍ଦ୍ରାପଡା, ୧୫/୧୦ (ନି.ପ୍ର): କେନ୍ଦ୍ରାପଡା ସ୍ୱୟଂଶାସିତ ମାହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ୨୦୨୩-୨୪ ଶୈକ୍ଷିକ ବର୍ଷ ନିମି ମହାବିଦ୍ୟାଳୟର ଶୈକ୍ଷିକ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଅଧ୍ୟକ୍ଷ ଗୋପାଳ ଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ରଖିଥିଲେ । ମହାବିଦ୍ୟାଳୟର ୟୁଜିସି ସଂଯୋଜକ ଡଃ ପ୍ରଭାକର ମଲ୍ଲିକ ପୂର୍ବ ସଂକଳ୍ପର ଅନୁମୋଦନ କରାଇବା ସଂଗେ ସଂଗେ ୨୦୨୨-୨୩ ବର୍ଷରେ ସଂକଳ୍ପ ଅନୁସାରେ ସମ୍ପୂର୍ଣ୍ଣ ହୋଇଥିବା କାର୍ଯ୍ୟ ବିଷୟରେ ଗୃହକୁ ଅବଗତ କରାଇଥିଲେ । ଉତ୍କଳ ବିଶ୍ୱ ବିଦ୍ୟାଳୟର କୁଳପତିଙ୍କ ଦ୍ୱାରା ମନୋନୀତ ସଦସ୍ୟ ପି.କେ ହୋତା, ପ୍ରଫେସର ଚିନ୍ମୟ କୁମାର ପ୍ରଧାନ ଓ ମହାବିଦ୍ୟାଳୟ ଦ୍ୱାରା ମନୋନୀତ ସଦସ୍ୟ ପ୍ରାକ୍ତନ ଅଧ୍ୟକ୍ଷ ନନ୍ଦ କିଶୋର ପରିଡା, ପୂର୍ବତନ ପଠାଣି ସାମନ୍ତ ପ୍ଲାନେଟୋରିୟମର ନିର୍ଦ୍ଦେଶକ ଡଃ ପ୍ରହଲାଦ ନାୟକ, ପ୍ରାକ୍ତନ କେନ୍ଦ୍ରାପଡା ପୌରପାଳିକାର ଅଧ୍ୟକ୍ଷ ଆଡଭୋକେଟ୍ ଧିରେନ କୁମାର ସାହୁ ୨୦୨୩-୨୪ ପାଠ୍ୟ ଖସଡାକୁ ଅନୁମୋଦନ କରିବା ସହିତ, ଛାତ୍ରଛାତ୍ରୀମାନଙ୍କର ନିୟୋଜିତ ହେବା ପାଇଁ ବ୍ୟାବହାରିକ ଜ୍ଞାନ ଉପରେ ଅଧିକ ଗୁରୁତ୍ୱ ଦେବା, ଲୋପ ପାଇଯାଉଥିବା ସ୍ଥାନୀୟ କଳା ସଂସ୍କୃତିକୁ ଭାଷା ସାହିତ୍ୟରେ ସ୍ଥାନ ଦେବା, ଗବେଷଣାକୁ ପ୍ରାଧାନ୍ୟ ଦେବା, ମୂଲ୍ୟାୟନ ପଦ୍ଧତିରେ ପରିବର୍ତ୍ତନ ଆଣିବା ଉପରେ ମତବ୍ୟକ୍ତ କରିଥିଲେ । ଶୈକ୍ଷିକ ଅଧିକାରୀ ପ୍ରାଧାପକ ବିଶ୍ୱରଞ୍ଜନ ପୁହାଣ ୨୦୨୩-୨୪ ବର୍ଷ ପାଇଁ ଶୈକ୍ଷିକ ପଞ୍ଜିକା ଉପସ୍ଥାପନ କରିଥିଲେ ।

# କମ୍ପ୍ୟୁଟର ବ୍ୟବସାୟୀଙ୍କଠାରୁ ଲୁଟ ଘଟଣା : ଯୁବକ କୋର୍ଟ ଚାଲାଣ, ଅନ୍ୟ ଅଭିଯୁକ୍ତ ଫେରାର

ଧର୍ମଶାଳା, ୧୫/୧୦ (ନି.ପ୍ର): ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅନ୍ତର୍ଗତ ଇସ୍ତମାପଡିଆ ନିକଟରୁ ବୁଧବାର ବିଳମ୍ବିତ ରାତିରେ ଜଣେ କମ୍ପ୍ୟୁଟର ବ୍ୟବସାୟୀ ଓ ତାଙ୍କ କର୍ମଚାରୀଙ୍କୁ ସଂଘବଦ୍ଧଭାବେ ଆକ୍ରମଣ କରି ଲାପଟପ୍, ମୋବାଇଲ, ଟଙ୍କା ଓ ସୁନା ଲୁଟି ନେଇଥିଲେ । ଏନେଇ ବ୍ରହ୍ମବରଦା ଥାନାରେ ଏକ ମାମଲା ରୁଜୁ ହୋଇଥିଲା । ଏହି ଘଟଣାରେ ପୋଲିସ ଶୁକ୍ରବାର ବିଳମ୍ବିତ ରାତିରେ ବ୍ରହ୍ମବରଦା ଅଂଚଳର ଅମରନାଥ ରାଉତଙ୍କ ପୁଅ ଅସିତ ଓରଫ କାଳନ୍ଦି(୩୨)ଙ୍କୁ କଲେଜ ଛକ ନିକଟରୁ ଗିରଫ କରିଥିଲା । ଏବଂ ଏହି ଘଟଣାର ଅଧିକ ତଥ୍ୟ ପାଇବା ପାଇଁ କାଳନ୍ଦିଙ୍କୁ ପଚରାଉଚୁରା କରିଥିଲା । କେସ୍ ନଂ ୧୨୮/୨୩ରେ ପୋଲିସ ତାଙ୍କୁ ଆଜି କୋର୍ଟ ଚାଲାଣ କରିଥିବା ବେଳେ ପୂର୍ବରୁ କାଳନ୍ଦି ନାମରେ ଥାନାରେ ମାମଲା ରହିଥିବା ପୋଲିସ ଜାଣିବାକୁ ପାଇଥିଲା । ଏହି ଘଟଣାରେ ଅନ୍ୟ ଅଭିଯୁକ୍ତମାନେ ଫେରାର ଅଛନ୍ତି । ସେମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ବ୍ରହ୍ମବରଦା ଥାନା ଏସ୍‌ଆଇ ବିଭୂତି ଭୂଷଣ ମହାପାତ୍ର ସୂଚନା ଦେଇଛନ୍ତି । ସୂଚନା ଥାଉକି, ବୁଧବାର ଦିନ ବିଳମ୍ବିତ ରାତିରେ ଅରାବଳ ପଂଚାୟତ ନାଳକୂଳ ଗ୍ରାମର ରାଘବ ନାୟକଙ୍କ ପୁଅ ସର୍ବେଶ୍ୱର ବ୍ୟାଙ୍କଛକରୁ କମ୍ପ୍ୟୁଟର ଦୋକାନ ବନ୍ଦ କରି କର୍ମଚାରୀ ପ୍ରିତିଶଙ୍କ ସହ ଘରକୁ ଫେରୁଥିବା ସମୟରେ ବ୍ରହ୍ମବରଦା ଥାନା ଅନ୍ତର୍ଗତ ଇସ୍ତମାପଡିଆ ନିକଟରେ ସେମାନଙ୍କୁ ଆକ୍ରମଣ କରି ସେମାନଙ୍କ ନିକଟରେ ଥିବା ୨ଟି ମୋବାଇଲ, ନଗଦ ଟଙ୍କା, ଭେସଲେଓ, ମୁଦି ଲାପଟପ୍ ଲୁଟ କରି ନେଇ ଫେରାର ହୋଇଯାଇଥିଲେ । ଦୁହେଁ ଗୁରୁତର ଆହତ ହୋଇ କଟକ ବଡ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି । ଏହି ଘଟଣାକୁ ନେଇ ବ୍ୟବସାୟୀଙ୍କ ପିତା ରାଘବ ବ୍ରହ୍ମବରଦା ଥାନାରେ ଏତଲା ଦେଇଥିଲେ । ଏତଲାକୁ ଭିତି କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା ।

# ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ମେରି ମାଟି ମେରା ଦେଶ ଅଭିଯାନ ଓ ଅମୃତ କଳଶ ଯାତ୍ରା ଆୟୋଜିତ

ଜୟପୁର , ୧୫/୧୦ (ନି.ପ୍ର): 'ମେରି ମାଟି ମେରା ଦେଶ ଅଭିଯାନ' ଅଧୀନରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗତ ୧୩.୧୦.୨୦୨୩ରେ ଏହାର ଉଭୟ କ୍ୟାମ୍ପସରେ ଅମୃତ କଳଶ ଯାତ୍ରା ପାଳିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଆମର ପ୍ରିୟ ମାତୃଭୂମି ଏବଂ ଆମ ମହାନ ଦେଶ ପାଇଁ ଉଲ୍ଲେଖନୀୟ ବଳିଦାନ ଦେଇଥିବା ବୀରମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଶୁଭେଚ୍ଛା ଜଣାଇଥିଲେ । ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ପ୍ରଫେସର ଏନ୍ ସି ପଣ୍ଡା କଳସ ଯାତ୍ରାକୁ ଉଦ୍‌ଘାଟନ କରିବା ସହ ଏହି ଅଭିଯାନର ମହତ୍ୱ ଉପରେ ଗୁରୁତ୍ୱାରୋପ କରିବା ସହ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଶପଥ ପାଠ କରାଇଥିଲେ । ବିଶ୍ୱବିଦ୍ୟାଳୟ ସ୍ତରରେ କଳଶ ଯାତ୍ରାର ସଫଳତା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ନିଜ ନିଜ ଘର ଓ ବାସସ୍ଥାନରୁ ପବିତ୍ର ମାଟି ଆଣିଥିଲେ ଯାହା ଉଭୟ ସୁନାବେଡ଼ା ଓ ଲାଣ୍ଡିଗୁଡ଼ା ପରିସରରେ ଅମୃତ କଳସରେ ସଂଗ୍ରହ କରାଯାଇଥିଲା । ଏହି ପବିତ୍ର ମାଟି ସଂଗ୍ରହ ସମୟରେ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଗବେଷକ, ଅଧ୍ୟାପକ, ଅଧିକାରୀ ଓ କର୍ମଚାରୀମାନେ ଏକାଠି ହୋଇ 'ପଂଚ ପ୍ରାଣ' ଶପଥ ନେଇଥିଲେ, ଯାହା ଏକ ସୁଦୃଢ ଭାରତ ଗଠନ ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ । ଏଥିସହ ସୁନାବେଡ଼ା ପରିସରରେ ସ୍ୱଦେଶୀ ଚାରା ରୋପଣ କରାଯାଇ ପରିବେଶ ସଂରକ୍ଷଣର ବାର୍ତ୍ତାକୁ ଆହୁରି ସୁଦୃଢ଼ କରାଯାଇଥିଲା । ସଂଗ୍ରହ କରାଯାଇଥିବା ମାଟି ସହ କଳସକୁ ଜିଲ୍ଲା ପ୍ରଶାସନକୁ ହସ୍ତାନ୍ତର କରାଯିବ । । ଏହି କାର୍ଯ୍ୟକ୍ରମରେ ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଦ୍ୟାଳୟର ଡିନ୍ ପ୍ରଫେସର ଶରତ କୁମାର ପାଲିତା, ପ୍ରଫେସର ଭିବାସ ଚନ୍ଦ୍ର ଝା, ଉପଦେଷ୍ଟା-ପ୍ରଶାସନ; ଡ. ପ୍ରଶାନ୍ତ ମେଶ୍ରାମ, ପରୀକ୍ଷା ନିୟନ୍ତ୍ରକ; ରାଜଭାଷା ସେଲ୍ ର ନିର୍ଦ୍ଦେଶକ ପ୍ରଫେସର ହେମରାଜ ମୀନା; ଜନସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇଙ୍କ ସମେତ ବହୁ ସଂଖ୍ୟକ ଅଧ୍ୟାପକ ଓ ଅଧିକାରୀ, କର୍ମଚାରୀ, ଛାତ୍ରଛାତ୍ରୀ ଓ ଗବେଷକ ଅଂଶଗ୍ରହଣ କରିଥିଲେ । । ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟର ଛାତ୍ର କଲ୍ୟାଣ ଡିନ୍ ଡ. ରାମେନ୍ଦ୍ର କୁମାର ପାଢ଼ୀ ସଂଯୋଜନା କରିଥିଲେ ।

# ବିଦ୍ୟୁତ୍ ଆଘାତରେ ମୃତକଙ୍କ ପରିବାରଙ୍କୁ ବୈଜୟନ୍ତଙ୍କ ସହାୟତା

କେନ୍ଦ୍ରାପଡା, ୧୫/୧୦ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କଂସାର ପଂଚାୟତର କାଙ୍କଦିଆ ଗ୍ରାମର ଜଣେ ଯୁବକ ଗତ ତିନି ଦିନ ତଳେ ଟ୍ରକ ରୁ ପାଇପ ବାହାର କରୁଥିବା ସମୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମୃତ୍ୟୁ ବରଣ କରିଥିଲେ । କେନ୍ଦ୍ରାପଡା ର ପୂର୍ବତନ ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଶ୍ରୀ ବୈଜୟନ୍ତ ପଣ୍ଡା ଖବର ପାଇ ମୃତକଙ୍କ ପରିବାର କୁ ସହାୟତା ର ହାତ ବଢାଇଛନ୍ତି । ବିଜେପି ଜିଲ୍ଲା ସାଧାରଣ ସଂପାଦକ ଅଭିମନ୍ୟୁ ଗୋଛାୟତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ସ୍ୱର୍ଗତ ବାବୁଲା ମଳିକଙ୍କ ଘରେ ପହଁଚି ତାଙ୍କ ପରିବାର କୁ ସମବେଦନା ଜନାଇବା ସହ ଶ୍ରୀ ପଣ୍ଡାଙ୍କ ଦ୍ୱାରା ଦିଆଯାଇ ଥିବା ସହାୟତା ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମ ରେ ଉମାକାନ୍ତ ନାୟକ, ବାଦଲ ସ୍ୱାଇଁ, ଦିପ୍ତି ରଂଜନ ମହାପାତ୍ର, ରତ୍ନାକର ମଳିକ ପ୍ରମୁଖ ଉପସ୍ଥିତ ଥିଲେ ।

# ନାଫେଡ୍ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ: ୭ ସହରରେ ୬୦ ଟଙ୍କାରେ ଭାରତ ବୁଟ ଡାଲି




ଭୁବନେଶ୍ୱର, ୧୫/୧୦ (ନି.ପ୍ର): ୧୪୦ ଟଙ୍କାରେ ପହଞ୍ଚିଛି ବୁଟ ଡାଲିର ଦର । ଏଥିପାଇଁ ରାଜ୍ୟର ୭ଟି ସହରରେ ନାଫେଡ୍ ପକ୍ଷରୁ ଭ୍ରାମ୍ୟମାଣ ଗାଡ଼ି ଜରିଆରେ ୬୦ ଟଙ୍କାରେ ଭାରତ ବୁଟ ଡାଲି ବିକ୍ରି କରାଯାଉଛି । ଆଗାମୀ ଦିନରେ ଅଧିକରୁ ଅଧିକ ଗ୍ରାହକ ଏହାର ଲାଭ ନେବା ପାଇଁ ନାଫେଡ୍‌ର ଭାବ୍ୟା ଆନନ୍ଦ ଅନୁରୋଧ କରିଛନ୍ତି । ନାଫେଡ୍‌ର ସୂଚନା ଅନୁସାରେ, ସେପ୍ଟେମ୍ବର ୧୯ରୁ ଭୁବନେଶ୍ୱର, କଟକ, ବ୍ରହ୍ମପୁର, ନୂଆପଡ଼ା, ରାୟଗଡ଼ା, ବଲାଙ୍ଗୀର, ମାଲକାନଗିରିରେ ୧୫ଟି ଭ୍ରାମ୍ୟମାଣ ଗାଡ଼ି ଏବଂ କଟକରେ ଥିବା ଗୋଟିଏ ରିଟେଲ୍ ଦୋକାନରେ ଭାରତ ବୁଟ ଡାଲି ବିକ୍ରି କରାଯାଉଛି । ବର୍ତ୍ତମାନ ପର୍ଯ୍ୟନ୍ତ ୧୭୯୫ ମେଟ୍ରିକ ଟନ୍‌ର ବୁଟଡାଲି ବିକ୍ରି କରାଯାଇଛି । ଏଥିରେ ବ୍ୟକ୍ତି ପିଛା ସର୍ବାଧିକ ୫ କେଜି ଲେଖାଏଁ ଡାଲି ନେଇ ପାରୁଛନ୍ତି । ୩୦ କେଜି ଡାଲି କିଣିବା ପାଇଁ ୧୬୫୦ ଟଙ୍କା ଦେବାକୁ ପଡ଼ିବ । ଅର୍ଥାତ ଅଧିକ ଡାଲି କିଣିଲେ କେଜି ପ୍ରତି ୫୫ ଟଙ୍କା ଦେବାକୁ ପଡ଼ିବ । ଖୁବ ଶୀଘ୍ର ରାଜ୍ୟର ଅନ୍ୟ ଜିଲ୍ଲାରେ ମଧ ଭାରତ ବୁଟ ଡାଲି ବିକ୍ରି କରାଯିବ । ଡାଲିର ମୂଲ୍ୟ ଆକାଶଛୁଆଁ ହୋଇଥିବାରୁ ଲୋକଙ୍କୁ ପୁଷ୍ଟିକର ଖାଦ୍ୟ ମିଳିପାରୁ ନାହିଁ । ଏଥିପାଇଁ ନାଫେଡ୍ ପକ୍ଷରୁ ଏହି ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି ।

# ଜିଲ୍ଲାସ୍ତରୀୟ ଲୋକ ଅଦାଲତ

ଜୟପୁର , ୧୫/୧୦ (ନି.ପ୍ର): ଜାତୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ ସେବା ପ୍ରାଧିକରଣର, କୋରାପୁଟ-ଜୟପୁର ଅଧକ୍ଷ ତଥା ଜିଲ୍ଲା ଦୌରା ଜଜ ସତ୍ୟ ନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ସ୍ତରୀୟ ଲୋକ ଅଦାଲତ ଜୟପୁର, କୋରାପୁଟ, ବୋରିଗୁମ୍ମା, କୋଟପାଡ, ଲକ୍ଷ୍ମୀପୁର, ଦଶମନ୍ତପୁର, ସେମିଳିଗୁଡା, ଲମତାପୁଟ-କୋରାପୁଟ, ଗ୍ରାମ ନ୍ୟାୟଳୟ, ସେମିଲିଗୁଡାର ସମସ୍ତ ଅଦାଲତ ତଥା କୋରାପୁଟ ଜିଲ୍ଲା ଉପଖଣ୍ଡ ଓ ତହସିଲ, ଆଂଚଳିକ ପରିବହନ କାର୍ଯ୍ୟଳୟ, କୋରାପୁଟ, ଜିଲ୍ଲା ଶ୍ରମ କାର୍ଯ୍ୟଳୟ, ଜୟପୁର ମାନଙ୍କରେ ଅନୁଷ୍ଠିତ ହୋଇଯାଇଅଛି । ଜୟପୁରରେ ହେଇଥିବା ଜିଲ୍ଲା ନ୍ୟାୟଳୟରେ ଜିଲ୍ଲା ଜଜ ତଥା ଆଇନ ସେବା ପ୍ରାଧିକରଣ ଅଧକ୍ଷ୍ୟ ସତ୍ୟ ନାରାୟଣ ମିଶ୍ର, ପରିବାର ଅଦାଲତ ବିଚାରପତି ପବିତ୍ର ମୋହନ ସାମଲ, ବିଚାରପତି ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ତଥା ସଚିବ ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋରାପୁଟ-ଜୟପୁର ସୁମନ ଜେନା, ଦେବନି ବିଚାରପତି(ମହିଳା କୋର୍ଟ) ଅଞ୍ଜଳି ମାଛଖଣ୍ଡ, ଦେବନି ବିଚାରପତି ରେଖାରଣୀ ପଣ୍ଡା, ଉପଖଣ୍ଡ ଦଣ୍ଡାଧିକରି ସନ୍ତୋଷ କୁମାର ବାରିକ , ପ୍ରଥମ ଶ୍ରେଣୀ ବିଚାର ବିଭାଗ ଦଣ୍ଡାଧିକରି ପଲ୍ଲବୀ ପ୍ରିୟଦର୍ଶୀନୀ ଏବଂ ପ୍ରଥମ ଶ୍ରେଣୀ ବିଚାର ବିଭାଗ ଦଣ୍ଡାଧିକରି ଆଦର୍ଶ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ପୃଥକ ପୃଥକ ଭାବେ କୋର୍ଟ କରି ମୋକଦ୍ଦମା ଫୈଇସଲା କରିଥିଲେ ।

ଏହି ଜିଲ୍ଲା ସ୍ତରୀୟ ଲୋକ ଅଦାଲତରେ ୦୪ ଗୋଟି ମୋଟର ଦୁର୍ଘଟଣା ଜନିତ କ୍ଷତି ପୂରଣ ମାମଲାର ଫୈଇସଲା କରି ବୀମା କମ୍ପାନୀ ମାନଙ୍କୁ କ୍ଷତି ପୂରଣ ବାବଦରେ ଆଦେଶ ଦେଇ ବାଦି ମାନଙ୍କୁ ୫୫,୯୦,୦୦୦/- ଟଙ୍କ । କ୍ଷତି ପୂରଣ ଦେବା ପାଇଁ ଧାର୍ଯ୍ୟ କରଯାଇଥିଲା, ୧୫ ଗୋଟି ବୈବାହିକ ମାମଲା, ୦୯ ଗୋଟି ଅନ୍ୟାନ୍ୟ ପ୍ରାକ ମାମଲାର ଫଇସଲା କରାଯାଇଥିଲା, ୦୯ ଗୋଟି ଶ୍ରମ ମାମଲା ଓ ଏହା ସହିତ କୋରାପୁଟ ଜିଲ୍ଲାର ଜିଲ୍ଲା ଉପଖଣ୍ଡ ଓ ସମସ୍ତ ତହସିଲ ଦ୍ୱାରା ୨୦୬୪ ଟି ରାଜସ୍ୱ ମାମଲା ରେ ବିଚାର କରାଯାଇ ୩,୮୧,୦୯୨/- ଟଙ୍କା ଆଦାଯ କରଯାଇଥିଲା । ଏହି ଅଦାଲତ ବେଂଚ ମାନଙ୍କରେ ଆଇନଜୀବି ଶ୍ରୀ ଶଶାନନ୍ଦ ମିଶ୍ର, ଶ୍ରୀ ଆନନ୍ଦ ରଥ, ଶରତ କୁମାର ନାୟକ ପ୍ରମୁଖ ସୋହୋଯୋଗ କରିଥିଲେ । ଜୟପୁର ସମସ୍ତ କୋର୍ଟ କର୍ମଚାରୀ ଆଇନ ସେବା ପ୍ରାଧିକରଣ କର୍ମଚାରୀ ପ୍ରମୁଖ ଅଦାଲତ କାର୍ଯ୍ୟ ସୂଚାରୁ ରୂପେ ସମ୍ପାଦନରେ ସମ୍ପୂର୍ଣ ସହଯୋଗ କରିଥିଲେ ।

# ନିଳାଗୁଡା ଜଙ୍ଗଲରେ ଅବକାରୀ ଚଢାଉ

ଜୟପୁର , ୧୫/୧୦ (ନି.ପ୍ର): ଜୟପୁର ବ୍ଲକ ଅନ୍ତର୍ଗତ ନିଳାଗୁଡା ଜଙ୍ଗଲରେ ଅବକାରୀ ବିଭାଗ ଶନିବାର ଚଢାଉ କରିଛି । ମଦ ମାଫିଆ ମାନେ ମଦ ଓ ପୋଚ ଲୁଚାଇ ରଖିଥିବା ସୁଚନା ପାଇ ଜୟପୁର ଅବକାରି ବିଭାଗ ଚଢାଉ କରିଛି ।

ଚଢାଉ ସୁଚନା ପାଇ ମଦ ମାଫିଆ ମାନେ ଚମ୍ପଟ ମାରିଥିବା ବେଳେ ଅବକାରୀ ବିଭାଗ ବହୁ ମଦ ଭାଟି ଭାଙ୍ଗିଛି । ଘଟଣା ସ୍ଥଳରୁ ୧୨ ଶହ ଲିଟର ପୋଚ ଓ ୮୦ ଲିଟର ଦେଶି ମଦ କୁ ଜବତ କରି ନଷ୍ଟ କରିଛି। ମଦ ରନ୍ଧା ସରଞ୍ଜାମ, ଡ୍ରମ ଆଦିକୁ ଜବତ କରିଥିବା ଜୟପୁର ଅବକାରି ବିଭାଗ ତରଫରୁ ସୁଚନା ଦିଆଯାଇଛି ।

# ବିଜେପିର ନୂତନ ମଣ୍ଡଳ ସଭାପତିଙ୍କୁ ସମ୍ବର୍ଦ୍ଧନା

ହରିଚନ୍ଦନପୁର, ୧୫/୧୦ (ନି.ପ୍ର): କେନ୍ଦୁଝର ଜିଲ୍ଲା ତେଲକୋଇ ନିର୍ବାଚନ ମଣ୍ଡଳୀର ଭଗାମୁଣ୍ଡା ଜୋନର ନୂତନ ମଣ୍ଡଳ ସଭାପତିଙ୍କୁ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଖବର ମୁତାବକ ଆଗାମୀ ୨୦୨୪ ନିର୍ବାଚନକୁ ଆଖି ଆଗରେ ରଖି ବିଜେପି ଗ୍ରାମାଞ୍ଚଳରେ ସଙ୍ଗଠନକୁ ସୃଦୃଢ଼ କରିବା ଆଶାରେ ନୂତନ ମଣ୍ଡଳ ସଭାପତି ଚୟନ ପ୍ରକ୍ରିୟା ଆରମ୍ଭ କରିଛି । ହରିଚନ୍ଦନପୁର ବିଜେପି ପକ୍ଷରୁ ପୂର୍ବରୁ ବୟସ୍କଙ୍କୁ ସଭାପତି ପଦରେ ନିଯୁକ୍ତି ଦେଉଥିବା ବେଳେ ଏଥର ଯୁବପିଢିଙ୍କୁ ସମ୍ମୁଖରେ ରଖି ନିର୍ବାଚନ ଆସନକୁ ହାତେଇବା ପାଇଁ ଦୃଢ଼ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି । ଯାହାକୁ ନେଇ ଆଜି ଭଗାମୁଣ୍ଡା ଠାରେ ହୃଷିକେଶ ସିଂଙ୍କୁ ନୂତନ ମଣ୍ଡଳ ସଭାପତି ଭାବେ ସମ୍ବର୍ଦ୍ଧିତ କରାଯାଇଛି । କାର୍ଯ୍ୟକ୍ରମରେ ମଣ୍ଡଳର ୧୦୦ରୁ ଉର୍ଦ୍ଧ୍ୱ କର୍ମୀ ଓ କାର୍ଯ୍ୟକର୍ତ୍ତାଙ୍କ ସମେତ ଶତାଧିକ ସମର୍ଥକ ଓ ସମାଜସେବୀ ଯୋଗ ଦେଇଥିଲେ । ଆଗାମୀ ଦିନରେ ଏହି ସମସ୍ତେ ନୂତନ ମଣ୍ଡଳ ସଭାପତି ହୃଷିକେଶଙ୍କ ସହ ମିଶି ଦଳକୁ ଗ୍ରାମାଞ୍ଚଳରୁ ସୃଦୃଢ କରିବା ସହ ଦଳୀୟ କାର୍ଯ୍ୟକ୍ରମଙ୍କୁ ଆଗକୁ ବଢେଇ ନେବା ପାଇଁ ନିଷ୍ପତି ନେଇ ସପଥ ପାଠ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ହରିଚନ୍ଦନପୁର ମଣ୍ଡଳ ସଭାପତି ମନୋଜ ମହାନ୍ତ, ପୂର୍ବତନ ଜିଲ୍ଲାପରିଷଦ ପ୍ରାର୍ଥୀ ଶ୍ୟାମସୁନ୍ଦର ମାଝୀ, ବାବୁଲି ଚରଣ ସାହୁ, ଗିରିଧାରୀ ମହାନ୍ତ, ମଣ୍ଡଳ ଉପ ସଭାପତି ମୋହନ ନାଏକ, ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ମହାନ୍ତ, ଜିଲ୍ଲା ଯୁବମୋର୍ଚ୍ଚା ସମ୍ପାଦକ ପ୍ରେମ୍ ପ୍ରକାଶ ମୁଣ୍ଡା, ମଣ୍ଡଳ ଯୁବମୋର୍ଚ୍ଚା ଉପ ସଭାପତି ଦେବ ପ୍ରସାଦ ମହାନ୍ତ, ମଣ୍ଡଳ ଯୁବମୋର୍ଚ୍ଚା ସମ୍ପାଦକ ବିରସିଂ ମିଆଦୀ, ଶଗଡପଟା ପଞ୍ଚାୟତ ସଭାପତି ଦାଶରଥି ମାଝୀ, ଯୁବ ମୋର୍ଚ୍ଚା କାର୍ଯ୍ୟକର୍ତ୍ତା ବିଶ୍ୱଜିତ ମହାନ୍ତ(ପଟିଆ), ଅନିଲ ମହାରଣା, ସୁଶାନ୍ତ ମହାରଣା, ହେମନ୍ତ କବାଟଙ୍କ ସମେତ ୨ଶହରୁ ଉର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ ।

# ମାତିଛନ୍ତି ନିଶା ବେପାରୀ: କଫ ସିରପ୍ ବେପାର ବେଲଗାମ୍




କଟକ, ୧୫/୧୦ (ନି.ପ୍ର): ପଶ୍ଚିମ ଓଡ଼ିଶା ସହ କଟକ ସହର ଓ କଟକ ଉପକଣ୍ଠ ଅଞ୍ଚଳକୁ ଗ୍ରାସ କରିବାକୁ ବସିଛି କଫ୍ ସିରପ୍ ନିଶା । ମେଘାଳୟ ଓ ହିମାଚଳପ୍ରଦେଶରେ ପ୍ରସ୍ତୁତ କୋଡିନ୍ ଫସଫେଟ୍ ମିଶ୍ରିତ କଫ୍ ସିରପ୍ ନିଷିଦ୍ଧ ସତ୍ତ୍ୱେ କଟକରୁ ଲଗାତର ତିନି ବର୍ଷରେ ତିନି ଥର ଏହା ଜବତ ହେବା ଘଟଣା ଏବେ କମିସନରେଟ୍ ପୁଲିସ ପାଇଁ ଚିନ୍ତା ବଢ଼ାଇଛି । ପୂର୍ବରୁ ଏ ପ୍ରକାର ନିଶା ସାଧାରଣତଃ ଚାଲାଣ ହେଉନଥିଲା । କିନ୍ତୁ ୧୦୦ ଟଙ୍କାରେ ୧୦୦ ଏମଏଲ୍ କଫ୍ ସିରପ୍ ମିଳି ଯାଉଥିବାରୁ ଯୁବପୀଢ଼ିଙ୍କ ମଧ୍ୟରେ ଏଭଳି ନିଶାକୁ ନେଇ ଆଗ୍ରହ ବଢ଼ିବାରେ ଲାଗିଥିବା କୁହାଯାଉଛି । କଟକକୁ ଚାଲାଣ ପଛରେ ପଶ୍ଚିମବଙ୍ଗର ଲିଙ୍କ୍ ସବୁଥର ସାମନାକୁ ଆସୁଛି । ଭାରତ ସରକାର ୨୦୧୬ ମାର୍ଚ୍ଚ ୧୦ରେ ଦେଶରେ କୋଡିନ୍ ଫସଫେଟ୍ ମିଶ୍ରିତ କଫ୍ ସିରପ୍ ପ୍ରସ୍ତୁତି ଓ ବିକ୍ରି ଉପରେ ନିଷେଧାଦେଶ ଜାରି କରିଥିଲେ । ଏଥିରେ ନିଶାର ମାତ୍ରା ଅଧିକ ରହୁଥିବାରୁ ଏହା ଶରୀର ଉପରେ କୁପ୍ରଭାବ ପକାଉଥିବା ଜଣାଯାଇଥିଲା । ସରକାରୀ ଭାବେ ଏହା ବନ୍ଦ ହୋଇଯିବା ପରେ କଫ କମାଇବା ପାଇଁ ଏହାକୁ ସେବନ କରିବାକୁ ଡାକ୍ତର ପରାମର୍ଶ ଦେଉ ନାହାନ୍ତି । କିନ୍ତୁ ଏଥିରେ ଥିବା ନିଶାର ମାତ୍ରା ଏବେ ନିଶା ମାଫିଆଙ୍କ ପାଇଁ ବଡ଼ ବ୍ୟବସାୟର ମାଧ୍ୟମ ପାଲଟିଛି । ୧୦୦ ଏମଏଲ୍ 'କୋରେକ୍ସ କଫ୍ ସିରପ୍ ୧୨୩ରୁ ୧୪୫ ଟଙ୍କାରେ ମିଳିଯାଉଥିବା ବେଳେ 'ୱିନସରେକ୍ସ କଫ ସିରପ୍ ୮୦ରୁ ୯୫ ଟଙ୍କା ଏବଂ 'ଏସକଫ୍ କଫ ସିରପ୍ ୮୨ରୁ ୯୦ ଟଙ୍କାରେ ମିଳିଯାଉଛି । ଅଳ୍ପ ମୂଲ୍ୟରେ ଏହି କଫ୍ ସିରପ୍ ମିଳିଯାଉଥିବାରୁ ଏହାକୁ ବେଆଇନ ଭାବେ କମ୍ପାନି ପ୍ରସ୍ତୁତ କରି ଓଡ଼ିଶା ବଜାରକୁ ଚାଲାଣ କରୁଛି । ଏ ପ୍ରକାର ଔଷଧ କାରଖାନା ହିମାଚଳପ୍ରଦେଶ ଓ ମେଘାଳୟର ପାର୍ବତ୍ୟାଞ୍ଚଳରେ ପ୍ରସ୍ତୁତ ହେଉଛି । ସେଠାରୁ ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଓ ଓଡ଼ିଶା ବଜାରକୁ ଚାଲାଣ ହେଉଛି । ପଶ୍ଚିମବଙ୍ଗରେ ପହଞ୍ଚିବା ପରେ ସେଠି କଲିକତାର କାଳୀଘାଟ ଅଞ୍ଚଳରେ ଥିବା ଗୋଦାମରେ ଠୁଳ ହେଉଛି । ସେଠାରୁ କଟକ-କଲିକତା ବସ୍ ଯୋଗେ କଟକ ଓଏମପି, ବାଦାମବାଡ଼ି ବସଷ୍ଟାଣ୍ଡରେ ପହଞ୍ଚୁଛି । ସେଠାରୁ କଟକ ସହର ସମେତ ପଡ଼ୋଶୀ ଜିଲ୍ଲାକୁ ଚାଲାଣ ହେଉଥିବା ଜଣେ ପୁଲିସ ଅଧିକାରୀ କହିଛନ୍ତି । ଗୋଟିଏ ପଟେ କୋଡିନ୍ ଫସପେଟ୍ ନିଶିଦ୍ଧ ହୋଇଥିବା ବେଳେ ଏହି ପ୍ରକାର କଫ୍ ସିରପରେ ଅଧିକ ନିଶା କରିବା ପାଇଁ ନିଶା ମାଫିଆ 'ଆଲଜୋଲମା ୦.୨୫ ସହିତ 'ନାଇଟ୍-୧୦ ନାଁରେ ଦୁଇ ପ୍ରକାର ସ୍ଲିପିଂ ପିଲ୍(ନିଦ ବଟିକା) ମିଶାଉଛନ୍ତି । କୋଡିନ୍ ଫସପେଟ୍ ମିଶ୍ରିତ କଫ ସିରପ ଭଳି ଏହି ଦୁଇ ପ୍ରକାର ନିଶା ବଟିକା ବି ଚୋରା କାରବାର ହେଉଛି । ଝାଡ଼ଖଣ୍ଡରୁ କେନ୍ଦୁଝର ରାସ୍ତାରେ କଟକ ସମେତ ପଡ଼ୋଶୀ ଜିଲ୍ଲାକୁ ବିପୁଳ ପରିମାଣର ଚାଲାଣ ହେଉଛି । ଏ ପ୍ରକାର କାରବାରରେ କଟକ ସହର ସମେତ ସମ୍ବଲପୁର ଝଙ୍କାରପଡ଼ା, ବରଗଡ଼ର ବିସିପଡ଼ା, ବଲାଙ୍ଗୀର ଜିଲ୍ଲା କାଣ୍ଟାବାଞ୍ଜି, ବେଲପଡ଼ା ସଦର ଅଞ୍ଚଳ, ବରଗଡ଼ ଜିଲ୍ଲା ଅତାବିରା, ମୟୁରଭଞ୍ଜ ଜିଲ୍ଲା ବାରିପଦା, ଖୋର୍ଧାକୁ ଚାଲାଣ ହେଉଛି । ସେହିଭଳି ଏହା ପଶ୍ଚିମବଙ୍ଗ, ତ୍ରିପୁରା, ଆସାମ, ମେଘାଳୟ ଓ ମିଜୋରାମ ସୀମାକୁ ଲାଗିଥିବା ବାଙ୍ଗଲାଦେଶକୁ ବି ଚାଲାଣ ହେଉଛି । ରାଜ୍ୟ-ରାଜ୍ୟ ଓ ଦେଶ-ଦେଶ ମଧ୍ୟରେ ଏଭଳି କଫ୍ ସିରପ୍ ଚାଲାଣ ଘଟଣାକୁ ଏନଆଇଏ ଭଳି ଜାତୀୟ ଏଜେନ୍ସି ଗୁରୁତ୍ୱର ସହିତ ଗ୍ରହଣ କରିଥିବା ବେଳେ ଏହି ନିଶା ମାଫିଆଙ୍କୁ ସ୍କାନରରେ ରଖିଥିବା ଓଡ଼ିଶା ପୁଲିସର ଜଣେ ବରିଷ୍ଠ ପୁଲିସ ଅଧିକାରୀ ସୂଚନା ଦେଇଛନ୍ତି ।

# ଗୋବସନ୍ତ ରୋଗରେ ବହୁ ଗୋରୁ ଗାଈ ଆକ୍ରାନ୍ତ

ଗଞ୍ଜାମ, ୧୫/୧୦ (ନି.ପ୍ର): ଚିକିଟି ବ୍ଲକର ପଡ୍ରଚୁଡି ଗ୍ରାମରେ ବହୁ ସଂଖ୍ୟାରେ ଗୋରୁ ଗାଈ ବସନ୍ତ ରୋଗରେ ସଂକ୍ରମିତ ହୋଇଛନ୍ତି । ଗତ ସପ୍ତାହ ମଧ୍ୟରେ ଦୁଇଟି ବାଛୁରୀ ଓ ଦୁଇଟି ବଳଦ ବସନ୍ତ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁ ବରଣ କରିଥିବା ସୂଚନା ମିଳିଛି । ନୂଆପଡା ପ୍ରାଣୀଧନ ଚିକିତ୍ସା ବିଭାଗ ପକ୍ଷରୁ ପ୍ରତିକାର ଓ ଚିକିତ୍ସା ବ୍ୟବସ୍ଥା କରାଯିବା ସତ୍ତ୍ୱେ ଗୋବସନ୍ତ କମିବା ନାଁ ଧରୁନାହିଁ । ଜିଲ୍ଲା ପ୍ରାଣୀଧନ ଚିକିତ୍ସା ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିବାକୁ ଗୋପାଳମାନଙ୍କ ପକ୍ଷରୁ ଦାବି ହେଉଛି ।

# ମେଧାବୀ ଛାତ୍ରଙ୍କ ଡେଙ୍ଗୁରେ ପରଲୋକ

ବଲାଙ୍ଗିର , ୧୫/୧୦ (ନି.ପ୍ର): ବଲାଙ୍ଗିରର ଜଣେ ମେଧାବୀ ଛାତ୍ର ରଜତ ପଟେଲ (୩୦)ଙ୍କ ଗତକାଲି ଡେଙ୍ଗୁ ରେ ମୃତ୍ୟୁ ଘଟିଛି । ବଲାଙ୍ଗିର ର ଜଣାଶୁଣା ଡାକ୍ତର ରୁଦ୍ର ପଟେଲ ଙ୍କ ପୁତୁରା ଓ ଅଧ୍ୟାପକ ଯତୀନ୍ଦ୍ର ପଟେଲଙ୍କ ପୁତ୍ର ରଜତ ଓପିଏସସି ର ଆସିଷ୍ଟାଣ୍ଟ ପ୍ରଫେସର ଜୁଲୋଜି ପରୀକ୍ଷାରେ ସଫଳ ହୋଇଥିବା ବେଳେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରେ ପିଏଚଡି କରୁଥିଲେ । କିଛିଦିନ ତଳେ ଅସୁସ୍ଥତା ଯୋଗୁଁ ଡାକ୍ତର ପରାମର୍ଶ ନେଇଥିଲେ । ଏଥିରେ ତାଙ୍କ ଡେଙ୍ଗୁ ପୋଜିଟିଭରେ ବଲାଙ୍ଗିର ୪ ଦିନ ତଳେ ଆସିଥିଲେ । ହଟାତ ତାଙ୍କର ଅସୁସ୍ଥତା ଯୋଗୁଁ ଭୀମଭୋଇ ମେଡିକାଲ ରେ ଗୁରୁବାର ରାତିରେ ଭର୍ତ୍ତି କରାଯାଇଥିଲା । ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଗତକାଲି ବରଗଡ଼ ର ଗୋଟିଏ ଘରେଇ ହସ୍ପିଟାଲ କୁ ନିଆଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ତାଙ୍କର ମୃତ୍ୟୁ ଘଟିଛି ।

## ପର୍ବ ପର୍ବାଣୀ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

'ତୁମେ କାଠ, ପଥର ଭିତରେ ଦୈବତ୍ୱ ଥିବା ଉପଲବ୍ଧି କରିପାରୁଛ କିନ୍ତୁ ଜୀବନ ମଣିଷ ଭିତରେ ତାହା ଉପଲବ୍ଧି କରିପାରୁ ନାହିଁ । ତାହା ମଣିଷ ଠାରେ ସବୁଠାରୁ ବେଶୀ ମାତ୍ରାରେ ବିଦ୍ୟମାନ ।' ତାହା ସନ୍ଦର୍ଶନ କରିବା ମଣିଷର ସବୁଠାରୁ ବଡ଼ ସାଧନା ଏବଂ ଏଥିରେ ସଫଳ ହେବା ବ୍ୟକ୍ତି ମଧ ପୂଜାର ପାତ୍ର ହୋଇଯାଆନ୍ତି, ତାଙ୍କୁ କେନ୍ଦ୍ର କରି ପୁନଶ୍ଚ ପର୍ବ ପର୍ବାଣୀ ଆରମ୍ଭ ହୋଇଯାଏ । ମୁଖ୍ୟତଃ ପର୍ବ ପର୍ବାଣୀ ପାଳନ କରିବାର ସବୁଠାରୁ ବଡ଼ ଉଦ୍ଦେଶ୍ୟ ହେଉଛି, ଆମେ - ଭଗବାନଙ୍କୁ କେବେହେଲେ ଭୁଲି ନ ଯାଉଁ, ଭଗବାନଙ୍କ ଲୀଳା ମହିମାକୁ ସମ୍ମାନ ଜଣାଉଥାଉଁ, ସବୁକିଛି ଭିତରେ ଦୈବତ୍ୱକୁ ଚିହ୍ନିବାରେ ଚେଷ୍ଟା କରୁଥାଉଁ, ଭଗବାନଙ୍କ ଶକ୍ତି ସମସ୍ତଙ୍କ ପାଇଁ, ଏହା ବୁଝୁଥାଉଁ, ଦୁଷ୍ଟ ଶକ୍ତି ଯେତେ ପ୍ରବଳ ହେଲେ ବି ଦୈବୀଶକ୍ତି ପାଖରେ କାଳେ କାଳେ ତାହା ପରାସ୍ତ ହୁଏ, ଏହା ବିସ୍ମୃତ ନ ହେଉଁ, ଦୈବୀଶକ୍ତି ଯେ ଆମର ବଳ, ସାହସ ଓ ବଞ୍ଚିବାର ଏକମାତ୍ର ପାଥେୟ, ତାହା ଉପଲବ୍ଧି କରୁଁ । ଆମ ସମାଜରେ ଅନ୍ୟ ଏକ ପ୍ରକାର ଉତ୍ସବ ପାଳନ ହୋଇ ଆସୁଛି । ସେଥିରେ ପୂଜା ଏତେ ବଡ଼ ସ୍ଥାନ ପାଉ ନଥିଲେ ମଧ ଉପବାସ, ବ୍ରତ, ପିଠା, ପଣା ଇତ୍ୟାଦି ଘରେ ଘରେ କରାଯାଉଛି । ପିଲାମାନେ ନୂଆ ପୋଷାକ ପିନ୍ଧନ୍ତି, ଗୋଟିଏ ଗୋଟିଏ ପର୍ବକୁ କେନ୍ଦ୍ର କରି କେତେ ପ୍ରକାର ଖେଳକୁଦ, ଚିତା, ମୁରୁଜ ଓ ପାରମ୍ପରିକ ଗୀତ, ପାଲା, ଦାସକାଠିଆ ପ୍ରଭୃତି ମାଧ୍ୟମରେ ଆନନ୍ଦ ଅନୁଭବ କରିବା ଲକ୍ଷ କରାଯାଏ । ଏହା ମାଧ୍ୟମରେ ମାନବ ମାନବ ଭିତରେ ସଂପ୍ରୀତି ଓ ବନ୍ଧୁଥିବା ଜଣାଯାଏ । ଏହା ସମାଜରେ କିଛି ପୌରାଣିକ ଶିକ୍ଷା ବିସ୍ତାର କରେ ମଧ ।ଭଗବାନଙ୍କ ଇଚ୍ଛା ପ୍ରତ୍ୟେକ ପର୍ବ ପର୍ବାଣୀ ଅନ୍ତରାଳରେ ଥିବା ତାତ୍ପର୍ଯ୍ୟ ଓ ଅନ୍ତରାର୍ଥ ବୁଝି ପାଳନ କଲେ, ବର୍ତ୍ତମାନ ସେଗୁଡ଼ିକ ଯେଉଁଭଳି ପାଳିତ ହେଉଛି ତାହାର ମହତ୍ୱ ଆହୁରି ବଢ଼ିଯାଆନ୍ତା । ସମାଜ ଉପରେ ଏକ ଦୈବୀ ପ୍ରଭାବ ପଡ଼ନ୍ତା ଯାହା ପ୍ରକାରାନ୍ତରେ ଜନ ମାନସକୁ ଏକ ସୁସ୍ଥ, ସଭ୍ୟ ଓ ଧାର୍ମିକ ମାର୍ଗରେ ଆଗେଇ ନେଇ ଯାଆନ୍ତା ।

ଅଲିଶା ବଜାର, କଟକ,
ମୋ: ୯୩୩୭୨୪୨୯୫୫

## ମିଳିଲା ନାହିଁ ସାମାଜିକ ସୁରକ୍ଷା : କେବଳ ୫ କିଗ୍ରା ଚାଉଳରେ ବିତୁଛି ବିଧବାଙ୍କ ଜୀବନ

ଉଦଳା , ୧୫/୧୦ (ନି.ପ୍ର): ବାରିପଦା ବ୍ଲକର ଶଂଖା ଭଂଗା ପଂଚାୟତ ଅନ୍ତର୍ଗତ ରାଣିଭୋଳ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ଗୋପାଳ ଚପେୟାରଙ୍କର ଆଜକୁ ଗୋଟିଏ ବର୍ଷ ପୂର୍ବେ ଦେହାନ୍ତ ହୋଇ ଯାଇଛି । ଫଳରେ ତାଙ୍କର ସହଧର୍ମିଣୀ କାର୍ମି ବିଧବା ଜୀବନ ବିତାଉଛନ୍ତି । ସରକାରଙ୍କ ତରଫରୁ ତାଙ୍କୁ କେବଳ ମାସିକ ୫ କିଗ୍ରା ଚାଉଳ ମିଳୁଥିବା ବେଳେ ସାମାଜିକ ସୁରକ୍ଷା ଯୋଜନାରେ ଭତା ଟଙ୍କା ଏପର୍ଯ୍ୟନ୍ତ ମିଳିନାହିଁ । ସେହିପରି ଆବାସ ଯୋଜନାରେ ଘର ମଧ ତାଙ୍କୁ ମିଳିନଥିବାର କଥା ସେ ଜଣାଇଛନ୍ତି । ଏଥିପାଇଁ ସେ ବାରମ୍ବାର ପଂଚାୟତ ଓ ବ୍ଲକ କାର୍ଯ୍ୟାଳୟକୁ ଦଉଡ଼ି ଦଉଡ଼ି କୌଣସି ସୁଫଳ ପାଇନଥିବାର କଥା କହିଛନ୍ତି । କତୃପକ୍ଷ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

### ଜବତ ବାଣ ଓ ମଦ...

ମଧ ଘଟାଇଥିବା ଅଭିଯୋଗ ହୋଇଥିଲା । ଜବତ ବାଣ ଓ ମଦ ଥାନା ପରିସରରେ ଥିଲା । ଗତକାଲି ରାତି ପ୍ରାୟ ଗୋଟାଏ ବେଳେ ହୋମଗାର୍ଡ ପ୍ରକାଶ ମୁଦୁଲି ଅନ୍ୟ ଜଣେ ବ୍ୟକ୍ତିଙ୍କ ସହାୟତାରେ ଏକ ଓମିନି କାରରେ ବହୁ ପରିମାଣରେ ବାଣ ଓ ମଦ ନେଇ କୌଣସି ସ୍ଥାନକୁ ଯାଉଥିଲେ । ସେତିକି ବେଳେ ବେଗୁନିଆ ସରପଞ୍ଚ ଓ ସ୍ଥାନୀୟ ଲୋକେ ସେମାନଙ୍କୁ ଧରିଥିଲେ । ବାଣ ଓ ମଦ ନେଇ ସେମାନେ କେଉଁଆଡ଼େ ଯାଉଛନ୍ତି ବୋଲି ଲୋକେ ପଚାରିଥିଲେ । କିନ୍ତୁ ହୋମଗାର୍ଡ ପ୍ରକାଶ ମୁଦୁଲି କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରିନଥିଲେ । ଓଲଟି ସେ ସ୍ଥାନୀୟ ଲୋକଙ୍କୁ ହାତଯୋଡ଼ି ତାଙ୍କୁ ଛାଡ଼ି ଦେବାକୁ ନିବେଦନ କରିଥିଲେ । ବେଗୁନିଆ ଥାନାର କନଷ୍ଟେବଳ ସିଦ୍ଧେଶ୍ୱର ମହାପାତ୍ର ଓ ହୋମଗାର୍ଡ ସରୋଜ ମହାରଣାଙ୍କ ନିର୍ଦ୍ଦେଶକ୍ରମେ ପ୍ରକାଶ ମୁଦୁଲି କାରରେ ବାଣ ଓ ମଦ ନେଇ ଯାଉଥିଲେ ବୋଲି ଲୋକଙ୍କ ଆଗରେ କହିଥିବା ଜଣାପଡ଼ିଛି । ଏହା ପରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ତେଣୁ ବେଗୁନିଆ ସରପଞ୍ଚ ଖୋର୍ଦ୍ଧା ଏସ୍‌ଡିପିଓ ଦିଲ୍ଲୀପ ଦାସଙ୍କୁ ଖବର ଦେଇଥିଲେ । ଏସ୍‌ଡିପିଓ ଦିଲ୍ଲୀପ ଦାସ ଓ ବେଗୁନିଆ ଥାନା ଆଇଆଇସି ଲୋକଙ୍କୁ ବୁଝାସୁଝା କରି କାରଟିକୁ ଜବତ କରି ଥାନାକୁ ନେଇଥିଲେ ।

### ଭୂମିକମ୍ପରେ ଥରିଲା ...

ପ୍ରଥମ ଝଟ୍‌କା ଅପରାହ୍ନ ୨ଟା ୨୫ ମିନିଟ୍‌ରେ ଆସିଥିଲା, ଏହାର ତୀବ୍ରତା ୪.୬ ଥିଲା । ଏହା ପରେ ଭୂମିକମ୍ପର ଦ୍ୱିତୀୟ ଝଟ୍‌କା ଅପରାହ୍ନ ୨ଟା ୫୧ରେ ଆସିଥିଲା, ଯାହାର ତୀବ୍ରତା ଥିଲା ୬.୨ । ଏହାପରେ ମଧ୍ୟାହ୍ନ ୩ଟା ୬ ମିନିଟ୍‌ରେ ୩.୬ ତୀବ୍ରତାର ତୃତୀୟ ଝଟ୍‌କା ଅନୁଭୂତ ହୋଇଥିଲା । ଏହାର ଠିକ୍ ୧୩ ମିନିଟ୍ ପରେ ୪ର୍ଥ ଥର ପାଇଁ ଦୋହଲିଥିଲା ନେପାଳ । ରିକ୍ଟର ସେସ୍କଲରେ ଏହି ଭୂମିକମ୍ପର ତୀବ୍ରତା ୩.୧ ରେକର୍ଡ କରାଯାଇଥିଲା ।

### ତେଲେଙ୍ଗାନା ଭୋଟରଙ୍କୁ ...

ଏହି ଘରଗୁଡିକୁ ଭୂମିହୀନମାନଙ୍କୁ ବଣ୍ଟନ କରାଯିବ । ରାଜ୍ୟର ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ସରକାର ୧୧୯ ଟି ଆବାସୀୟ ବିଦ୍ୟାଳୟ ନିର୍ମାଣ କରିବାକୁ ରାଜ୍ୟବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ଅନ୍ୟପଟେ ଅସହାୟ, ବିଧବା ଓ ବୃଦ୍ଧା ବୃଦ୍ଧଙ୍କୁ ମିଳୁଥିବା ମାସିକ ସହାୟତା ରାଶି ବା ଭତ୍ତାକୁ ୨ ହଜାର ଟଙ୍କାରୁ ୩ ହଜାର ଟଙ୍କାକୁ ବୃଦ୍ଧି କରାଯିବ ବୋଲି ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ତାଙ୍କ ନିର୍ବାଚନୀ ଘୋଷଣାପତ୍ରରେ ରାଜ୍ୟବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ।

### ମଧ ପ୍ରଦେଶ, ଛତିଶଗଡ଼ ...

ସେ ଏହି ଆସନରୁ ୨୦୧୩ ଓ ୨୦୧୮ରେ ବିଜୟୀ ହୋଇ ବିଧାନସଭାକୁ ଯାଇଥିଲେ । ବୁଧନୀ ଆସନରୁ କଂଗ୍ରେସ ବିକ୍ରମ ମସ୍ତାଲଙ୍କୁ ପ୍ରାର୍ଥୀ କରିଛି । ଏହି ଆସନରୁ ବିଜେପି ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କୁ ଟିକେଟ ଦେଇଛି । ପ୍ରଥମ ପର୍ଯ୍ୟାୟରେ କଂଗ୍ରେସ ଜାରି କରିଥିବା ତାଲିକାରେ ୩୦ ଜଣ ଅନୁସୂଚୀତ ଜନଜାତି ଓ ୨୨ ଜଣ ଅନୁସୂଚୀତ ଜାତିର ପ୍ରାର୍ଥୀ ଅଛନ୍ତି । ମଧ ପ୍ରଦେଶରେ ନଭେମ୍ବର ୧୭ ତାରିଖରେ ଭୋଟ୍ ଗ୍ରହଣ ହେବ । ମଧ ପ୍ରଦେଶ ବିଧାନସଭାରେ ୨୩୦ଟି ଆସନ ରହିଛି । ଛତିଶଗଡ଼ରେ ଉପମୁଖ୍ୟ ଟିଏସ୍ ସିଂହ ତାଙ୍କ ଆସନ ବଜାୟ ରଖିଛନ୍ତି । ସେ ଅମ୍ବିକାପୁର ଆସନରୁ ପୁଣି ଲଢ଼ିବେ । ୨୦୦୮ରୁ ସେ ଏହି ଆସନରେ ବିଜୟୀ ହୋଇଆସୁଛନ୍ତି । ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ ପାଟନା ଆସନରୁ ପ୍ରାର୍ଥୀ ହେବେ । ୨୦୦୩, ୨୦୧୩ ଓ ୨୦୧୮ ବିଧାନସଭା ନିର୍ବାଚନରେ ସେ ଏହି ଆସନରୁ ଜିତିଥିଲେ । ଏହି ଆସନରେ ଏଥର ତାଙ୍କର ମୁକାବିଲା ହେବ ତାଙ୍କର ଦୂର ସଂପର୍କୀୟ ତଥା ବିଜେପି ନେତା ବିଜୟ ବାଘେଲଙ୍କ ସହିତ । ବିଜୟ ବାଘେଲ ୨୦୦୮ରେ ଏହି ଆସନରୁ ଜିତିଥିଲେ । ଅମରଜୀତ ଭଗତଙ୍କୁ ସୀତାପୁର ଟିକେଟ ଦିଆଯାଇଛି । ସେ ଏହି ଆସନରୁ ୪ ଥର ଜିତିସାରିଛନ୍ତି । ଛତିଶଗଡ଼ ପାଇଁ କଂଗ୍ରେସ ଯେଉଁ ୩୦ ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି, ସେଥିରୁ ୧୪ ଜଣ ଅନୁସୂଚୀତ ଜନଜାତି ବର୍ଗର । ପ୍ରଥମ ତାଲିକାରେ ୩ ଜଣ ମହିଳାଙ୍କ ନାଁ ଅଛି । ଯେଉଁ ବିଧାୟକମାନେ କଡ଼ା ମୁକାବିଲାର ସମ୍ମୁଖୀନ ହେବାର ସମ୍ଭାବନା ରହିଛି, ସେମାନଙ୍କ ନାଁ ମଧ ଏହି ୩୦ ଜଣିଆ ତାଲିକାରେ ଅଛି । ଏଠାରେ ୯୦ଟି ବିଧାନସଭା ଆସନ ଥିବା ବେଳେ ଦୁଇଟି ପର୍ଯ୍ୟାୟରେ- ନଭେମ୍ବର ୭ ଓ ୧୭ରେ ଭୋଟ୍ ଗ୍ରହଣ ହେବ । ତେଲେଙ୍ଗାନା ପାଇଁ ପ୍ରଥମ ପର୍ଯ୍ୟାୟରେ ୫୫ ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା କରିଛି କଂଗ୍ରେସ । ଏ.ଆର ରେଡ୍ଡୀଙ୍କୁ କୋଡ଼ଙ୍ଗଲ ଆସନ ମିଳିଥିବା ବେଳେ ଉତ୍ତମ କୁମାର ରେଡ୍ଡୀଙ୍କୁ ମିଳିଛି ହୁଜୁରନଗର ଆସନ । ଅନ୍ୟାନ୍ୟ ପ୍ରମୁଖ ପ୍ରାର୍ଥୀଙ୍କ ମଧ୍ୟରୁ ଦସାରୀ ସୀତକ୍କା ମୁଲୁଗୁ ଆସନରୁ, ମିନାପାଲ୍ଲୀ ରୋହିତ ରାଓ ମେଡକ ଓ ମିନାପାଲ୍ଲୀ ହନୁମନ୍ତ ରାଓ ମାଲକାଜଗିରି ଆସନ ପାଇଁ ଟିକେଟ ପାଇଛନ୍ତି । ଏଠାରେ ମୋଟ ୧୧୯ଟି ଆସନ ଥିବା ବେଳେ ନଭେମ୍ବର ୩୦ରେ ଭୋଟ୍ ଗ୍ରହଣ ହେବ ।

## ଜାମତକୁଲାରେ ବିଶାଳ ରକ୍ତଦାନ ଶିବିର:୧୫୩ ୟୁନିଟ୍ ରକ୍ତ ସଂଗୃହୀତ

ଲଙ୍ଗଳେଶ୍ୱର, ୧୫/୧୦ (ନି.ପ୍ର): ରକ୍ତ ଭଣ୍ଡାରରେ ରକ୍ତର ଅଭାବକୁ ଆଖି ଆଗରେ ରଖି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ବାଲିଆପାଳ ବ୍ଲକ୍ ଡଗରା ପଞ୍ଚାୟତ ବିଜୁ ଯୁବ ଛାତ୍ର ଜନତା ଦଳ ତରଫରୁ ଜୀବନ ବିନ୍ଦୁ ଏବଂ ଓଡ଼ିଶା-ମୋ ପରିବାର ର ମିଳିତ ଆନୁକୂଲ୍ୟରେ ପଞ୍ଚାୟତର ଜାମତକୁଲା ଗ୍ରାମ ଶ୍ରୀପଞ୍ଚମୀ ପଡ଼ିଆସ୍ଥିତ ପଦ୍ମଲୋଚନ ଉ.ପ୍ରା. ବିଦ୍ୟାଳୟ ପରିସରରେ ଆଜି ସ୍ୱେଚ୍ଛାକୃତ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମୁଖ୍ୟ ଅତିଥି ଭାବେ ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ତଥା ବିଶିଷ୍ଟ ସମାଜସେବୀ ଶ୍ରୀମତୀ ସୁବାସିନୀ ଜେନା ଯୋଗଦେଇ ଶିବିରକୁ ଉଦଘାଟନ କରି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାଲିଆପାଳ ବ୍ଲକ୍ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ଜିଲ୍ଲା ପରିଷଦ ସଭ୍ୟ ବେଣୁଧର ଜେନା,ନିଶାକର ସେଠୀ, ଡଗରା ପଞ୍ଚାୟତ ସଭାପତି ନିତ୍ୟାନନ୍ଦ ଜେନା, ନୂଆଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ମନ୍ମଥ ଗିରି, ପ୍ରତାପପୁର ପଞ୍ଚାୟତ ସରପଞ୍ଚ ତଥା ବ୍ଲକ୍ ମହିଳା ସଭାପତି କସ୍ତୁରୀବାଳା ପାତ୍ର,ପ୍ରତାପପୁର ସମିତିସଭ୍ୟାଙ୍କ ପ୍ରତିନିଧି ହାଡିବନ୍ଧୁ ରାଉତ, ଜିଲ୍ଲା ବିଜୁ ଛାତ୍ର ଜନତା ଦଳ ସଭାପତି ସୀମନ ଦାସ ମହାପାତ୍ର, ଜିଲ୍ଲା ଯୁଗ୍ମ ସମ୍ପାଦକ ଅଶ୍ୱିନୀ ପାତ୍ର, ବ୍ଲକ୍ ଛାତ୍ର ସଭାପତି ସୁଶାନ୍ତ ବେହେରା, ବ୍ଲକ୍ ଯୁବ ସଭାପତି ସଂଗ୍ରାମ ପରିଡା ପ୍ରମୁଖ ନେତୃବୃନ୍ଦ ଯୋଗ ଦେଇଥିଲେ । ଶିବିରରୁ ମୋଟ ୧୫୩ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା । ବାଲେଶ୍ୱର ରକ୍ତ ଭଣ୍ଡାରର ଡା.ସଞ୍ଜିବ୍ ପ୍ରଧାନ, ବସନ୍ତ ଜେନା,ଅକ୍ଷୟ ଜେନା, ସ୍ୱାତୀ ରାଜ୍ ପ୍ରମୁଖ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ ରତ୍ନାକର ନାୟକ, ସଦାଶିବ ଦାସ,କମଳ ଲୋଚନ ଦାସ, ଦୀପକ ଜେନା, ରବୀନ୍ଦ୍ର ଜେନା, ଦୀପକ ବିଶ୍ୱାଳ, ରାଧାକାନ୍ତ ଜେନା, କରୁଣାକର ରାଉତ, ରଂଜନ ଜେନା, ଶମ୍ଭୁନାଥ ଜେନା, ଲକ୍ଷ୍ମୀନାରାୟଣ ମୁଖୀ, ହରିବନ୍ଧୁ ପାତ୍ର, ଅଶୋକ କୁଅଁର, ଜୟନ୍ତ ଦଳାଇ, ମନ୍ମଥ ବାରିକ, ଶ୍ରୀପତି ଜେନା, ରାଜୀବ ଜେନା, ରଂଜନ ମଣ୍ଡଳ ପ୍ରମୁଖ ଡଗରା ପଞ୍ଚାୟତର ଯୁବ ଛାତ୍ରମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।



## ଓୟୁଡବ୍ଲ୍ୟୁଜେ ଖୋର୍ଦ୍ଧା ଜିଲ୍ଲା ଶାଖାର ଜିଲ୍ଲାସ୍ତରୀୟ ସମ୍ମିଳନୀ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ

ଖୋର୍ଦ୍ଧା, ୧୫/୧୦ (ନି.ପ୍ର): ସମ୍ମିଳିତ କର୍ମଜିବୀ ସାମ୍ବାଦିକ ସଙ୍ଘ (ଓ. ୟୁ. ଡବ୍ଲୁ. ଜେ )ଖୋର୍ଦ୍ଧା ଜ଼ିଲ୍ଲା ଶାଖା ର ଜ଼ିଲ୍ଲା ସ୍ତରୀୟ ସମ୍ମିଳନୀ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଖୋର୍ଦ୍ଧା ସାମ୍ବାଦିକ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ଅତିଥି ଭାବରେ ଖୋର୍ଦ୍ଧା ବିଧାୟକ ଜିତୁ ମିତ୍ର,ବିଜୁ ମହିଳା ଜନତା ଦଳ ରାଜ୍ୟ ବରିଷ୍ଠ ଉପ -ସଭାନେତ୍ରୀ ଶ୍ରୀମତୀ ବାସନ୍ତୀ ମହାପାତ୍ର, ଆଇ.ଓ.ଡବ୍ଲୁ.ଜେ. କେନ୍ଦ୍ରୀୟ ସଭାପତି ଡ଼ଃ ପୀତବାସ ମିଶ୍ର, ଓ. ୟୁ. ଡବ୍ଲୁ. ଜେ.ରାଜ୍ୟ ସଂଗଠନ ସମ୍ପାଦକ ଅର୍ଜୁନ ମୁଦୁଲି,ଓ. ୟୁ. ଡବ୍ଲୁ. ଜେ. ରାଜ୍ୟ ନିର୍ବାଚନ ଅଧିକାରୀ ମୁରଲୀଧର ମିଶ୍ର, ଖୋର୍ଦ୍ଧା ଜ଼ିଲ୍ଲା ପ୍ରେସ କ୍ଲବ ସଭାପତି, ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ, ଓ. ୟୁ. ଡବ୍ଲୁ. ଜେ. ଖୋର୍ଦ୍ଧା ଜ଼ିଲ୍ଲା ସଭାପତି ପ୍ରକାଶ କୁମାର ହାତୀ, ସମ୍ପାଦକ, ଦିଲ୍ଲୀପ କୁମାର ପଟ୍ଟନାୟକ, ଓ. ୟୁ. ଡବ୍ଲୁ. ଜେ. ଖୋର୍ଦ୍ଧା ଜ଼ିଲ୍ଲା ଶାଖା ପ୍ରତିଷ୍ଠାତା ସମ୍ପାଦକ ଲଳିତ ମୋହନ ମହାପାତ୍ର, ପ୍ରବୀଣ ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ । ଆଇ. ଓ. ଡବ୍ଲୁ. ଜେ. କେନ୍ଦ୍ରୀୟ ସଭାପତି ଡ଼ଃ ପୀତବାସ ମିଶ୍ର କର୍ତ୍ତବ୍ୟ ରତ ଗଣ ମାଧ୍ୟମ ପ୍ରତିନିଧି ମାନଙ୍କ ର ବିଭିନ୍ନ ସମସ୍ୟା ଗୁଡିକ ସମ୍ପର୍କ ରେ ଆଲୋଚନା କରିବା ସହିତ ସେ ସବୁ ସମସ୍ୟା ଗୁଡିକ ସମ୍ପର୍କ ରେ ରାଜ୍ୟ ସରକାର ଙ୍କର ଦୃଷ୍ଟି ଆକର୍ଷଣ କରିବେ ବୋଲି ନିଜ ବକ୍ତବ୍ୟ ରେ କହିଥିଲେ । ସଂଗଠନ ସମ୍ପାଦକ ଅର୍ଜୁନ ମୁଦୁଲି ଗଣ ମାଧ୍ୟମ ପ୍ରତିନିଧି ମନେ ଆଜି ଯେଉଁ ପ୍ରତିକୂଳ ଅବସ୍ଥା ଦେଇ ଗତି କରୁଛନ୍ତି ସେ ସମ୍ପର୍କ ରେ ବିସ୍ତୃତ ଭାବରେ ଆଲୋକପାତ କରିଥିଲେ । ଖୋର୍ଦ୍ଧା ବିଧାୟକ ଜିତୁ ମିତ୍ର ତାଙ୍କ ବକ୍ତବ୍ୟ ରେ କହିଥିଲେ, ରାଜ୍ୟ ସରକାର ସାମ୍ବାଦିକ ମାନଙ୍କ ସ୍ୱାସ୍ଥ୍ୟ ବୀମା ଯୋଜନା ଦୁଇ ଲକ୍ଷ ଟଙ୍କା ରୁ ପାଞ୍ଚ ଲକ୍ଷ ଟଙ୍କା କୁ ବୃଦ୍ଧି କରିଛନ୍ତି, ଏବଂ ସାମ୍ବାଦିକ ମାନଙ୍କ ର ଅନ୍ୟ ସମସ୍ୟା ଗୁଡିକ ପ୍ରତି ରାଜ୍ୟ ସରକାର ସହୃଦୟତା ର ସହ ବିଚାର କରୁଥିବା ନେଇ ନିଜ ବକ୍ତବ୍ୟ ରେ କହିଥିଲେ । ଶ୍ରୀମତୀ ବାସନ୍ତୀ ମହାପାତ୍ର ଓ. ୟୁ. ଡବ୍ଲୁ. ଜେ. ଖୋର୍ଦ୍ଧା ଜ଼ିଲ୍ଲା ଶାଖା ର ଏଭଳି କାର୍ଯ୍ୟକ୍ରମ କୁ ଉଚ୍ଚ ପ୍ରଶଂସା କରିବା ସହିତ ଆଗାମୀ ନିର୍ବାଚନ ରେ ସେ ଯଦି ବିଧାୟକ ଭାବେ ନିର୍ବାଚିତ ହୁଅନ୍ତି ତାହାଲେ ରାଜ୍ୟ ବିଧାନସଭା ରେ ସାମ୍ବାଦିକ ମାନଙ୍କ ର ବିଭିନ୍ନ ସମସ୍ୟା ଗୁଡିକ ପ୍ରତି ରାଜ୍ୟ ସରକାର ଙ୍କର ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରତିଶୃତି ଦେଇଥିଲେ । ଡ଼ଃ ପୀତବାସ ମିଶ୍ର ଙ୍କ ଦ୍ୱାରା ଲିଖିତ ' ନବୀନ ପଟ୍ଟନାୟକ, ଏକ ଅନନ୍ୟ ବ୍ୟକ୍ତିତ୍ୱ ' ପୁସ୍ତକ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଲଳିତ ମୋହନ ମହାପାତ୍ର ସଂଯୋଜନା କରିଥିବା ବେଳେ, ଓ. ୟୁ. ଡବ୍ଲୁ. ଜେ. ଖୋର୍ଦ୍ଧା ଜ଼ିଲ୍ଲା ଶାଖା ସମ୍ପାଦକ ଦିଲ୍ଲୀପ କୁମାର ପଟ୍ଟନାୟକ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସଙ୍ଘ ର ନୂତନ ସଦସ୍ୟ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପରିଚୟ ପତ୍ର ପ୍ରଦାନ କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ସନ୍ତୋଷ ବାରିକ ରଞ୍ଜିତ କେ ଏନ ସାମନ୍ତରାୟ, ପ୍ରବୀଣ ଭଞ୍ଜ, ଆକାଶ ବିଶ୍ୱାଳ, ଲୀୟକତ ଅଲ୍ଲୀ, ମୁତାହାର ୟୁସୁଫ, ହକ ପ୍ରମୋଦ ମହାପାତ୍ର, ଈଶ୍ୱର ମଙ୍ଗରାଜ, କୃଷ୍ଣଚନ୍ଦ୍ର ଦାଶ ମନୋଜ ନିକିତା,ଲିପିକା ପ୍ରମୁଖ ସହଯୋଗ କରିଥିଲେ ।




## ଦୁର୍ଘଟଣାରେ ଯୁବକ ମୃତ୍ୟୁକୁ ନେଇ କ୍ଷତିପୂରଣ ଦାବିରେ ରାସ୍ତାରୋକ

ଖୋର୍ଦ୍ଧା, ୧୫/୧୦ (ନି.ପ୍ର):ବେଗୁନିଆ ମିନିଷ୍ଟାଡିଅମ ନିକଟରେ ଦୁର୍ଘଟଣାରେ ଜଣେ ଯୁବକର ମୃତ୍ୟୁ ଘଟିଛି । ମୃତ ଯୁବକଙ୍କ ପରିବାର ପକ୍ଷରୁ କ୍ଷତିପୂରଣ ଦାବିରେ ରାସ୍ତାରୋକ କରାଯାଇଛି । ତେବେ ୫୭ ନଂମ୍ବର ଜାତୀୟରାଜପଥ ର ଟିକାତାଳ ଛକ ନିକଟରେ ମୃତକ ଙ୍କ ପରିବାର ପକ୍ଷରୁ ଯୁବକର ମୃତଦେହ ରଖି ରାସ୍ତା ରୋକ କରାଯାଇଛି । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହନ ଅଟକି ରହିଛି ।ଫଳରେ ଜାତୀୟ ରାଜପଥରେ ଏକ ପ୍ରକାର ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା । ଟ୍ରାଫିକ ସମସ୍ୟା ହଟାଇବା ପାଇଁ ଘଟଣାସ୍ଥଳରେ ପୋଲିସ ପହଂଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁଛି ।

## ମୁମ୍ବାଇ ସିଟିର ରୋଟାରୀ କ୍ଲବର ସହଯୋଗରେ ମିଥାଇହାଇ କ୍ଷିତିଜ ବଞ୍ଚିତ ପିଲାମାନଙ୍କ ପାଇଁ ଭାରତ-ପାକିସ୍ଥାନ ବିଶ୍ୱକପ ମ୍ୟାଚର ସ୍କ୍ରିନିଂ ଆୟୋଜିତ



ମୁମ୍ବାଇ, ୧୫/୧୦ : ୧୪ ଅକ୍ଟୋବର, ୨୦୨୩ ରେ, ମିଥୀବି କଲେଜର ସେମିନାର ହଲରେ ମୁମ୍ବାଇ ସିଟିର ରୋଟାରୀ କ୍ଲବ ସହଯୋଗରେ ଟିମ୍ କ୍ଷିତିଜଙ୍କ ଦ୍ୱାରା ବହୁ ପ୍ରତୀକ୍ଷିତ ଭାରତ-ପାକିସ୍ତାନ ବିଶ୍ୱକପ ମ୍ୟାଚର ଲାଇଭ ସ୍କ୍ରିନିଂ ଆୟୋଜନ କରାଯାଇଥିବାରୁ ଏହା ଏକ ଉତ୍ସାହର ସାକ୍ଷୀ ହୋଇଥିଲା । ଶିଶୁ ଯତ୍ନ, ସେମାନଙ୍କୁ ଅବିସ୍ମରଣୀୟ ଅନୁଭବ କରିବାର ସୁଯୋଗ ଦେଇଥିଲେ । ଏହି ସହଯୋଗୀ ପ୍ରୟାସ ଏକତା ଭାବନାକୁ ବ କ୍ଟୃଷ୍ପରକ୍ସ ।ଇବା ଏବଂ ପିଲାମାନଙ୍କ ମଧ୍ୟରେ ରହିବା, ସେମାନଙ୍କର ଓ୍ୱାହାନ୍ ସୁଯୋଗ ଏବଂ ଜୀବନସାରା ସ୍ମୃତି ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖିଥିଲା । ଥରେ ମ୍ୟାଚ୍ ଆରମ୍ଭ ହେବା ପରେ, ସେମାନଙ୍କ ମୁହଁରେ ଉଜ୍ଜ୍ୱଳ ହସ ସଂକ୍ରାମକ ହୋଇ ବୁଲିଲା । ସ୍ଥାନଟି ଉଚ୍ଚ ସ୍ୱରରେ ଭରପୂର ଆନନ୍ଦରେ ପରିପୂର୍ଣ୍ଣ । ଅନନ୍ତ ଆନନ୍ଦ ମଧ୍ୟରେ ନୃତ୍ୟ ଏବଂ ଚିତ୍ର ଆଙ୍କିବା, ପିଲାମାନେ ଦିନସାରା ଚିତ୍ତାକର୍ଷକ କାର୍ଯ୍ୟକଳାପରେ ନିୟୋଜିତ ହୋଇଥିଲେ । ଏହି କାର୍ଯ୍ୟକ୍ରମକୁ ଅନୁକରଣ କରିବା, କଲେଜର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଏକ କୁକ୍ କାଟିବା ଏବଂ ଏହି ଏକତାର ଆତ୍ମାକୁ ପାଳନ କରିବା ପାଇଁ ଦର୍ଶକଙ୍କ ସହ ଯୋଗ ଦେଇଥିଲେ । ଏହି ପଦକ୍ଷେପ ପରେ ମିଥିବାଇ କଲେଜର ପ୍ରିନ୍ସପାଲ କ୍ରୁଟିକା ଦେଶାଇ ପ୍ରକାଶ କରିଛନ୍ତି ଯେ ଏହି କାର୍ଯ୍ୟକ୍ରମ ଯୋଜନା କରି ଏହି ପିଲାମାନଙ୍କୁ ସ୍ୱାଗତ କରି ଏବଂ ଏକ ଉନ୍ନତ ସମାଜରେ ଯୋଗଦାନ ଦେଇ ଆମେ ଗର୍ବିତ । ଉଷ୍ମ ହସ, ଚିରସ୍ଥାୟୀ ସ୍ମୃତି ଏବଂ ଭବିଷ୍ୟତର ଦିଗରେ ଏକ ପଦକ୍ଷେପ ଯାହାକି ଅଧିକ ଅନ୍ତର୍ଭୁକ୍ତ । ବିକାଶ ଅଗ୍ରଓ୍ୱାଲ, ମୁମ୍ବାଇ ସିଟିର ରୋଟାରୀ କ୍ଲବ୍ର ପ୍ରିଷ୍ଟ ଙ୍କଲ ଯୋଗ ଦେଇ କହିଛନ୍ତି ଯେ ଆଜିର ଯୁବକମାନଙ୍କର ସାକ୍ଷୀ । ଏହିପରି ଏକ ପଦକ୍ଷେପ ଏବଂ ଅଧିକ ଅନ୍ତର୍ଭୁକ୍ତ ଭବିଷ୍ୟତ ଆଡକୁ ଅଗ୍ରଗତି ଅତ୍ୟନ୍ତ ହୃଦୟସ୍ପର୍ଶୀ । ଏହି ଚିତ୍ତାକର୍ଷକ ଇଭେଣ୍ଟକୁ ସମାପ୍ତ କରି ଦଳ ଆରସିଏମସିର ପ୍ରତିନିଧୀଙ୍କୁ ସ୍ମୃତିଚାରଣ ସହିତ ଉପସ୍ଥାପନ କରିଥିଲେ, ଏବଂ ପରେ ଦସ୍ତଖତକାରୀ କ୍ଷିତଜ ଚିତା ଦର୍ଶକଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ । ପିଲାମାନେ ରଥଯାତ୍ରାରେ ବିମୋହିତ ହୋଇଥିଲେ ଏବଂ ଜାତୀୟ ସଂଗୀତ ବାଜିବାବେଳେ ସମସ୍ତେ ସିଲୋରକୁ ସାଲେଟ୍ କରିଥିଲେ, ଯାହା ଦେଶପ୍ରେମର ଭାବନା ସୃଷ୍ଟି କରିଥିଲା । ଉତ୍ସାହ ଏବଂ ସମ୍ପୃକ୍ତିର ଏକ ତରଙ୍ଗ, ଟିମ୍ କ୍ଷିତିଜ୍ ସଫଳତାର ସହିତ ଏକ ପ୍ରଭାବ ସୃଷ୍ଟି କରି ସମାଜକୁ ସହାନୁଭୂତି ଏବଂ ଏକତାର ବିକାଶ ପାଇଁ ଉତ୍ସାହିତ କଲେ ।

## ପାରାଦୀପ ପ୍ରେସ ମିଡିଆର ଅଷ୍ଟମ ବାର୍ଷିକ ସମାରୋହ

ପାରାଦୀପ, ୧୫/୧୦ (ନି.ପ୍ର): ଆଜି ପାରାଦୀପ ପ୍ରେସ ମିଡିଆର ଅଷ୍ଟମ ବାର୍ଷିକ ସମାରୋହରେ ପାରାଦୀପ ପୋର୍ଟ କ୍ଲବ ଠାରେ ପାଳିତ ହୋଇଯାଇଛି ।ପ୍ରେସ ମିଡିଆର ମୁଖ୍ୟ ଉପଦେଷ୍ଟା ଚିତ୍ତ ରଞ୍ଜନ ସ୍ୱାଇଁ ଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ପୂର୍ବତନ ଏମପି ତଥା ଧରିତ୍ରୀ ଖବରକାଗଜ ର ମୁଖ୍ୟ ସମ୍ପାଦକ ତଥାଗତ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ।ମୁଖ୍ୟ ବକ୍ତା ଭାବରେ ଅଧ୍ୟାପକ ପ୍ରଦୀପ କୁମାର ଶତପଥୀ ଯୋଗଦେଇଥିବା ବେଳେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଓ ପରିଦର୍ଶକ ମିଡିଆର ସମ୍ପାଦକ ବାବା ଲାଲଟେନ୍ଦୁ କେଶରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଥିଲେ । ଅତିଥି ମାନେ ପାରାଦୀପ ପ୍ରେସ ମିଡିଆର ବାର୍ଷିକ ବିଶେଷଂଖ୍ୟ ମୁକ୍ତପୃଷ୍ଠା କୁ ଉନ୍ମୋଚନ କରିଥିଲେ, ଅତିଥି ମାନେ ସେମାନଙ୍କ ଭାଷଣରେ ଉପସ୍ଥିତ ସାମ୍ବାଦିକ ମାନଙ୍କୁ ଉଦବୋଧନ ଦେଇ କହିଲେ ଆଜିର ସାମ୍ବାଦିକତା ଏକ ସତ୍ୟ ଓ ନିଷ୍ଠା ଉପରେ ନିର୍ଭର କରୁଛି । ଦେଶର ବିକାଶ ରେ ସାମ୍ବାଦିକ ମାନଙ୍କର ଭୂମିକା ଓ ସହଯୋଗ ଅତୁଳନୀୟ ବୋଲି କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ପାରାଦୀପ ପ୍ରେସ ମିଡିଆର ସଭାପତି ବସନ୍ତ କୁମାର ସାହୁ ମଞ୍ଚରେ ଉପସ୍ଥିତ ଥିବା ବେଳେ ସମ୍ପାଦକ ବଟକୃଷ୍ଣ ଦାସ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ଅନ୍ୟତମ ଉପଦେଷ୍ଟା କରମେଶ୍ୱର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ ସଭା ପ୍ରାରମ୍ଭରେ ପ୍ରେସ ମିଡିଆର ଉପସଭାପତି ମହେନ୍ଦ୍ର ପରିଡାଙ୍କ ଅକାଳ ବିୟୋଗରେ ସଙ୍ଘ ପକ୍ଷରୁ ପ୍ରଥମେ ୨ ମିନିଟ ନିରବ ପ୍ରାର୍ଥନା କରାଯିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ଏବଂ ଦିବଙ୍ଗତ କୁ ମରୋଣତ୍ତର ଯୁବ ସାମ୍ବାଦିକ ସମ୍ମାନ ଦିଆଯାଇଥିଲା ।ଏହା ସହିତ ପାରାଦୀପ ର ସ୍ୱେଚ୍ଛାସେବୀ ସଙ୍ଗଠନ ଭାବେ ଆହ୍ୱାନ ଫାଉଣ୍ଡଟେସନ, ବିବେକାନନ୍ଦ ୟୁଥ କ୍ଲବ, ଆଦର୍ଶ ପ୍ରୟାସ, ମାନସା ଚାରିଟେବୁଲ ଟ୍ରଷ୍ଟ ଓ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ସୁରକ୍ଷା ପରିଷଦ କୁ ସଙ୍ଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।ଏବଂ ଶେଷରେ ସାମ୍ବାଦିକ ଅଜିତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।ସକାଳେ ପାରାଦୀପ ପ୍ରେସ ମିଡିଆର ସଦସ୍ୟ ସଦସ୍ୟା ଓ ପରିବେଶବିତ ଅମରେଶ ନରେଶ ସାମନ୍ତ ଙ୍କ ମିଳିତ ସହଯୋଗରେ ସଙ୍ଘ ପରିସରରେ ଏକ ମେଘା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ପାରାଦୀପ ସମେତ ଜଗତସିଂହପୁର ଜିଲ୍ଲାରୁ ବହୁ ବରିଷ୍ଠ ସାମ୍ବାଦିକ ମାନେ ଯୋଗଦେଇଥଲେ ।



ସୋମବାର, ଅକ୍ଟୋବର ୧୬, ୨୦୨୩

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଗଳ୍ପ ପୁସ୍ତକ ଭସାବାଦଲର ଛାଇର ଲୋକାର୍ପଣ

ବାଳକାଟୀ , ୧୫/୧୦ (ନି.ପ୍ର): ଗାଳ୍ପିକା କମଳିନୀ ମଲ୍ଲିକଙ୍କ ଗଳ୍ପପୁସ୍ତକ ଭସା ବାଦଲର ଛାଇ ଆଜି ସରଦେଇପୁର ଡାକବଙ୍ଗଳାରେ ଲୋକାର୍ପିତ ହୋଇଯାଇଛି । ଏହି ଲୋକାର୍ପଣ ଉତ୍ସବ ରେ ଡ ଜଗନ୍ନାଥ ଦାସ ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ଭାବରେ ଯଥାକ୍ରମେ ବିଶିଷ୍ଟ ଗାଳ୍ପିକ ଡ. ଅଜୟ ସ୍ୱାଇଁ ଓ ବିଶିଷ୍ଟ ସିନେ ସଂଳାପକାର ଡ. ରଜନୀ ରଞ୍ଜନ ଯୋଗଦେଇଥିଲେ। ଅନ୍ୟାନ୍ୟ ଙ୍କ ମଧ୍ୟରେ ତନୟା ଶିଶୁଗୋସ୍ୱାମୀ, ବଂକିମ ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଅନ୍ୟାନ୍ୟଙ୍କ ମଧ୍ୟରେ କବି ପୂର୍ଣଚନ୍ଦ୍ର ମହାରଣା, ବାଦଲ ମହାନ୍ତି, ଭଗବାନ ସ୍ୱାଇଁ, ଅକ୍ଷୟ ସ୍ୱାଇଁ, ଡ. ମାଧବ ବେହୁରା, ଦିଲ୍ଲୀପ ଓଝା, ବ୍ୟଙ୍ଗକବି ସତ୍ୟାନାଶ, ବିପିନ ମହାନ୍ତି, ମିନତୀ ମିଶ୍ର, ଗୁଲଜାର, ଦୀନବନ୍ଧୁ ଭୋଇ, ସବିତା ମହାପାତ୍ର ପ୍ରମୁଖ ଶତାଧିକ କବି ଲେଖକ ସାମ୍ବାଦିକ ଯୋଗଦେଇଥିଲେ ।




## ଓୟୁଜେ ପକ୍ଷରୁ କାଲାମଙ୍କ ଜୟନ୍ତୀ ପାଳିତ




ବାଲେଶ୍ୱର, ୧୫/୧୦ (ନି.ପ୍ର): ଓଡ଼ିଶା ସାମ୍ବାଦିକ ୟୁନିୟନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ଆଜି ଭାରତର ପୂର୍ବତନ ରାଷ୍ଟ୍ରପତି ତଥା କ୍ଷେପଣାସ୍ତ୍ରର ଜନକ ଭାରତରତ୍ନ ଡ. ଏପିଜେ ଅବଦୁଲ କଲାମଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ସ୍ଥାନୀୟ ଷ୍ଟେସନ ଛକ ଠାରେ ଓଡିଶା ସାମ୍ବାଦିକ ୟୁନିଅନ ପକ୍ଷରୁ ଆୟୋଜିତ ଜୟନ୍ତୀ ପାଳନ ଅବସରରେ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ସୁବାସିନି ଜେନା ,ବିଧାୟକ ସ୍ୱରୂପ କୁମାର ଦାସ ଙ୍କ ସମେତ ବହୁ ବରିଷ୍ଠ ବ୍ୟକ୍ତି ବୁଦ୍ଧିଜୀବି ଯୋଗଦେଇ କାଲାମଙ୍କ ପ୍ରତିମୂର୍ତ୍ତୀରେ ସାମୂହିକ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ଡ. ଅବଦୁଲ କାଲାମ ଜଣେ ଛାତ୍ର ବତ୍ସଳ, ଅଗ୍ନି ର ଜନକ, ଭାରତ ମାତା ର ସୁଯୋଗ୍ୟ ସନ୍ତାନ ଓ ଦେଶପ୍ରେମ ର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବୋଲି ସମାଜସେବୀ ଶ୍ରୀମତୀ ଜେନା କହିଥିଲେ। ବିଧାୟକ ସ୍ୱରୂପ ଦାସ କହିଲେ ଯେ ,ଯୁବସମାଜ ଆଗକୁ ଯିବାକୁ ହେଲେ କାଲାମ ଙ୍କ ଆଦର୍ଶ,ତ୍ୟାଗ ଓ ବାଣୀ କୁ ଜୀବନରେ ପାଥେୟ କରିବା ଆବଶ୍ୟକ। ଓୟୁଯେ ର ଟାଉନ ସଂଯୋଜକ ହାଇଦର ଖାନ ଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଘର ଜିଲ୍ଲା ସଭାପତି ଗଙ୍ଗାଧର ରାଉତ, ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ, ବରିଷ୍ଠ ସଦସ୍ୟ ଅଜିତ କୁମାର ମହାନ୍ତି, ଅଧିପ କୁମାର ଜେନା, ପ୍ରଶନ୍ନ ଜିତ୍ ଆଶ, କହ୍ନେଇ ଚରଣ ପ୍ରଧାନ, ମହେଶ୍ୱର ପ୍ରଧାନ , ବିନାୟକ ମହାପାତ୍ର ତପନ କୁମାର ଦାସ, ସୋମନାଥ ସାହୁ, ଅଜୀମ ବାଲେଶ୍ୱରୀ,ସେକ ନଜୀମ, ଅର୍ଦ୍ଧେନ୍ଦୁ ମିଶ୍ର ,ଜ୍ଞାନ ରଞ୍ଜନ ଦାସ, ଅରୂପ କୁମାର ମହାନ୍ତି, ସହରର ବିଶିଷ୍ଟ ବ୍ୟକ୍ତି ମନୋଜ କୁମାର ରାଉତ, ରଞ୍ଜନ କୁମାର ବାଗ, ବିଶ୍ୱଜିତ୍ ମହାପାତ୍ର, ଅଭିଜିତ ଦାସ, ହରପ୍ରିୟା ରଣା, ଶୋଭା ମହାପାତ୍ର,ପ୍ରଦୀପ ଦାସ, ମୀନା ମହାନ୍ତି, ମିନତୀ ସେଠୀ ଏବଂ ସନ୍ଧ୍ୟାରାଣୀ ଜେନା ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବୁଦ୍ଧିଜୀବି ଉପସ୍ଥିତ ରହି ସଂଘର କାର୍ଯ୍ୟକ୍ରମକୁ ଉଚ୍ଚପ୍ରଶଂସା କରି ଏହା ଅବ୍ୟାହତ ରଖିବାକୁ ପରାମର୍ଶ ଦେଇଥିଲେ।

## ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପଣ୍ଡିତ ଭାସ୍କର ଚନ୍ଦ୍ର ତ୍ରିପାଠୀଙ୍କ ପରଲୋକ



ଭଦ୍ରକ , ୧୫/୧୦ (ନି.ପ୍ର): ଭଦ୍ରକସ୍ଥ ପଦ୍ମୁଆଁ ଗ୍ରାମରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଭାସ୍କର ଚନ୍ଦ୍ର ତ୍ରିପାଠୀଙ୍କ ଗତକାଲି ଶନିବାର ପ୍ରାତଃ ୪ଟା ସମୟରେ ପରଲୋକ ହୋଇଯାଇଅଛି । କାଳନ୍ଦୀ ଚରଣ ସଂସ୍କୃତ ବିଦ୍ୟାଳୟର ପ୍ରଧାନ ପଣ୍ଡିତ ଏବଂ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଯୁକ୍ତ ତ୍ରିପାଠୀ ଅଣାଅଶି ବୟସରେ ଦେହାନ୍ତ ହୋଇଛି ଏବଂ ତାଙ୍କର ଆବିର୍ଭାବ ତା ୫.୧୦.୧୯୪୪ ରିରେ ହୋଇଥିଲା । ସେ ଏକାଧାରରେ ସଂସ୍କୃତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ପ୍ରତିଷ୍ଠାତା, ଓଡ଼ିଶାର ସଂସ୍କୃତ ଶିକ୍ଷାର ଜଣେ ଅଗ୍ରଗଣ୍ୟ ସଂସ୍କାରକ, ଜଣେ ସମାଜସେବକ, ସାଂସ୍କୃତିକ ଅନୁଷ୍ଠାନ ସଂଗଠକ, ତତ୍ତ୍ୱାବଧାରକ, ଜଣେ ଲେଖକ, ଗବେଷକ, ଦୁର୍ବୋଧ ସଂସ୍କୃତ ବ୍ୟାକରଣର ସଂଚରକ, ଜଣେ ସଦାଚାର ପ୍ରବର୍ତ୍ତକ, ମହାମହିମ ରାଷ୍ଟ୍ରପତିଙ୍କ ଦ୍ୱାରା ଶିକ୍ଷକ ରୂପେ ପୁରସ୍କୃତ । ଶିକ୍ଷା ତଥା ବହୁ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ଓ ଜଣେ ଦେବଭାଷା ସଂସ୍କୃତ ପ୍ରାଣମାନବ ଭାବେ ପରିଚିତ । ପଣ୍ଡିତ ତ୍ରିପାଠୀ ଅନେକ ଗ୍ରନ୍ଥର ରଚୟିତା ଯଥା - ଲଘୁସିଦ୍ଧାନ୍ତ ଚନ୍ଦ୍ରିକା, ସପ୍ତ ଶପଥମ୍, ଆଶ୍ଚର୍ଯ୍ୟ ଶତକମ୍ (ଓଡ଼ିଆ), ଆଶ୍ଚର୍ଯ୍ୟ ଶତକମ୍ (ସଂସ୍କୃତ), ବେଦାନ୍ତ ସିଦ୍ଧାନ୍ତ, ଶିବୋହହମ୍, ମାନସାଞ୍ଜଳି ପ୍ରଭୃତି ତାଙ୍କର ଅନବଦ୍ୟ କୃତି । ଆଜି ପଣ୍ଡିତ ତ୍ରିପାଠୀଙ୍କ ବିୟୋଗରେ ସମଗ୍ର ଓଡ଼ିଶାରେ ଶୋକର ଛାୟା ଖେଳିଯାଇଛି ।

## ସରକାରୀ ସ୍ଥାନରେ ଜଳେଶ୍ୱର ନୂଆବଜାର ଶିବ ମନ୍ଦିର

### ମନ୍ଦିରର ୭ ଦୋକାନଘର ଭଂଗିବାଲାଗି ନୋଟସ୍ : ସହରବାସୀଙ୍କ ପକ୍ଷରୁ ପ୍ରତିବାଦ ସଭା

ଜଳେଶ୍ୱର ୧୫/୧୦(ନିପ୍ର): ୧୯୭୦ ମସିହାରେ ଜଳେଶ୍ୱର ନୂଆବଜାରର ଧାରାଷ୍ଟକ ମୌଜାରେ ଏକ ଜଳେଶ୍ୱର ଶିବ ମନ୍ଦିର ସ୍ଥାନୀୟ ବାସିନ୍ଦାଙ୍କ ପ୍ରଚେଷ୍ଟାରେ ତତ୍କାଳୀନ ତହସିଲଦାରଙ୍କ ଦ୍ୱାରା ନିର୍ମାଣ ହୋଇ ସେଠାରେ ଗଣେଶ, ହନୁମାନ, ପାର୍ବତୀଙ୍କ ମଧ୍ୟିରମାନ ନିର୍ମାଣ ହୋଇ ଅଦ୍ୟାବଧି ପୂଜା ପାଇ ଆସୁଛନ୍ତି । ଏହି ମନ୍ଦିରର ସଂପର୍କୀତ ବହୁ ପୁରୁଣା ଉପାଖ୍ୟାନ ରହିଥିବା ବେଳେ ପ୍ରତିଦିନ ଶହ ଶହ ଭକ୍ତ ଜଳାଭିଶେଷ ଇତ୍ୟାଦି କରିଥାନ୍ତି । ବର୍ଷତମାମ ବିଭିନ୍ନ କାର୍ଯ୍ୟକ୍ରମ ଲାଗି ରହିଥିବା ବେଳେ ଶିବରାତ୍ରୀ ପାଳନ ଓ ଗୀତା ଜୟନ୍ତୀ ଇତ୍ୟାଦି ଜାକଜମକରେ ହୋଇଥାଏ । ଏ ସମସ୍ତ କାର୍ଯ୍ୟକ୍ରମଲାଗି ଭକ୍ତଙ୍କ ଠାରୁ କିଛି ଦାନସୂତ୍ରରେ ଅର୍ଥ ଗ୍ରହଣ କରାଯାଉଥିବା ବେଳେ ମନ୍ଦିର ବେଡା ପାର୍ଶ୍ୱବର୍ତ୍ତୀ ଅଂଚଳରେ ଛୋଟ ଛୋଟ କେବିନ୍ କରି ଭଡା ସୂତ୍ରରେ ମିଳୁଥିବା ଅର୍ଥକୁ ମନ୍ଦିରର ପରିଚାଳନା କାର୍ଯ୍ୟରେ ବ୍ୟବହାର ହୋଇ ଆସୁଥିଲା । ଏହି ମନ୍ଦିର ପରିଚାଳନା ଲାଗି ଏକ କମିଟି କାର୍ଯ୍ୟକରିଆସୁଛି । ଏହି ମନ୍ଦିର ନିର୍ମାଣରେ ବହୁ ପ୍ରତିଷ୍ଠିତ ରାଜନେତା, ପ୍ରଶାସନୀକ ଅଧିକାରୀ ଓ ବ୍ୟବସାୟୀମାନେ ସହାୟତାର ହାତ ବଢାଇଛନ୍ତି । ଏଥିରେ କାହାରିକିଛି ଅଭିଯୋଗ ନ ଥିବା ବେଳେ ସରକାରଙ୍କ ସେଠାରେ କୌଣସି କାର୍ଯ୍ୟକ୍ରମ ମଧ୍ୟ ରହିନାହିଁ ବୋଲି ଆଜିର ପ୍ରତିବାଦ ସଭାରେ ବକ୍ତାମାନେ କହିଛନ୍ତି । ମାତ୍ର କିଛିଦିନ ପୂର୍ବେ କିଛି ବ୍ୟକ୍ତି ଉକ୍ତସ୍ଥାନ ସରକାରୀ ଜାଗା ଦର୍ଶାଇ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିବାରୁ ଦ୍ୱନ୍ଦ ପରିସ୍ଥିତି ସୃଷ୍ଟି ହୋଇଛି । ଆଜି ସହରବାସୀ ଏକତ୍ରୀତ ହୋଇ ଏହାର ପ୍ରତିବାଦ କରିବା ସହିତ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପୌରପାଳ ପ୍ରତୀପ ପ୍ରଧାନ, ଅଧ୍ୟକ୍ଷ ପ୍ରଫୁଲ୍ଲ ପାଠୀ , ଆଇନ୍‌ଜିବୀ ଚିନ୍ମୟ ଦାସ, ଶିଶିର ହୁଇ, ମହେଶ୍ୱର ପ୍ରଧାନ, ଡ. ରମାକାନ୍ତ ଭଂଜ, ଦୀପ ପ୍ରଧାନ, ଗ୍ରାମ୍ୟମୁଖ୍ୟ ଭାଗବତ ଦାସ, ନିର୍ମାଳ ସେଣ, ରବିସେନାପତି, ହରିଶ ମହାପାତ୍ର, ଶରତ ପରିଡା, ଭରତ ଦତ୍ତ, କାଉନ୍‌ସିଲର ବାପି ମହାପାତ୍ର, ଇଶ୍ୱର ଜେନା, ଶାନ୍ତିଲତା ପ୍ରଧାନ, ଶ୍ୟମସୁନ୍ଦର ଦାସ ମହାପାତ୍ର, ହରିଶ୍ଚନ୍ଦ୍ର ମହାପାତ୍ର, ପ୍ରମୁଖ ପ୍ରତିବାଦ ସଭାରେ ଉପସ୍ଥିତ ହୋଇ ବକ୍ତବ୍ୟ ପ୍ରଦାନ କରିଛନ୍ତି ।

## ବାଇକ ଧକ୍କାରେ ମା’ ଓ ଶିଶୁ ପୁତ୍ର ଗୁରୁତର

ବସ୍ତା,୧୫।୧୦(ନିପ୍ର): ୬୦ନଂ ଜାତୀୟ ରାଜପଥର ଜୁନବଳଦା ନିକଟରେ ସ୍ଥାନୀୟ ଗାଁର ଜଣେ ମହିଳା ନିଜ ଶିଶୁ ପୁତ୍ରକୁ ଧରି ଘରକୁ ଯାଉଥିବା ବେଳେ ଏକ ବାଇକ ଦ୍ରୁତ ଗତିରେ ଆସି ସେମାନଙ୍କୁ ଧକକା ଦେଇ ପଳାଇଥିଲା। ଏହା ଫଳରେ ସେ ଦୁଇ ଜଣ ଗୁରୁତର ହୋଇ ପଡ଼ିଥିଲେ। ସଂଗେ ସଂଗେ ସେମାନଙ୍କୁ ରାଜପଥ ଆମ୍ବୁଲାନ୍ସ ରେ ବସ୍ତା ଡାକ୍ତରଖାନା ନିଆଯାଇଥିଲା। ସେମାନେ ସେଠାରେ ଚିକିତ୍ସା ଧୀନ ଅଛନ୍ତି। ସେମାନେ ହେଲେ ଜୁନବଳଦା ଗାଁର ସୀତାରାମ ହେମ୍ବ୍ରମର ସ୍ତ୍ରୀ ଯମୁନା ଓ ଦୁଇବର୍ଷର ପୁତ୍ର ମହେଶ।

## କାଲାମଙ୍କ ସ୍ମୃତିଚାରଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୫/୧୦ (ନି.ପ୍ର): ଭାରତର ପୂର୍ବତନ ରାଷ୍ଟ୍ରପତି ଡକ୍ଟର ଏପିଜେ ଅବଦୁଲ କାଲାମଙ୍କ ସ୍ମୃତିଚାରଣ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପୂର୍ବତନ ରାଷ୍ଟ୍ରପତି ଡକ୍ଟର ଏପିଜେ ଅବଦୁଲ କାଲାମଙ୍କ ଜୟନ୍ତୀ ଅବସରରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି । ଜଣେ ବିଶିଷ୍ଟ ବୈଜ୍ଞାନିକ, ଶିକ୍ଷକ, ଲେଖକ ଓ ବକ୍ତା ଥିଲେ । ମହାକାଶରେ ଭାରତର ଅଭିବୃଦ୍ଧିରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଥିଲା । ତାଙ୍କର ନମ୍ରତା ଓ ସଫଳତା ଆଗାମୀ ପିଢିକୁ ସର୍ବଦା ପ୍ରେରଣା ଦେବ ।

## ସ୍ୱପ୍ନେଶ୍ୱରଙ୍କୁ ଆକ୍ରମଣ: ଉଦଳା ଥାନାରେ ଅଭିଯୋଗ



ଉଦଳା , ୧୫/୧୦ (ନି.ପ୍ର): ସାମାଜିକ କର୍ମୀ ସ୍ୱପ୍ନେଶ୍ୱର ନାୟକ ଗତ କାଲି ରାତିରେ ଉଦଳାରୁ ସମସ୍ତ କାମ ସାରି ଜୟପୁର ରାସ୍ତାରେ ଘରକୁ ଫେରୁଥିଲେ । ବାଟରେ ଦିଘିନୂଆସାହି ଠାରେ ତାଙ୍କୁ ୩ ଜଣ ଅଜଣା ଯୁବକ ହଠାତ ଆକ୍ରମଣ କରିବା ସହ ତାଙ୍କ ନିକଟରୁ ଟଙ୍କା ଲୁଟ କରିଥିବାର ଅଭିଯୋଗ ହୋଇଛି । ଏ ବାବଦରେ ନିଜେ ସ୍ୱପ୍ନେଶ୍ୱର ଆଜି ଅକ୍ଟୋବର ୧୫ ତାରିଖ ରବିବାର ଦିନ ଉଦଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅସ୍ତ୍ର ଦ୍ୱାରା ଆକ୍ରମଣରେ ସ୍ୱପ୍ନେଶ୍ୱର ସାମାନ୍ୟ ଆହତ ହୋଇଥିବାର ଜଣାଯାଇଛି । ଉଦଳା ପୋଲିସ ଅଭିଯୋଗ ଗ୍ରହଣ କରି ତଦନ୍ତ ଆରମ୍ଭ କରିଛନ୍ତି ।

## ରାଜନୀତି ମଇଦାନକୁ ପୁଣି ଫେରିଲେ ଆଶିଷ ପଟ୍ଟନାୟକ



ନୀଳଗିରି, ୧୫/୧୦ (ନି.ପ୍ର): ନୀଳଗିରି ନିର୍ବାଚନ ମଣ୍ଡଳୀ ଔପଦା ବ୍ଲକ ଆଦିବାସୀ ଅଂଚଳ ଭାବେ ପରିଚିତ ଗଡ଼ସାହି ପଂଚାୟତର ଗଡ଼ସାହି ଗ୍ରାମର ଯାତ୍ରୀ ବିଶ୍ରାମଗାର ନିକଟରେ କଂଗ୍ରେସର ହାତକୁ ହାତ ଯୋଡ କାର୍ଯ୍ୟକ୍ରମ ହୋଇଯାଇଛି । କଂଗ୍ରେସର ଯୁବ ନେତା ଆଶିଷ ପଟ୍ଟନାୟକ କାର୍ଯ୍ୟକ୍ରମରେ ଯୋଗ ଦେଇ କଂଗ୍ରେସ ଆଦିବାସୀ ମାନଙ୍କୁ ଗରୁତ୍ୱ ଦେଉଥିବା ବେଳେ ରାହୁଲ ଗାନ୍ଧୀ ଭାରତ ଯୋଡ ଅଭିଯାନ ଆରମ୍ଭ କରି ପଦଯାତ୍ରା ଆରମ୍ଭ କରିଥିଲେ । ଦର ଦାମ ବୃଦ୍ଧି ଘଟିବା ସହ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇ ପଡିଥିବାରୁ ଦେଶ ଓ ରାଜ୍ୟର ରକ୍ଷା ପାଇଁ କଂଗ୍ରେସ ହିଁ ଭରସା ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ନିରଞ୍ଜନ ମଲ୍ଲିକ, ପୂର୍ବତନ ସମିତି ସଭ୍ୟ ଦୁର୍ଯ୍ୟୋଧନ ଖେଜୁରିଆ, ଜିଲ୍ଲା ପରିଷଦ ପାର୍ଥ ସୁବାସ ଚନ୍ଦ୍ର ଝରିଆଳ, ଯୁବନେତା ଜୟଚନ୍ଦ୍ର ନାୟକ ପ୍ରମୁଖ ବକ୍ତବ୍ୟ ରଖିଥିଲେ । କଂଗ୍ରେସର ହାତକୁ ହାତ ଯୋଡ କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଆଦିବାସୀ ମାନେ ଯୋଗ ଦେଇଥିଲେ ।

## ଭାରତ-ପାକ୍ ମ୍ୟାଚରେ ବେଟିଂ ଲଗାଇ ତିନି ଗିରଫ

ଜିନ୍ଦ, ୧୫/୧୦ (ନି.ପ୍ର): ଭାରତ-ପାକିସ୍ତାନ କ୍ରିକେଟ୍ ମ୍ୟାଚ୍ ସମୟରେ ସିଆଇଏ କର୍ମଚାରୀ ନରୱାନାର ବୀରବାଲ ନାଗରରେ ଏକ ଘରେ ଚଢାଉ କରି ଅନଲାଇନରେ ବେଟିଂ କରୁଥିବା ତିନି ଜଣଙ୍କୁ ଗିରଫ କରିଛନ୍ତି । ଗିରଫ ହୋଇଥିବା ତିନଜଣଙ୍କ ଠାରୁ ୪୨ହଜାର ଟଙ୍କା, ୮ଟି ମୋବାଇଲ୍, ଲାପଟପ, ଏକ୍ସଟେନସନ ଜବତ କରାଯାଇଛି । ଅଭିଯୁକ୍ତମାନଙ୍କୁ ପଚରାଉଚରା କରୁଛି ପୋଲିସ । ପୋଲିସର ସୂଚନା ମୁତାବକ, ବୀରବଲ ନଗରର ବାସିନ୍ଦା ସୁଶୀଲଙ୍କର ଘର ଉପରେ ତିନିଜଣ ଯୁବକ ଭାରତ-ପାକ ମ୍ୟାଚକୁ ନେଇ ଅନଲାଇନରେ ବେଟିଂ କାରବାର ଚଳାଇଥିବା ନେଇ ସିଆଇଏକୁ ଖବର ମିଳିଥିଲା । ଏହାପରେ ସିଆଇଏ ରେଡ୍ କରି ୩ଜଣଙ୍କୁ ଗିରଫ କରିଛି ।

## କାହାଲିଆଠାରେ ରକ୍ତଦାନ ଶିବିର ଅନୁଷ୍ଠିତ

ନୀଳଗିରି , ୧୫/୧୦ (ନି.ପ୍ର): ନୀଳଗିରି ଏନଏସି ୧୦ନଂ ୱାର୍ଡ କାହାଲିଆ ଠାରେ ସମାଜସେବୀ ତପସ୍ୱିନୀ ପଣ୍ଡାଙ୍କ ନେତୃତ୍ୱରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ନୀଳଗିରି ରକ୍ତଦାତା ସଂଘର ସମ୍ପାଦକ ବିଜୟ କୁମାର ପାତ୍ର ଓ ୧୦ନଂ ୱାର୍ଡ କାଉନସିଲର ଗୌରାଙ୍ଗ ବିନ୍ଧାଣୀ ଉକ୍ତ ଶିବିରକୁ ଉଦଘାଟନ କରିଥିଲେ। ଏହି ରକ୍ତଦାନ ଶିବିରରେ ମୋଟ ୧୮ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତଦାତା ସଂଘର ସମ୍ପାଦକ ବିଜୟ କୁମାର ପାତ୍ର ପ୍ରଥମେ ରକ୍ତଦାନ ସମ୍ପର୍କରେ ରକ୍ତଦାତା ମାନଙ୍କର ଭୂମିକା ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ରକ୍ତକେନ୍ଦ୍ରର ଟେକ୍ନିଶିଆନ ରାଜେଶ କୁମାର ଦାସ, ପ୍ରହଲ୍ଲାଦ ଗିରି ରକ୍ତ ସଂଗ୍ରହ କରିଥିଲେ। ସମାଜସେବୀ ତପସ୍ୱିନୀ ପଣ୍ଡା, ଉପେନ୍ଦ୍ର ଦାସ, ଉମାକାନ୍ତ ଦାସ, ଭାଗବତ ଦାସ, ଭାଗବତ ପରିଡ଼ା , କ୍ଷିତିଶ ପୁହାଣ ପ୍ରମୁଖ ଉକ୍ତ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ବନ୍ଧୁ ମିଳନ ଓ ସମ୍ବର୍ଦ୍ଧନା ଉତ୍ସବ




ଲଙ୍ଗଳେଶ୍ୱର , ୧୫/୧୦ (ନି.ପ୍ର): ବାଲିଆପାଳ ବ୍ଲକ କୁଣ୍ଡୁଳି ପଞ୍ଚାୟତର ନିମପଦା ଠାରେ ଥିବା ନାୟକ ରାମଚନ୍ଦ୍ର ଏକାଡେମୀ ବିଦ୍ୟାଳୟ ପରିସରରେ ପୁରାତନ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବନ୍ଧୁମିଳନ ଓ ଅବସରପ୍ରାପ୍ତ ସମୁହ ଶିକ୍ଷକ ମାନଙ୍କୁ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହେଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପତନ କୁମାର ପାତ୍ର ଉତ୍ସବରେ ସଭାପତିତ୍ୱ କରିଥିଲେ। ଏଥିରେ ଅବସରପ୍ରାପ୍ତ ଶିକ୍ଷକ ରତ୍ନାକର ଦାସ, ଶ୍ରୀ କାନ୍ତ ପ୍ରଧାନ, ମହେଶ୍ୱର କର, ବନମାଳୀ ସାହୁ, ନିଶାକର ପଣ୍ଡା, ପିଅନ ବାବାଜୀ ଗୋଛୟତ, ହରିହର ଭୂୟାଁ, ଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି। ବ୍ରଜମୋହନ ପଟ୍ଟାୟତ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିବଶଙ୍କର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ୨୦୦୮ ବ୍ୟାଚ୍ ର ଛାତ୍ରଛାତ୍ରୀ ମାନେ ସହଯୋଗ କରିଥିଲେ। କମଳାକାନ୍ତ ମଲ୍ଲିକ,ସୁଭଜୀତ୍ ବେରା, ଅର୍ଜୁନ ମଲ୍ଲିକ, ରଞ୍ଜିତା ମଲ୍ଲିକ, କବିତା ସାହୁ, ମିନାକ୍ଷୀ ଦାସ,ସ୍ୱାଗତିକା ବିଶ୍ୱାଳ, ସଞ୍ଜୟ ବେହେରା, ଜଗନ୍ନାଥ ସାହୁ,ପରଶମଣି ପଟାୟତ ସମେତ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇ ଥିଲେ।

## ଭଦ୍ରକ ଜିଲ୍ଲାରେ ସାଇବର ସୁରକ୍ଷା ଅଭିଯାନର ଉଦ୍‌ଯାପନ କାର୍ଯ୍ୟକ୍ରମ



ଭଦ୍ରକ , ୧୫/୧୦ (ନି.ପ୍ର): ସାଇବର ଅପରାଧ ରୋକିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ସାଇବର ସୁରକ୍ଷା ଅଭିଯାନ-୨୦୨୩ ଭଦ୍ରକ ଜିଲ୍ଲାରେ ସଫଳତାର ସହିତ ଶେଷ ହୋଇଛି। ଏହି ଅଭିଯାନର ଉଦ୍‌ଯାପନୀ ଉଦ୍ଦେଶ୍ୟରେ ଭଦ୍ରକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଭଦ୍ରକ ସହରକୁ ପ୍ରବେଶ ପଥ ପାର୍ଶ୍ୱରେ ଏକ ପଥପ୍ରାନ୍ତ ସଭା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଏସ୍.ପି. ବିଜୟ ରଞ୍ଜନ କେରକେଟାଙ୍କ ସଂଯୋଜନାରେ ଆୟୋଜିତ ଏହି ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ସାଂସଦ ମଞ୍ଜୁଲତା ମଣ୍ଡଳ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଏସ୍.ପି. ବରୁଣ ଗୁଣ୍ଟୁପାଲ୍ଲି, ଏ.ଜି.ଏମ୍. କାନାରା ବ୍ୟାଙ୍କ ମଧୁସୂଦନ ରାଓ ପ୍ରମୁଖ ଯୋଗଦେଇ ଏହି ଅଭିଯାନର ସଫଳତା ପାଇଁ ଗଣମାଧ୍ୟମ, ପୋଲିସ୍ ବିଭାଗ ସହ ଅନ୍ୟ ସଂପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କ ସହଯୋଗକୁ ପ୍ରଶଂସା କରିବା ସହିତ ସାଇବର ଠକାମିରୁ ବର୍ତ୍ତିବା ପାଇଁ ଯଥେଷ୍ଟ ସତର୍କତା ଅବଲମ୍ବନ ନିମନ୍ତେ ଜନସାଧାରଣଙ୍କୁ ପରାମର୍ଶ ପ୍ରଦାନ କରିଥିଲେ। କୌଣସି ଅଜଣା ଲିଙ୍କ୍‌କୁ କ୍ଲିକ୍ ନକରିବା, ନିଜର ଓ.ଟି.ପି. କାହାକୁ ନଦେବା, ଅଜଣା ବ୍ୟକ୍ତିଙ୍କ ଫ୍ରେଣ୍ଡ ରିକ୍ୱେଷ୍ଟକୁ ଗ୍ରହଣ କରିବା ପୂର୍ବରୁ ଯାଞ୍ଚ କରିବା, ଅଜଣା ସୋର୍ସରୁ ଅନଲାଇନ୍‌ରେ ଋଣ ନନେବା ଆଦି ସାଇବର ଅପରାଧ ଘଟିବା ସମ୍ବଳିତ ଅନେକ ବିଷୟ ସମ୍ବନ୍ଧରେ ଅତିଥିମାନେ ଆଲୋକପାତ କରିଥିଲେ। ନିଜେ ସଚେତନ ହେବା ସହିତ ଅନ୍ୟମାନଙ୍କୁ ସଚେତନ କରିବା ଓ ସତର୍କ ରହିଲେ ସାଇବର ଅପରାଧକୁ ରୋକିପାରିବା ବୋଲି ପ୍ରକାଶ କରିଥିଲେ। ଏହି ଅଭିଯାନର ସଫଳତା ପାଇଁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମର ଉଲ୍ଲେଖନୀୟ ସହଯୋଗ ପାଇଁ କେତେଜଣ ସଂପୃକ୍ତ ବିଭାଗୀୟ ଅଧିକାରୀ, କର୍ମଚାରୀ, ସାଇକେଲ ଚାଳନା ଓ ଗଣଦୌଡ଼ର କୃତିତ୍ୱ ପାଇଁ କେତେଜଣ ଛାତ୍ରଛାତ୍ରୀ ଓ ଯୁବକଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସଚେତନତା ଉଦ୍ଦେଶ୍ୟରେ ସଂଗୀତ ଓ ନୃତ୍ୟ କାର୍ଯ୍ୟକ୍ରମ ମଧ ପରିବେଷଣ କରାଯାଇଥିଲା। ଅତିରିକ୍ତ ଏସ୍.ପି. ବାମଦେବ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ସୂଚନାଯୋଗ୍ୟ କି ଏହି ଉଦ୍ଦେଶ୍ୟରେ ଗତ ଅକ୍ଟୋବର ୨ ତାରିଖ ଦିନ ସଚେତନତା ରଥ ଉଦ୍‌ଘାଟନ କରାଯାଇଥିଲା। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିଆରେ ଜିଲ୍ଲା ସଦରମହକୁମା ସମେତ ପ୍ରତ୍ୟେକ ପୌରାଞ୍ଚଳ, ବ୍ଲକ ସଦରମହକୁମା ଓ ଗ୍ରାମାଞ୍ଚଳରେ ଜନସାଧାରଣଙ୍କୁ ସାଇବର ଅପରାଧ ସମ୍ବନ୍ଧରେ ସଚେତନ କରାଯାଇଥିଲା। ବିଭିନ୍ନ ସ୍ଥାନରେ ଆକର୍ଷଣୀୟ ନୃତ୍ୟ, ସଂଗୀତ, ରାହାଗିରି, ପାଲା, ସାଧାରଣ ସଭା ଓ ଆଲୋଚନା ଚକ୍ର ମାଧମରେ ଏହି ଅଭିଯାନକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ପଦକ୍ଷେପ ନିଆଯାଇଥିଲା। ଜିଲ୍ଲା ସଦରମହକୁମାରେ ଏହି ଉଦ୍ଦେଶ୍ୟରେ ଗଣଦୌଡ଼, ସାଇକେଲ ଓ ମୋଟର ସାଇକେଲ ରାଲି, ସ୍କୁଲ ପିଲା, ବରିଷ୍ଠ ନାଗରିକ ଓ ମହିଳା ମାନଙ୍କୁ ନେଇ ପଦଯାତ୍ରା ମଧ ଆୟୋଜନ କରାଯାଇଥିଲା। ପ୍ରତ୍ୟେକ କାର୍ଯ୍ୟକ୍ରମରେ ଆକର୍ଷଣୀୟ ମାସ୍କଟ ସାଇରା ମଧ ଏହି ଅଭିଯାନର ସଫଳତାରେ ଏକ ପ୍ରମୁଖ ଭୂମିକା ନିଭାଇଥିଲା। ସି.ଟି. ଡି.ଏସ୍.ପି. ଅଂଶୁମାନ ଦ୍ୱିବେଦୀ, ଡି.ଏସ୍.ପି.ଡି. ଆଇ.ବି. କମଳ ଲୋଚନ ଭୂୟାଁ, ଟାଉନ୍ ଥାନାଧିକାରୀ ବୀରେନ୍ଦ୍ର କୁମାର ସେନାପତି, ପୁରୁଣାବଜାର ଥାନାଧିକାରୀ ନିରଜ କୁମାର ସାମଲ, ଇନିସ୍‌ପେକ୍ଟର ସଂଗ୍ରାମ କେଶରୀ ପଟ୍ଟନାୟକ, ବନ୍ଦନା ଦେବୀ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମ ଆୟୋଜନ ଓ ପରିଚଳନାରେ ଆନୁସଙ୍ଗିକ ସହଯୋଗ କରିଥିଲେ।

## ଟାୟାର ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ ଘଟଣା: ଜଳିଯାଇଥିବା କଙ୍କାଳ ଉଦ୍ଧାର

ଅଶୋକନଗର, ୧୫/୧୦ (ନି.ପ୍ର): ଅଶୋକନଗର ବାଇପାସ ରାସ୍ତା ଉପରେ ଥିବା ଟାୟାର ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ ଘଟଣା । ରବିବାର ତୃତୀୟ ଦିନରେ ଅଗ୍ନିକାଣ୍ଡ ବିଲ୍ଡିଂରୁ ଜଳିଯାଇଥିବା ଏକ କଙ୍କାଳ ଉଦ୍ଧାର ହୋଇଛି । କଙ୍କାଳ ନିକଟରୁ ଜଳିଯାଇଥିବା ଚଷମା ଫ୍ରେମ, ମୋବାଇଲ ଓ ବେଲ୍ଟର କିଛି ଅଂଶ ମିଳିଛି । କଙ୍କାଳ ମିଳିଥିବା ନେଇ ପୋଲିସ ସୂଚନା ପ୍ରଦାନ କରିଛି । ମାତ୍ର କଙ୍କାଳଟି କାହାର ସେ ନେଇ କୌଣସି ସୂଚନା ପୋଲିସ ପକ୍ଷରୁ ଦିଆଯାଇନାହିଁ । ତଦନ୍ତ ପରେ କଙ୍କାଳ କାହାର ଜଣାପଡିବ ବୋଲି ପୋଲିସ କହିଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo